




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ♦VOLUME- 43 ♦ISSUE-176 ♦MONDAY ♦22 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୭୬ ♦ସୋମବାର ♦୨୨ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବଢ଼ିଲା ରେଳ ଯାତ୍ରୀ ଭଡ଼ା



### ସାଧାରଣ ଶ୍ରେଣୀରେ ୨୧୫ କିମି ଯାଏ ହେବନାହିଁ ଲାଗୁ
### ଡିସେମ୍ବର ୨୬ରୁ ହେବ କାର୍ଯ୍ୟକାରୀ
### ମିଳିବ ୬୦୦ କୋଟିର ଅତିରିକ୍ତ ରାଜସ୍ୱ

■ ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି): ଆଗକୁ ମହଙ୍ଗା ହେବ ରେଳ ଯାତ୍ରା। ଭାରତୀୟ ରେଳବାଇ ଏଥର ଦୂର ଯାତ୍ରା ପାଇଁ ଭଡ଼ା ବୃଦ୍ଧି ଘୋଷଣା କରିଛି। ଏହି ନୂତନ ଭଡ଼ା ଡିସେମ୍ବର ୨୬ରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୨୧୫ କିମିରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଏଣିକି ପ୍ରତି କିମି ପାଇଁ ୧ ରୁ ୨ ପଇସା ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ। ୫୦୦ କିମିର ଅଣ-ଏସି ଯାତ୍ରା ପାଇଁ କେବଳ ୧୦ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସମସ୍ତ ଏସି ଶ୍ରେଣୀର ଅଣ-ଏସି କୋଚ୍ ପ୍ରତି କିମି ପିଛା ୨ ପଇସା ବୃଦ୍ଧି ପାଇବ। ତବେ ଲୋକାଲ ଟ୍ରେନ୍ ଏବଂ ସ୍ୱଳ୍ପ ଦୂର ଗାମୀ ଯାତ୍ରା ପାଇଁ ଭଡ଼ାରେ କୌଣସି ବୃଦ୍ଧି ହୋଇନାହିଁ। ଏହାଛଡା ମାସିକ ସିଜନ୍ ଟିକଟ (ଏମ୍‌ଏସ୍‌ଟି) ଧାରୀଙ୍କ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଚଳିତବର୍ଷ ଜୁଲାଇ ପହିଲାରେ ସରକାର ରେଳ ଭଡ଼ା ବୃଦ୍ଧି ▶ପୃଷ୍ଠା-୭

### ରାଜ୍ୟରେ ବଢ଼ିଚାଲିଛି ଦୁଷ୍କର୍ମ ଓ ମହିଳା ଅତ୍ୟାଚାର

## 'ଲୋକଙ୍କ ସରକାର' ଏକ ମିଛ ପ୍ରହେଳିକା: ନବୀନ

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟରେ ମହିଳା ଶିଶୁ ଅତ୍ୟାଚାର ଓ ହିଂସା ମାମଲା ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହାନ୍ତି। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରେ ଦୁଷ୍କର୍ମ, ଅସଦାଚରଣ ପରି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସୁଛି । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ୁଛି; ନାରୀ ହିଂସା ବୃଦ୍ଧି ଯୋଗୁଁ ଓଡ଼ିଶା କଳଙ୍କ ମୁଣ୍ଡାଉଛି  ବୋଲି ଉଲ୍ଲେଖ କରି ବିଜେପି ସରକାର କେବେ ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ନବୀନ ପଟ୍ଟନାୟକ। ସମାଜିକ ଗଣମାଧ୍ୟମ ଏକ୍ସରେ  ନବୀନ କହିଛନ୍ତି ଯେ ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରେ ପୁଣି ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ରାଜ୍ୟରେ ଆଇନଶୃଙ୍ଖଳା କୁଆଡ଼େ ଯାଉଛି?  'ଲୋକଙ୍କ ସରକାର'ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ତେଣୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।




### ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି ଭୁବନେଶ୍ୱର
### ସୁରକ୍ଷା ସୁନିଶ୍ଚିତ କରିବାରେ ସରକାରଙ୍କ ଅପାରଗତା



## ଲାଞ୍ଚ ନେଇ ଲେଫ୍ଟନାଣ୍ଟ କର୍ଣ୍ଣେଲ ଗିରଫ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ଲାଞ୍ଚ ନେବା ଅଭିଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ନିଯୁକ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କୁ ସିବିଆଇ ଗିରଫ କରିଛି। ସେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ସିବିଆଇ ଦୀପକଙ୍କ ଘରୁ ୨.୩୬ କୋଟି ଟଙ୍କା ଜବତ ମଧ୍ୟ କରିଛି। ସିବିଆଇ ତାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ୍ୟ ଏକ ମାମଲା ରୁଜୁ କରିଛି। ଚଢ଼ାଉ ସମୟରେ କାଜଲଙ୍କ ଘରୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଛି। ସେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଡିଭିଜନ ଅର୍ଡନାନ୍ସ ୟୁନିଟ୍ (ଡିଓୟୁ)ର କମାଣ୍ଡିଂ ଅଧିକାର ଅଛନ୍ତି। ଏହି ମାମଲାର ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ। ଗତ ୧୯ରେ ମିଳିଥିବା ସୂଚନା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସିବିଆଇ କହିବା ଅନୁସାରେ ଲେଫ୍ଟନାଣ୍ଟ କର୍ଣ୍ଣଲେ ପ୍ରତିରକ୍ଷା ଉତ୍ପାଦ ନିର୍ମାଣ ଓ ରପ୍ତାନିରେ ଘରୋଇ କମ୍ପାନୀଗୁଡିକୁ ଅହେତୁକ ଅନୁକମ୍ପା ଦେବା ପାଇଁ ଏହି ଲାଞ୍ଚ ନେଇଥିଲେ।



**ଘରୁ ୨.୩୬ କୋଟି ଜବତ**


## ରୁଷିଆ ସେନାରେ ୨୦୨ ଭାରତୀୟ; ୨୬ ମୃତ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାଁ ନେଉନାହିଁ। ତେବେ ରୁଷ ଭୁଆଁ ବୁଲାଇ ଏହି ଯୁଦ୍ଧରେ ଭାରତୀୟଙ୍କୁ ସାମିଲ କରୁଛି। ଯୁଦ୍ଧରେ ସାମିଲ ହୋଇ କିଛି ଭାରତୀୟ ଯୁବକ ମଧ୍ୟ ପ୍ରାଣ ହରାଇଛନ୍ତି। ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ରୁଷିଆ ସେନାରେ ୨୦୨ ଜଣ ଭାରତୀୟ ଯୁବକ ନିଯୁକ୍ତି ହୋଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ମନ୍ତ୍ରଣାଳୟ ରାଜ୍ୟସଭାରେ ଏହି ସୂଚନା ଦେଇଛି। ତେବେ ଏମାନଙ୍କ ମଧ୍ୟରୁ ୨୬ ସହିଦ ହୋଇଛନ୍ତି ଓ ଅନ୍ୟ ୭ ଜଣ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। ରୁଷିଆ ସେନାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଛି। କିନ୍ତୁ ଆହୁରି ୫୦ଜଣ ଭାରତୀୟ ଏବେ ମଧ୍ୟ ରୁଷିଆ ସେନାରେ ଫସି ରହିଥିବା ବିଶ୍ୱାସ କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛିଦିନ ତଳେ ରୁଷିଆ ତରଫରୁ ୟୁକ୍ରେନ ବିରୋଧରେ ଲଢୁଥିବା ଜଣେ ଯୁବକ ସହିଦ ହୋଇଥିଲେ। ପୈତୃକ ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।



## ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ପାଖରେ ୨୧୦୦ କୋଟି

ଆଯୋଧ୍ୟା,୨୧।୧୨(ଏଜେନ୍ସି): ଶ୍ରୀରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟକୁ ମୋଟ୍ ୪୫୭୫ କୋଟି ଟଙ୍କା ପ୍ରାପ୍ତ ହୋଇଛି। ଗତ ୫ ବର୍ଷ ୯ ମାସ ମଧ୍ୟରେ ମନ୍ଦିର ନିର୍ମାଣ, ଶ୍ରୀରାମ ଜନ୍ମଭୂମି ପରିସରର ବିସ୍ତାର, ଜମି ଓ ଭବନ କ୍ରୟ ସହିତ ଅନ୍ୟ କେତେଗୁଡିଏ କାର୍ଯ୍ୟ କରିବାରେ ଅର୍ଥ ଖର୍ଚ୍ଚ ହୋଇଛି। ଏବେ ଟ୍ରଷ୍ଟ ପାଖରେ ୨୧୦୦ କୋଟି ଟଙ୍କା ରହିଛି। ବାକି ଥିବା ଅର୍ଥକୁ ନିବେଶ କରାଯାଇଛି। ଏଥିରୁ ଅଯୋଧ୍ୟାର ଭାରତୀୟ ଷ୍ଟେଟ ବ୍ୟାଙ୍କରେ ୮୮୯.୫୨ କୋଟି, ବ୍ୟାଙ୍କ ଅଫ ବରୋଦାରେ ୩୧୩.୮୭ କୋଟି ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୬୯୪.୪୯ କୋଟି ଟଙ୍କା ଜମା କରାଯାଇଛି। ଏହା ବ୍ୟତୀତ ଟ୍ରଷ୍ଟ ୮୭ କୋଟି ମ୍ୟୁଚୁଆଲ ଫଣ୍ଡ ଓ ୪୦ କୋଟି ଟଙ୍କା ଅଟୋ ସୁଇପ୍ ଖାତାରେ ନିବେଶ କରିଛି। ବୈଠକରେ ୨୦୨୦ ଫେବୃଆରୀ ୫ରୁ ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆୟ ଓ ବ୍ୟୟ ନେଇ ଟ୍ରଷ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ଟ୍ରଷ୍ଟର ସେଭିଂ ଖାତାରେ ୮୯ ଲକ୍ଷ ଟଙ୍କା ରହିଛି। ସୁଧ ବାବଦରେ ବ୍ୟାଙ୍କରୁ ୨ କୋଟି ଟଙ୍କା ମିଳିଛି। ଟ୍ରଷ୍ଟ ପାଖରେ ଥିବା ୨୧୦୦ କୋଟି ଟଙ୍କାକୁ ଭବିଷ୍ୟତରେ ମନ୍ଦିର ପରିସରର ବିକାଶ ଓ ଅନ୍ୟ ଯୋଜନା ବାବଦରେ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।



**ମ୍ୟୁଚୁଆଲ ଫଣ୍ଡରେ ୮୭ କୋଟି ନିବେଶ**

## ବିଜେପି ଦୃଷ୍ଟିକୋଣରୁ ସଂଘକୁ ଦେଖିବା ଉଚିତ୍ ନୁହେଁ: ଭାଗବତ

କୋଲକାତା,୨୧।୧୨(ଏଜେନ୍ସି): ରାଷ୍ଟ୍ରୀୟସ୍ୱୟଂ ସେବକ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ବିଜେପି ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସଂଘ ଅର୍ଥାତ ଆରଏସ୍ଏସ୍କୁ ବିଜେପି ଦୃଷ୍ଟିକୋଣରୁ ଦେଖିବାକୁ ଠିକ୍ ନୁହେଁ। ସଂଘ କେବଳ ଏକ ସେବା ସଂଗଠନ ନୁହେଁ। ସଂଘକୁ ବୁଝିବାକୁ ହେଲେ ଏହାକୁ ଭଲ ଭାବେ ଦେଖିବାକୁ ପଡିବ। ଅନେକ ଲୋକ ବିଜେପିର ଚଷମାରେ ସଂଘକୁ ଦେଖିବାର ଭୁଲ କରିଥାନ୍ତି। ଏହା ଆଦୌ ଠିକ୍ ନୁହେଁ। ବିଜେପିକୁ ଦେଖି ସଂଘକୁ ଜଣେ ବୁଝି ପାରିବ ନାହିଁ। ଏହାକୁ ଅନୁଭବ କରିବାକୁ ହେବ ବୋଲି ଭାଗବତ କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି।

## ବିଏସ୍ଏଫ୍ ଯବାନଙ୍କୁ ଅପହରଣ କଲେ ବାଂଲାଦେଶୀ

କୋଲକାତା,୨୧।୧୨(ଏଜେନ୍ସି): ଭାରତ-ବାଂଲାଦେଶ ସୀମାରେ କିଛି ବାଂଲାଦେଶ ଗୋଚାଲାଣକାରୀ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ଯବାନ ବେଦ ପ୍ରକାଶଙ୍କୁ ଅପହରଣ କରିଛନ୍ତି। ଘନ କୁହୁଡିର ଫାଇଦା ଉଠାଇ ସେମାନେ ଯବାନଙ୍କୁ ସାଥିରେ ନେଇଯାଇଥିଲେ। କିନ୍ତୁ ପରେ ସେମାନେ ଯବାନଙ୍କୁ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି)କୁ ହସ୍ତାନ୍ତର କରିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବା ପରେ ଯବାନଙ୍କୁ ଫେରାଇ ଆଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର କୋଚ୍‌ବିହାର ଜିଲ୍ଲାର ମେଖଲିଗଞ୍ଜ ଅଞ୍ଚଳରେ ଶନିବାର ସକାଳ ୪.୪୫ରେ ଏହି ଘଟଣା ଘଟିଛି। ସେ ବିଏସ୍ଏଫ୍‌ର ୧୭୪ତମ ବାଟାଲିଅନରେ ନିୟୋଜିତ ରହିଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୦ ମୃତ

ଜୋହାନ୍ସବର୍ଗ,୨୧।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ରବିବାର କିଛି ଅଜ୍ଞାତ ବନ୍ଧୁକଧାରୀ ସଡ଼କରେ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରିଛନ୍ତି। ଏଥିରେ ୧୦ ଜଣ ମୃତ୍ୟୁବରଣ କରିଥିବାବେଳେ ସମାନ ସଂଖ୍ୟକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩, ୧୨ ଓ ୧୬ ବର୍ଷର ପିଲା ସାମିଲ ଅଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ଏହି ଆକ୍ରମଣର ଉଦ୍ଦେଶ୍ୟ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଗୌଟେଙ୍ଗ ପ୍ରୋଭିନ୍ସିଆଲ ପୁଲିସ ମୁଖପାତ୍ର ବ୍ରିଗେଡିୟର ବ୍ରେଣ୍ଡା ମୁରିଡିଲ କହିଛନ୍ତି ଯେ, ବନ୍ଧୁକଧାରୀମାନେ ସଡ଼କରେ ଅଚାନକ ଗୁଳି ଚଳାଇଥିଲେ। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ବେକରସଡାଲରର ଏକ ବାର୍ ନିକଟରେ ଏହି ଗୁଳିକାଣ୍ଡ ଘଟିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଆକ୍ରମଣକାରୀଙ୍କୁ ଖୋଜୁଛି। ଆକ୍ରମଣକାରୀଙ୍କ ପାଖରେ ଏକେ-୪୭ ଭଳି ଅତ୍ୟାଧୁନିକ ରାଇଫଲ ଥିଲା ବୋଲି ପ୍ରୋଭିନସିଆଲ ପୁଲିସ କମିଶନର ମେଜର ଜେନେରାଲ ଫ୍ରେଡ କେକାନା କହିଛନ୍ତି। ଗୁଳିକାଣ୍ଡ ଘଟାଇବା ପରେ ସେମାନେ ଲୋକଙ୍କ ମୋବାଇଲ ଫୋନ ସମେତ ମୂଲ୍ୟବାନ ଜିନିଷପତ୍ର ନେଇଯାଇଥିଲେ।

## ଏପିଷ୍ଟିନ ସହ ଟ୍ରମ୍ପ ଓ ମେଲାନିଆଙ୍କ ଫଟୋ ଗାଏବ

ୱାସିଂଟନ, ୨୧।୧୨ (ଏଜେନ୍ସି): ଯୌନ ଅପରାଧୀ ଜେଫ୍ରି ଏପିଷ୍ଟିନ ସହ ଜଡ଼ିତ ୧୬ଟି ଫାଇଲକୁ ଆମେରିକା ସରକାର ଶନିବାର ୱେବସାଇଟରୁ ହଟାଇ ଦେଇଛନ୍ତି। ଏହି ସବୁ ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ଫଟୋ ରହିଥିଲା। ଏହି ଫାଇଲରେ ଏକ ଅଙ୍କା ଯାଇଥିବା ଚିତ୍ର ଏବଂ କିଛି ଫଟୋ ରହିଥିଲା। ଏହି ଫଟୋରେ ଏପିଷ୍ଟିନ, ତାର ପ୍ରେମିକା ଗିଜଲେନ ମାସ୍କୱେଲ, ଟ୍ରମ୍ପ ଏବଂ ମେଲାନିଆ ଏକାଠି ଉଠାଇ ଥିବା ଫଟୋ ସାମିଲ ଥିଲା। ତେବେ ଏହା ହଟାଇବାକୁ ନେଇ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଏହା ପୂର୍ବରୁ ଶୁକ୍ରବାର ରାତିରେ ଏପଷ୍ଟିନଙ୍କ ୩ ଲକ୍ଷ ଦଲିଲ ଜାରି କରାଯାଇଥିଲା।

## ଅରୁଣାଚଳ ପ୍ରଦେଶରେ ପାକ୍-ଚୀନ୍ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ୍

# ଭାରତ ସୁରକ୍ଷା ପ୍ରତି ବଡ଼ ବିପଦ

ଇଟାନଗର, ୨୧।୧୨ (ଏଜେନ୍ସି):

ଅରୁଣାଚଳ ପ୍ରଦେଶରୁ ଏକ ବଡ଼ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ ହୋଇଛି। ପାକିସ୍ତାନ ସହ ଏହାର ଲିଙ୍କ ଥିବା ଜଣାପଡ଼ିଛି। ଏହା ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତାକୁ ବଢ଼ାଇ ଦେଇଛି। ଗତ ୧୦ ଦିନ ମଧ୍ୟରେ ପାକିସ୍ତାନ ସହ ଜଡ଼ିତ ଏହି ନେଟୱର୍କର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଏପରି ସମୟରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଚୀନ୍ ସେନାର ଉପସ୍ଥିତି ଏବଂ ସମ୍ଭାବ୍ୟ ଅନୁପ୍ରବେଶକୁ ନେଇ ସ୍ଥାନୀୟ ଅଧିବାସୀ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ସେନାର କାର୍ଯ୍ୟକଳାପ ଏବଂ ଅନ୍ୟ ସମ୍ବେଦନଶୀଳ ସୂଚନାକୁ ଅଭିଯୁକ୍ତମାନେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କୁ ପଠାଉ ଥିଲେ। ଏହି ନେଟୱର୍କର ଲିଙ୍କ ଚୀନ୍ ସହ ଜଡ଼ିତ ରହିଛି ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସୁରକ୍ଷା ବିଶେଷଜ୍ଞମାନେ ଏହାକୁ 'ହାଇବ୍ରିଡ ୱାର'ର ରଣନୀତି ସହ ଯୋଡ଼ି ଦେଖୁଛନ୍ତି। ଏଥିରେ ଗୁଇନ୍ଦା ନେଟୱର୍କ, ଅନୁପ୍ରବେଶ, ସାମରିକ ଚାପର ବ୍ୟବହାର କରାଯାଇଥାଏ। ରାଜ୍ୟର ଗୃହମନ୍ତ୍ରୀ ମାମା ନାତୁଙ୍ଗ କହିଛନ୍ତି ଯେ ଗୁଇନ୍ଦା କାର୍ଯ୍ୟକଳାପରେ ସାମିଲ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ୨୦୨୪ରେ ଚୀନ୍ ସେନା ଅଞ୍ଜାଓ ଜିଲ୍ଲାର କପାପୁ କ୍ଷେତ୍ରର ପ୍ରାୟ ୬୦ କିମି ଭିତର ପର୍ଯ୍ୟନ୍ତ କ୍ୟାମ୍ପ ନିର୍ମାଣ କରିଛି। ୨୦୨୨ ଭଳି ସ୍ଥିତି ଜାରି ରହିଛି। ତେବେ ସରକାର ଏହାକୁ 'ଓଭରଲ୍ୟାପିଂ ପାଟ୍ରୋଲିଂ' କୁହାଯାଉଛି। ଏହି ସମୟରେ ତିବ୍ବତର ଲୁହେଞ୍ଜି ଏୟାରବେସରୁ ଚୀନ୍‌ର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏଠାକାର ମ୍ୟାକମୋହନ ଲାଇନରୁ ପ୍ରାୟ ୪୦ କିମି ଦୂର ୩୬ ହାର୍ଡେଣ୍ଡ ଏୟାରକ୍ରାଫ୍ଟ ସେଲଟର୍ସ ନିର୍ମାଣ ଏବଂ ଷ୍ଟେଲଥ୍ ବିମାନ ମୁତୟନ କରାଯାଇଥିବା ସୂଚନା ସାମ୍ନାକୁ ଆସିଛି। ଯାଞ୍ଚ ଏଜେନ୍ସିର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ଭିତରେ ରହି ସ୍ଲିପର ସେଲ୍ ବିକଶିତ କରୁଥିଲେ। କିଛି ବାଂଲାଦେଶୀ ଯୁବକଙ୍କ ଭୂମିକା ବି ସନ୍ଦେହରେ ରହିଛି। ୱେଷ୍ଟ ସିୟାଙ୍ଗର ଏସ୍‌ପି କହିଛନ୍ତି ଯେ ଏହି ମାମଲା ଆସାମ ଏବଂ ଅରୁଣାଚଳ ସହ ଜଡ଼ିତ ଏକ ବଡ଼ ଗୁଇନ୍ଦା ମଡେଲର ଅଂଶ ହୋଇପାରେ। ଏହି ମାମଲାରେ ଗତ ୧୧ ତାରିଖରେ ଇଟାନଗରରୁ ଜମ୍ମୁ-କଶ୍ମୀର କୁପୱାଡ଼ା ଜିଲ୍ଲାର ନଜିର ଅହମ୍ମଦ ମଲିକ ଏବଂ ସବିର ଅହମ୍ମଦ ମିରଙ୍କୁ ଗିରଫ କରାଯାଇଥିଲା। ଉଭୟେ କମ୍ବଳ ବିକ୍ରି କରିବା ପାଇଁ ବୁଲୁଥିଲେ। ଏନ୍‌କ୍ରିପଟେଡ ଟେଲିଗ୍ରାମ ଚ୍ୟାନେଲ ମାଧ୍ୟମରେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଯୋଗାଯୋଗରେ ଥିଲେ। ଉଭୟଙ୍କୁ ବେଆଇନ ଅନୁପ୍ରବେଶରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର ପଠାଇବା ପାଇଁ କୋରିଅର ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଗତ ୧୩ ତାରିଖରେ କଶ୍ମୀରରୁ ଆଉ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଏହି ନେଟୱର୍କ ଆସାମ ପର୍ଯ୍ୟନ୍ତ ବ୍ୟାପିଥିବା ଜଣା ପଡ଼ିଥିଲା। ତେଜପୁରରୁ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ କୁଲେନ୍ଦ୍ର ଶର୍ମାଙ୍କ ଗିରଫ ମଧ୍ୟ ଏହାର ଅଂଶବିଶେଷ ବୋଲି କୁହାଯାଉଛି। ଅନ୍ୟପକ୍ଷରେ କଶ୍ମୀର ଏନଆଇଏ ମୁଖ୍ୟାଳୟ ନିକଟରୁ ଚୀନ୍ ଟେଲିସ୍କୋପ ମିଳିଛି। ଏହା ସୁରକ୍ଷା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏହା ମାଧ୍ୟମରେ ଭାରତରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଯାଇଥିବା ସନ୍ଦେହ କରାଯାଉଛି।

ଏବେ ଲଦାଖ, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ଭାରତ ପ୍ରାୟ ୧.୨୦ ଲକ୍ଷ ଯବାନଙ୍କୁ ମୁତୟନ କରିଛି। ଏହା ସତ୍ତ୍ୱେ ଗୁଇନ୍ଦା ନେଟୱର୍କ ସୁରକ୍ଷା ଦୃଷ୍ଟିରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏ ବିଷୟରେ ଜଣାପଡ଼ିବା ପରେ ଆସାମ ଏବଂ ପୂର୍ବୋତ୍ତର ରାଜ୍ୟରେ ତଲାସୀ ଅଭିଯାନ ଜୋରଦାର କରାଯାଇଛି। ଏହାକୁ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଧରାଯାଉଛି।

**ଅରୁଣାଚଳ ଓ କଶ୍ମୀରରୁ ୪ ଗୁପ୍ତଚର ଗିରଫ**

**କମ୍ବଳ ବିକ୍ରି ନାମରେ କରୁଥିଲେ ତଥ୍ୟ ସଂଗ୍ରହ**

**ଚୀନ୍ ଉପରେ ନଜର; ଏଲଏସିରେ କ୍ୟାମ୍ପ ନିର୍ମାଣ ଦାବି**

**କଶ୍ମୀରର ଏନ୍‌ଆଇଏ ମୁଖ୍ୟାଳୟ ନିକଟରୁ ରାଇଫଲ ଟେଲିସ୍କୋପ ଜବତ; ଅନୁପ୍ରବେଶ ଆଶଙ୍କା**




## 'ଭିବି-ଜି ରାମ ଜି ବିଲ୍'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

ନୂଆଦିଲ୍ଲୀ, ୨୧।୧୨ (ଏଜନ୍ସି): ବିରୋଧୀ ଦଳଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଏମ୍‌ଜିନରେଗା ବଦଳରେ ଅଣା ଯାଇଥିବା 'ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ' ତଥା ଭିବି-ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଅନୁମୋଦନ ଦେଇଛନ୍ତି। ଏଥିସହିତ ଏହି ବିଲ୍ ଆଇନରେ ପରିଣତ ହୋଇଛି। ଏହା ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟର ଅଧିକାରୀମାନେ କହିଛନ୍ତି। ଏହି ବିଲ୍‌ରେ କାର୍ଯ୍ୟ ଦିବସକୁ ୧୨୫ ଦିନକୁ ବଢ଼ାଇ ଦିଆଯାଇଛି। କାମ ନ ମିଳିଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏହା ଆତ୍ମନିର୍ଭର ଭାରତର ମୂଳଦୁଆକୁ ସୁଦୃଢ଼ କରିବ ଏବଂ ଗ୍ରାମୀଣ ପରିବାରକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ସମାବେଶୀ ବିକାଶରେ ଭାଗିଦାରୀ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ବିଲ୍‌ଟି ଉଭୟ ସଦନରେ ପାରିତ ହୋଇଯାଇଥିଲା। ଲୋକସଭାରେ ଏହା ଉପରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ବିରୋଧୀଙ୍କ ବିଲ୍‌କୁ ବିରୋଧ କରି ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟିଏମସି ସଦସ୍ୟ ସାରା ରାତି ଧାରଣା ଦେଇଥିଲେ। ତୁରନ୍ତ ବିଲ୍‌କୁ ପ୍ରତ୍ୟାହାର ଦାବି କରିଥିଲେ। ସରକାର ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଥିଲେ। ସେହିପରି ବିଲ୍‌ରୁ ଗାନ୍ଧୀଙ୍କ ନାମ ହଟାଇବା ତାଙ୍କୁ ଦ୍ୱିତୀୟ ଥର ହତ୍ୟା କରିବା ଭଳି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି ଚିଦମ୍ବରମ କହିଛନ୍ତି।

## ମହାରାଷ୍ଟ୍ର ପୌର ନିର୍ବାଚନ; ୨୧୪ ସିଟ୍‌ରେ ଏନ୍‌ଡିଏ ବିଜୟୀ

ମୁମ୍ବଇ, ୨୧।୧୨ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାୟୁତି ମେଣ୍ଟ ବୃହତ ବିଜୟ ହାସଲ କରିଛି। ୨୮୮ ଆସନ (୨୪୬ ନଗର ପରିଷଦ ଏବଂ ୪୨ ନଗର ପଞ୍ଚାୟତ)ରୁ ୨୧୪ଟି ମହାୟୁତି ହାତକୁ ଯାଇଛି। ତେବେ ଏହି ଫଳାଫଳକୁ ନେଇ ବିରୋଧୀ ନିର୍ବାଚନ କମିଶନ (ଇସି)ଙ୍କୁ ଦୋଷ ଦେଇଛନ୍ତି। ଇସିଙ୍କ ପାଇଁ ମହାୟୁତି ବିଜୟୀ ହେଲା ବୋଲି କଂଗ୍ରେସ ଏବଂ ଉଦ୍ଧବ ଗୋଷ୍ଠୀର ଶିବସେନା ପକ୍ଷରୁ କୁହାଯାଇଛି। ବିଜେପି ୧୨୦, ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୩୭ ଆସନ ହାତେଇଛି। ସେହିପରି ମହାବିକାଶ ଅଘାଡ଼ି କେବଳ ୫୧ଟି ଆସନ ପାଇଛି। କଂଗ୍ରେସ ୩୧, ଶିବସେନା (ୟୁବିଟି) ୧୦, ଏନସିପି (ଏସ) ୧୦ଟି ଏବଂ ଅନ୍ୟ ଦଳକୁ ୨୨ଟି ଆସନରେ ବିଜୟୀ ହୋଇଛନ୍ତି।

## ମିଥ୍ୟା ଅଭିଯୋଗରେ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳି ଥିଲେ

ଢାକା, ୨୧।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ସଂଗଠିତ ଭିଡ଼ ପିଟିପିଟି ହତ୍ୟା କରିବା ପରେ ତାଙ୍କୁ ଜାଳି ଦେଇଥିଲା। ଏବେ ଏହି ମାମଲାରେ ଗୁମର ଖୋଲି ଯାଇଛି। ମିଥ୍ୟା ଈଶ ନିନ୍ଦା ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ଫେସ୍‌ବୁକରେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ନେଇ ପୋଷ୍ଟ କରିଥିଲେ ବୋଲି ଦାବି କରାଯାଇଥିଲା। କିନ୍ତୁ ପ୍ରକୃତରେ ସେ ଏଭଳି କୌଣସି ପୋଷ୍ଟ କରି ନ ଥିଲେ ବୋଲି ଯାଞ୍ଚରୁ ଜଣାପଡିଛି। ଏନେଇ କୌଣସି ପ୍ରମାଣ ମଧ୍ୟ ମିଳିପାରିନାହିଁ। ବାଂଲାଦେଶର ରାପିଡ୍ ଆକ୍ସନ ବାଟାଲିଅନ (ଆରଏବି)ର କମାଣ୍ଡର ମହମ୍ମଦ ସମସୁଜ୍ଜମାନ ବାଂଲାଦେଶୀ ଖବରକାଗଜ 'ଦି ଡେଲି ଷ୍ଟାର'କୁ କହିଛନ୍ତି ଯେ ଦୀପୁଙ୍କ ଈଶ ନିନ୍ଦା ନେଇ କୌଣସି ପ୍ରମାଣ ମିଳିନାହିଁ। ସେ ଢାକା ନିକଟବର୍ତ୍ତୀ ଭାଲୁକାରେ ଏକ କାରଖାନାରେ କାର୍ଯ୍ୟ କରୁଥିଲେ। ଏହି କାରଖାନା ବାହାରେ ହିଁ ତାଙ୍କୁ ହତ୍ୟା କରି ଜାଳି ଦିଆଯାଇଥିଲା। ତେବେ ଏହି ଘଟଣାରେ ପୁଲିସର ଭୂମିକା ସନ୍ଦେହରେ ରହିଛି। କାରଣ ପୁଲିସ ହିଁ ତାଙ୍କୁ ଆନ୍ଦୋଳନକାରୀଙ୍କୁ ଟେକି ଦେଇଥିଲା।

ସେହିପରି ବାଂଲାଦେଶ ଛାତ୍ର ନେତା ଉସ୍ମାନ ହାଦି ହତ୍ୟା ମାମଲାରେ ନ୍ୟାୟ ପାଇଁ ଦାବି ଆହୁରି ଜୋରଦାର ହୋଇଛି। ଇନକିଲାବ ମଞ୍ଚ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଏ ନେଇ ୨୪ ଘଣ୍ଟାର ଚେତାବନୀ ଦେଇଛି। ତୁରନ୍ତ ହାଦିଙ୍କ ହତ୍ୟା ମାମଲାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଇନକିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର କହିଛନ୍ତି। ଯଦି ଏହା ନହୁଏ, ତେବେ ଶାହବାଗ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହେବ ବୋଲି ସେ ସତର୍କ କରାଇଛନ୍ତି। ଏହି କ୍ରମରେ ଜାବେର ଗୃହ ପରାମର୍ଶଦାତା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଜାହାଙ୍ଗୀର ଆଲମ ଚୌଧୁରୀ ଏବଂ ମୁଖ୍ୟ ପରାମର୍ଶଦାତାଙ୍କ ସହାୟକ ଖୁଦା ବକ୍ସ ଚୌଧୁରୀଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପଟେ ଭାରତ ବାଂଲାଦେଶରେ ଭିସା ସେବାକୁ ବନ୍ଦ କରିଦେଇଛି।

**ଖୋଲିଗଲା ବାଂଲାଦେଶୀ ଚରମପନ୍ଥୀଙ୍କ ମୁଖା**

## ଧଳା ଚାଦରରେ ଘୋଡ଼େଇ ହେଲା କଶ୍ମୀର

# ଆରମ୍ଭ ହେଲା ଶୀତ ଅବକାଶ 'ଚିଲାଇ-କଲାନ୍'



ଶ୍ରୀନଗର,୨୧।୧୨(ଏଜେନ୍ସି):

କଶ୍ମୀର ଉପତ୍ୟକାରେ ଚଳିତ ଋତୁରେ ପ୍ରଥମ ତୁଷାରପାତ ହୋଇଛି। ଏଥିସହ ଉପତ୍ୟକାରେ ୪୦ ଦିନର ଭୀଷଣ ଥଣ୍ଡା ତଥା ଶୀତକାଳୀନ ଅବଧି ଅର୍ଥାତ 'ଚିଲାଇ-କଲାନ' ଆରମ୍ଭ ହୋଇଛି। ପ୍ରତିବର୍ଷ ଡିସେମ୍ବର ୨୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଚିଲାଇ-କଲାନ ରହିଥାଏ। ଏହି ସମୟରେ ସର୍ବାଧିକ ତୁଷାରପାତ ହୋଇଥାଏ ଓ କଶ୍ମୀର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ରବିବାର କଶ୍ମୀରର ପାର୍ବତ୍ୟାଞ୍ଚଳରେ ତୁଷାରପାତ ହୋଇଥିଲା। ଗୁଲମାର୍ଗରେ ପ୍ରାୟ ଦୁଇ ଇଞ୍ଚର ତୁଷାରପାତ ହୋଇଛି। ସକାଳଠାରୁ ସୋନମାର୍ଗର ତୁଷାରପାତ ଜାରି ରହିଛି। ଚିଲାଇ-କଲାନ ଆରମ୍ଭ ହେବା ସହ କାଶ୍ମୀର ଉପତ୍ୟକାର ଏକ ନୂଆ ସ୍ଥିତି ସୃଷ୍ଟି ହୋଇଥାଏ। ଏହି ସମୟରେ ଲୋକେ ନିଜର ଶୀତବସ୍ତ୍ର ଓ ଓଭରକୋଟ ପରିଧାନ କରିଥାନ୍ତି। ଗୁରେଜ, ୱାରୱାନ ଉପତ୍ୟକା ଏବଂ ଦକ୍ଷିଣ ଓ ଉତ୍ତର କଶ୍ମୀରର ଉଚ୍ଚସ୍ଥାନ, ଯେପରିକି ସିନ୍ଥନ ଟପ୍, ରାଜଦାନ ପାସ୍, ସାଧନା ଟପ୍, ଜୋଜିଲା ଓ ସୋନମାର୍ଗରେ ପ୍ରବଳ ତୁଷାରପାତ ହୋଇଥିବାର ଖବର ମିଳିଛି। ଦ୍ରାସ୍ ଓ କାର୍ଗିଲ୍ ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟ ପ୍ରଥମ ଥର ପାଇଁ ତୁଷାରପାତ ରେକର୍ଡ କରାଯାଇଛି। ତୁଷାରପାତ ସହ କଶ୍ମୀରର ବ୍ୟାପକ ଆଦ୍ରତା ମଧ୍ୟ ସୃଷ୍ଟି ହୋଇଛି। ପୂର୍ବରୁ ପାଗ ଶୁଖିଲା ଥିଲା। ଫଳରେ ଏହି ତୁଷାରପାତ କଶ୍ମୀର ବାସିନ୍ଦାଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଏଥିସହ ଜମ୍ମୁ ଓ କଶ୍ମୀରର ଉଚ୍ଚ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ତୁଷାରପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଗାମୀ ଦୁଇ ଦିନରେ ତୁଷାରପାତ ପ୍ରବଳ ହେବ। ସେହିପରି ବର୍ଷା ହେବା ନେଇ ସତର୍କତା ମଧ୍ୟ ଜାରି କରାଯାଇଛି। ଏହି ସମ୍ଭାବ୍ୟ ବର୍ଷା କଶ୍ମୀରରେ ପ୍ରବଳ ଶୁଷ୍କ ଥଣ୍ଡାକୁ କମ୍ କରିବ ଏବଂ ହିମବାହ, ଝରଣାଗୁଡିକୁ ପୁନର୍ବାର ବ୍ୟାପକ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଶୀତକାଳୀନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ତୁଷାରପାତର ମୁକାବିଲା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଏହି ତୁଷାରପାତ କଶ୍ମୀର ବାସୀଙ୍କ ପାଇଁ ଏକ ଆଶୀର୍ବାଦ। ଏହା ଦ୍ୱାରା ବାୟୁ ସଫା ହୋଇଥାଏ। ଏହା ମଧ୍ୟ ପ୍ରଦୂଷଣକୁ ହ୍ରାସ କରିବା ସହ ଶୀତକାଳୀନ ପର୍ଯ୍ୟଟନ ଋତୁକୁ ଆରମ୍ଭ କରିବାରେ ସହାୟ ହୋଇଥାଏ। ତେବେ ସବୁ ପ୍ରକାର ସ୍ଥିତିକୁ ମୁକାବିଲା କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ଉମର କହିଛନ୍ତି।

ସେପଟେ ଦେଶର ମଧ୍ୟ ଓ ଉତ୍ତରଭାଗରେ ପ୍ରବଳ ଶୀତ ଅନୁଭୂତ ହେଉଛି। ବିଭିନ୍ନ ଅଞ୍ଚଳରେ ଘନ କୁହୁଡି ଜାରି ରହିଛି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼ ସମେତ ଦେଶର ୧୮ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି। ମଧ୍ୟପ୍ରଦେଶରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି। ଶାହଡୋଲର କଲ୍ୟାଣପୁରରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



ସଟ୍‌ଲର୍ ୟଙ୍ଗ୍‌ଙ୍କ କୀର୍ତ୍ତିମାନ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-176 ◆MONDAY ◆22 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୬ ◆ସୋମବାର ◆୨୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନାକେଦମ୍ କରିବ କୁହୁଡ଼ି

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି। ଏହାସହ କିଛି କିଛି ସ୍ଥାନରେ ଘନ କୁହୁଡ଼ି ଲୋକଙ୍କୁ ନାକେଦମ୍ କରିଛି। ବର୍ତ୍ତମାନ ଏକ ପଶ୍ଚିମା ଝଡ଼ ସକ୍ରିୟ ହୋଇଥିବା କାରଣରୁ କୁହୁଡ଼ିର ପ୍ରଭାବ ବଢ଼ିଥିବା ବେଳେ ଏହା ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ଆକଳନ କରାଯାଇଛି। ପଶ୍ଚିମାଝଡ଼ର ଆଗମାନ ପ୍ରଭାବରେ ରାଜ୍ୟକୁ ବର୍ତ୍ତମାନ ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ସାମୁଦ୍ରିକ ବାୟୁର ପ୍ରବାହ ବୃଦ୍ଧି ହୋଇଛି। ଏହାପ୍ରଭାବରେ ରାତିର ତାପମାତ୍ରା ମଧ୍ୟ କମିବାର ସମ୍ଭାବନା ରହିଛି। ମୁଖ୍ୟତଃ ବାୟୁମଣ୍ଡଳର ତଳ ସ୍ତରରେ ଜଳୀୟବାଷ୍ପର ବୃଦ୍ଧି ସହ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ରବିବାର ରାଜ୍ୟର ଉତ୍ତର ଏବଂ ଆଭ୍ୟନ୍ତରୀଣ ଭାଗରେ କୁହୁଡ଼ି ଦୃଶ୍ୟମାନ ହୋଇଛି। ବିଶେଷ କରି ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେତୁ ଲୋକେ ନାହିଁ ନ



ଥିବା ସମସ୍ୟାରେ ପଡ଼ିଛନ୍ତି। ସୋମବାର ମଧ୍ୟ ସମାନ ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ▶ପୃଷ୍ଠା-୭

### 'ଭିବି ଜି-ରାମ୍ ଜି'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

# ଓଡ଼ିଶା ଉପରେ ୨୦୦୦ କୋଟିର ବୋଝ

## ମନରେଗା ତୁଳନାରେ ଖର୍ଚ୍ଚ ୫୫୦% ବଢ଼ିବ

## ସୁଭଦ୍ରା ଓ ଧାନ ସବ୍‌ସିଡି ପରେ ରାମ୍-ଜି ବୋଝ

■ ଭୁବନେଶ୍ୱର, ୨୧।୧୨ (ପ୍ରଦୀପ ଭାରତୀ): ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ବିକଶିତ ଭାରତ-ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)-୨୦୨୫ (ଭିବି ଜି-ରାମ୍-ଜି) ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନମୋଦନ ମିଳିଛି। ଫଳରେ ଏହି ନୂତନ ଯୋଜନା ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ସ୍ଥାନରେ କାର୍ଯ୍ୟକାରୀ ହେବା ନିଶ୍ଚିତ ହୋଇ ଯାଇଛି। ତେବେ ପୂର୍ବ 'ମନରେଗା' ଓ ନୂତନ 'ଭିବି ଜି-ରାମ୍-ଜି' ଯୋଜନା ମଧ୍ୟରେ ପରିବର୍ତ୍ତନ ଓ ଆର୍ଥିକ ସହାୟତା ଦୃଷ୍ଟିରୁ ରାଜ୍ୟଗୁଡ଼ିକ ଉପରେ ଅଧିକ ବୋଝ ପଡ଼ିବା ନିଶ୍ଚିତ ହୋଇଛି। ଏହି




କ୍ରମରେ ମନରେଗା ପରିବର୍ତ୍ତେ 'ରାମ-ଜି' କାର୍ଯ୍ୟକାରୀ ହେବା ଦ୍ୱାରା କେବଳ ଓଡ଼ିଶା ଉପରେ ୨୦୦୦ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ ବୋଲି ଆକଳନ କରାଯାଇଛି।

ପୂର୍ବରୁ 'ମନରେଗା' ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶା ମଧ୍ୟ ନଗଣ୍ୟ ଅର୍ଥ ଖର୍ଚ୍ଚ କରୁଥିଲା। ଏହି ଯୋଜନାର ସିଂହ ଭାଗ ଅର୍ଥ କେନ୍ଦ୍ର ସରକାର ବହନ କରୁଥିଲେ ଓ ରାଜ୍ୟ ସରକାର ନିଜର ଅଂଶଧନ ବାବଦରେ ଖୁବ୍ କମ୍ ଅର୍ଥ ବ୍ୟୟ କରୁଥିଲେ। ମାତ୍ର 'ଭିବି ଜି-ରାମ୍-ଜି' ଯୋଜନାରେ ଅନ୍ୟ ପ୍ରମୁଖ ଯୋଜନା ଭଳି ୬୦-୪୦ ହାରରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିବେ ବୋଲି ▶ପୃଷ୍ଠା-୭

### ଓଲଟିଲା ପିକ୍‌ନିକ ବସ୍

# ଜଣେ ମୃତ, ୧୭ ଆହତ

■ ପାତ୍ରପୁର, ୨୧।୧୨ (ସମିସ): ଜରଡ଼ା ଥାନା ଅନ୍ତର୍ଗତ ବୁରାତାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ନିକ୍ ବସ ଓଲଟି



ପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ବ୍ରହ୍ମପୁର ଶ୍ରୀରାମନଗର ଅଞ୍ଚଳର ରତନା ବିଷୋୟୀ (୪୮)। ଆହତମାନଙ୍କ ମଧ୍ୟରେ ଜିତେନ୍ଦ୍ର ଦାସ, ଗୋପାଳ ସେଠୀ, ମନୋଜ କୁମାର ସାହୁ, ଶିବ ପ୍ରସାଦ ପ୍ରଧାନ, ଶୁଭମ୍ କୁମାର ସାହୁ, କେ. ଗଣେଶ ▶ପୃଷ୍ଠା-୭

### ବ୍ୟାନରରୁ ଫଟୋ ଗାଏବ

# ମଞ୍ଚ ଉପରେ ଅସନ୍ତୋଷ ଝାଡ଼ିଲେ ବିଜେପି ସାଂସଦ

■ ଝାରସୁଗୁଡ଼ା, ୨୧।୧୨ (ସମିସ): ବ୍ୟାନର୍‌ରେ ଫଟୋ ନଥିବା ଦେଖି ରାଗି ନିଆଁବାଣ ସାଂସଦ। ଭାଷଣ ଦେବା ବେଳେ ମଞ୍ଚ ଉପରୁ ଅସନ୍ତୋଷ ଝାଡ଼ିଲେ। ପ୍ରୋଟୋକଲ୍ ସଂପର୍କରେ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିବା ସହ ଜଣେ ନିର୍ବାଚିତ ସାଂସଦଙ୍କୁ କାହିଁକି ଅପମାନିତ କରାଯାଉଛି ବୋଲି ସିଧାସଳଖ ପଚାରିଲେ। ଝାରସୁଗୁଡ଼ା ଜିଲ୍ଲା କୋଲାବିରାଠାରେ ଆୟୋଜିତ କୃଷକ ସମାବେଶରେ ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ନିଜ ଦଳ ଓ ସରକାର ବିରୋଧରେ ଏପରି ଢଙ୍ଗରେ ଅସନ୍ତୋଷ ଝାଡ଼ିବା ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

### କ୍ଷମା ପ୍ରାର୍ଥନା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ


ସୂଚନାନୁଯାୟୀ, ଏହି କୃଷକ ସମାବେଶର ବ୍ୟାନର୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଫଟୋ ▶ପୃଷ୍ଠା-୭



### ଗୋପାଳପୁରରେ ପୁଣି ଲଜ୍ଜା

# ଜଙ୍ଗଲରେ ମହିଳାଙ୍କୁ ଦୁଷ୍କର୍ମ

■ ବ୍ରହ୍ମପୁର, ୨୧।୧୨ (ସମିସ): ଗୋପାଳପୁରରେ ପୁଣି ଲଜ୍ଜା। ବେଳାଭୂମିରେ ଜରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏହି ଥାନା ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ମଣି ଦାସ(୨୭)। ସୂଚନାନୁସାରେ, ଗୋପାଳପୁର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଗତ ଗୁରୁବାର ସନ୍ଧ୍ୟାରେ ମଣି ଜୋରଜବରଦସ୍ତ ଏକ ସ୍କୁଟିରେ ନେଇ ନିକଟସ୍ଥ ଏକ ଜଙ୍ଗଲ ଭିତରେ ଦୁଷ୍କର୍ମ କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ



ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ମଣିକୁ ପୁଲିସ ନିଜ ଗ୍ରାମରୁ ଗିରଫ କରିବା ସହ ତା'ଠାରୁ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ କରିଛି। ଏହାସହ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।




**ସରିଆଁ ହାଇସ୍କୁଲ ଶିକ୍ଷାର୍ଥୀଙ୍କ ଗୁରୁପୂଜନ**

# ‘ଗୁରୁଙ୍କ ଆଶୀର୍ବାଦ ଶିଷ୍ୟକୁ କାଳଜୟୀ କରିଥାଏ’

**ଭବାନୀପାଟଣା, ୨୧।୧୨(ସମିସ)**

ସନାତନ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ସର୍ବୋଚ୍ଚ ସ୍ଥାନରେ ରହିଆସିଛି। ଗୁରୁଙ୍କ ଆଶୀର୍ବାଦ ହିଁ ମନୁଷ୍ୟ ଜୀବନର ବଡ଼ ପୁଞ୍ଜି। ଜଣେ ସାଧାରଣ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ଯୋଗୁଁ କାଳଜୟୀ ହୋଇ ପାରିଥାଏ ବୋଲି ସରିଆଁ ହାଇସ୍କୁଲରେ ଆୟୋଜିତ ଗୁରୁପୂଜନ ଅବସରରେ ମତ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଶିକ୍ଷାନୁଷ୍ଠାନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁ ପାଳନ କରୁଛି ରଜତ ଜୟନ୍ତୀ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ, ଶିକ୍ଷକ ଗଙ୍ଗାନାରାୟଣ ଦାଶ, କୈଳାସ ଚନ୍ଦ୍ର ଭୋଇ, ଉମାକାନ୍ତ ଭୋଇ, ଶିକ୍ଷୟିତ୍ରୀ ମିନତି ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାହୁ, ସଲିଳ ରଞ୍ଜନ ସିକଦାର, ଅବସରପ୍ରାପ୍ତ କିରାଣୀ ପ୍ରମୋଦ ଚନ୍ଦ୍ର ଭୋଇ, ସେବକ କପିଳ ମଟାଲି ଓ ସାଧୁରାମ ସାହୁ, ଅବସରପ୍ରାପ୍ତ ସେବକ ଭୋଳାନାଥ ଧଙ୍ଗଡ଼ାମାଝୀ ପ୍ରମୁଖ ଯୋଗଦେଇଥିଲେ। ଗୁରୁମାନେ ଶିଷ୍ୟମାନଙ୍କୁ




ଆଶୀର୍ବାଦ ପ୍ରଦାନ କରିଥିଲେ। ପରିଚାଳନା କରିଥିଲେ ପୁରାତନ ଶିକ୍ଷାର୍ଥୀ ସୁଧୀର କୁମାର ଧଙ୍ଗଡ଼ାମାଝୀ। ରମେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଭୁପିନ୍ଦର ସିଂ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ଓ ପୂର୍ବତନ ବିଧାୟକ କୁମରମଣି ଶବର, ମୁଖ୍ୟ ବକ୍ତା ଭାବେ ପ୍ରସନ୍ନ ମେହେର, ସମ୍ମାନିତ ଅତିଥି ହରିଶଙ୍କର ମାଝୀ, ଗଙ୍ଗାନାରାୟଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଶିକ୍ଷାର୍ଥୀ ମିହିର କୁମାର ଭୋଇଙ୍କ ରଚନା ଓ ନିର୍ଦ୍ଦେଶନାରେ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ‘ଧରନୀ’ ଦର୍ଶକଙ୍କୁ ଆମୋଦିତ କରିଥିଲା।

**■ କାଉଡୋଲା-ଲଡୁଗାଁ ପ୍ରଧାନମନ୍ତ୍ରୀ ସଡ଼କ**

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ପାର୍ଶ୍ୱର ଅନାବନା ଗଛ

**କୋକସରା, ୨୧।୧୨ (ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ କାଉଡୋଲା ଛକ ଠାରୁ ଲଡୁଗାଁକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କର ଉଭୟ ପାର୍ଶ୍ୱରେ ଅନାବନା ଗଛ ଭରି ରହିଛି। ଯାହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ରାସ୍ତାର ଦୁଇ ପାର୍ଶ୍ୱରେ ଏମିତି ଅନାବନା



ଗଛ ଗୁଡ଼ିକ ବଢ଼ି ଯାଇଛି ଯେ ବିପରୀତ ଦିଗରୁ କୌଣସି ଯାନବାହାନ ଆସୁଛି କି ନାହିଁ ତାହା ଜଣାପଡୁନାହିଁ। ତେଣୁ ଟିକିଏ ଅସାବଧାନତା ହେଲେ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ହେବା ଆଶଙ୍କା ରହିଛି। ଲଡୁଗାଁ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ବିଭିନ୍ନ ସ୍ଥାନରୁ ଲୋକ ଦୈନିକ କାରବାର ପାଇଁ ଆସୁଥିବା ବେଳେ ଶିକ୍ଷ ସଂସ୍ଥାକୁ ଶହ ଶହ ଯାନବାହାନ ଯା’ଆସ କରିଥାଏ। ଅନ୍ୟପଟେ ଡାକ୍ତର ଖାନା, ବ୍ୟାଙ୍କ, ସ୍କୁଲ, କଲେଜ ଓ ଦୋକାନ ବଜାର କାର୍ଯ୍ୟ ପାଇଁ ମଧ୍ୟ ଲଡୁଗାଁ କୁ ଅନବରତ ସକାଳୁ ରାତି ପର୍ଯ୍ୟନ୍ତ ଲୋକେ ରାସ୍ତା ଉପରେ ହିଁ ନିର୍ଭର କରିଥାନ୍ତି। ରାସ୍ତା ପାର୍ଶ୍ୱରେ ଅନାବନା ଗଛ ପାଇଁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁ ଥିବା ନଜିର ରହିଛି। କାଉଡୋଲା ବସ୍‌ଷ୍ଟାଣ୍ଡ ଠାରୁ ଲଡୁଗାଁ ପ୍ରାୟ ୫କିମି. ଥିବାବେଳେ କାଉଡୋଲାରୁ ସୁନାମାଳ ଯିବା ବାଟରେ ଅନେକ ବୁଲାଣିରେ ଅନାବନା ଘାସ ଓ ଗଛ ରହିଛି। ପଥିକମାନେ ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟି ଅମୂଲ୍ୟ ଜୀବନ ଚାଲିଯିବାର ଆଶଙ୍କା ରହିଛି। ବୁଲାଣିମାନଙ୍କରେ କୌଣସି ସଂକେତ ସୂଚନା ନ ଦେବାରୁ ଲୋକେ ବୁଲାଣି ବିଷୟରେ ମଧ୍ୟ ଅବଗତ ନ ଥିବାରୁ ବେଳେ ବେଳେ ଦୁର୍ଘଟଣା ଘଟୁଥିବା ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଖଜୁରୀ ତାଡ଼ି ଜବତ, ଜଣେ ଗିରଫ

**ସିନାପାଲି, ୨୧। ୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ଥାନା ଅଧିନ ନୂଆମାଲପଡ଼ାରେ ବେଆଇନ ଖଜୁରୀ ତାଡ଼ି ବିକ୍ରି ବେଳେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ତାଡ଼ି ଓ ଏକ ବାଇକ ଜବତ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତେଲେଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲ୍ଲା ଅକିନେପଲ୍ଲି ଗ୍ରାମର ଇରୁକଲା ସେଖର (୪୫)। ନୂଆମାଲପଡ଼ା ଗ୍ରାମରେ ବେଆଇନ ଭାବେ ତାଡି ବିକ୍ରି ହେଉଥିବା ବିଭାଗ କୌଣସି ସୂତ୍ରରୁ ଖବର ପାଇ ସିନାପାଲି ଅବକାରୀ ଥାନା ଅଧିକାରୀ ସନ୍ତୋଷ ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଅବକାରୀ ଟିମ ନୂଆମାଲପଡ଼ା ଗ୍ରାମରେ ଚଢ଼ଉ କରିଥିଲା। ଏନେଇ ସିନାପାଲି ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ; କନ୍ଧମାଳକୁ ହରାଇ ଛତିଶଗଡ଼ ବିଜୟୀ



**ସିନାପାଲି, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ସ୍ଥିତ ବୁଢ଼ାରଜା ମିନି ଷ୍ଟାଡିୟମରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ୍ ସିଜନ- ୭ ର ଏକ ଲିଗ ମ୍ୟାଚ୍‌ରେ କନ୍ଧମାଳ ଏକାଦଶକୁ ହରାଇ ଛତିଶଗଡ଼ ଏକାଦଶ ବିଜୟୀ ହୋଇଛି। କନ୍ଧମାଳ ଏକାଦଶ୨୦ ଓଭର ରେ ସମସ୍ତ ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଛତିଶଗଡ଼ ଏକାଦଶ ୧୨.୫ ଓଭର ରେ ୫ ୱିକେଟ ବିନିମୟ ରେ ୧୪୦ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଆଜିର ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖରବନ୍ଧ ସରପଞ୍ଚ ବେଣୁଧର ଦୀପ, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବୈଠାରୁ, ଭୂତେଶ୍ୱର ବୈଠାରୁ, ଭୁବନେଶ୍ୱର ବୈଠାରୁ, ରାମ ବିଶି ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

**ନୂଆପଡ଼ା/କୋମନା, ୨୧।୧୨(ସମିସ):** ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଅଧ୍ୟକ୍ଷ ବିଘ୍ନରାଜ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ସମ୍ମାନିତ ଅତିଥି ଅଶ୍ୱିନୀ ଓତା, ଶିବପ୍ରସାଦ ସା, ଅଧ୍ୟାପକ ଡ.ଦୀପକ କୁମାର ଦାଶ ଓ ବଚନଭୋଇ ଯୋଗଦାନ କରିଥିଲେ। ଅଶ୍ୱିନୀ ଓତା, ଶିବ ପ୍ରସାଦ ସା, ଅଶୋକ କୁମାର ପାଣ୍ଡିଆ, ହେମନାଥ ଭୋଇ, ବିଶ୍ୱନାଥ ମିଶ୍ର, ଡ. ତରୁଣ କୁମାର ପ୍ରଧାନ, ରଶ୍ମୀ ରଞ୍ଜନ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ସୁଜାତା ବଙ୍ଗୋଳା, ପ୍ରିତିବନ୍ୟା ପାଢ଼ୀ, ହରପ୍ରସାଦ ଯୋଶୀ, ସୋମନାଥ ମାଝୀ, ଜୟନ୍ତୀ ମାଝୀ, ଅର୍ଚ୍ଚନା ନାଏକ, ଶ୍ରେୟା ଭୋଇ, ଶଙ୍କର ବୈଠାରୁ, ସନତ ରଥ, କୁନୁ ମହାରଣା, ଲାଲୁ ନାଗ, ନରେଶ୍ ନାଏକ ସହଯୋଗ କରିଥିଲେ। ମୟାଧର ସରାଫ୍ ପତାକା ଅବତରଣ କରିଥିଲେ। ପ୍ରାୟ ୧୩୦ ଜଣ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟା ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସଭାକୁ ଆଧାପକ ଡ. ଦାପକ କୁମାର ଦାଶ ପରିଚାଳନା କରିଥିଲେ।

# ହାଡ଼ଭଙ୍ଗା ଶୀତରେ ଥରୁଛି କୋକସରା

**କୋକସରା, ୨୧।୧୨ (ସମିସ) :** ଗତ କିଛିଦିନ ହେଲା କଳାହାଣ୍ଡି ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାବେଳେ କୋକସରା ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। କୋକସରା ଅଞ୍ଚଳରେ କିଛି ଦିନ ହେଲା ପାରଦ



୮. ଡିଗ୍ରି ତଳକୁ ଖସିଥିବା ସୂଚନା ମିଳିଛି। ଫଳରେ ଅଞ୍ଚଳରେ ହାଡ଼ଭଙ୍ଗା ଶୀତର ପ୍ରକୋପ ବଢୁଛି। ଏଥିପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି। ଶୀତ ଯୋଗୁଁ ସକାଳୁ ପଦାକୁ ବାହିରିବା ଏକ ପ୍ରକାର ମୁସ୍କିଲ ହୋଇପଡ଼ିଥିବାଳେ ଦିନ ୧୧ ଟା ପରେ ଲୋକେ ଘରୁ ବାହାରକୁ କୌଣସି କାମ ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ଏଣେ ପ୍ରବଳ ଥଣ୍ଡା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି। ଖରା ଆସିଲେ ମଧ୍ୟ ଦିନତମାମ ଶୀତ ହେଉଥିବା ବେଳେ ସଞ୍ଜ ନଇଁଲେ ତାପମାତ୍ରା ହ୍ରାସ ପାଉଛି। ଶୀତର ପ୍ରକୋପ ଯୋଗୁଁ ରାସ୍ତାଘାଟ ସବୁ ଶୂନଶାନ ହୋଇ ଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଗାଁରେ ତଥା ରାସ୍ତା କଡ଼ରେ ଲୋକେ ସ୍ଥାନେସ୍ଥାନେ ନିଆଁ ପୋଇଁବାର ଦୃଶ୍ୟ ଦେଖିବାକୁ ମିଳୁଛି। ବସଷ୍ଟପ୍, ପଦାରେ ଆଶ୍ରୟ ନେଉଥିବା ଯାତ୍ରୀ, ଏହି ହାଡ଼ଭଙ୍ଗା ଶୀତ ଯୋଗୁଁ ବିପନ୍ନ ହୋଇପଡୁଛି। ଗତବର୍ଷ ଏହି ସମୟରେ ରାଜ୍ୟ ସରକାର ବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତାବେଳେ କମ୍ବଳ ପାଇଁ ମଧ୍ୟ ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଚଳିତବର୍ଷ ସରକାର ବୃଦ୍ଧ ବୃଦ୍ଧା ମାନଙ୍କୁ କୋଣସି ଏମିତି ସୁବିଧା ଦେଇ ନାହାନ୍ତି। ସରକାର ଏହି ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣ ଦାବି ହେଉଛି।

# ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ସ୍ଥିତ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରରେ ବାର୍ଷିକ ଉତ୍ସବ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ସୁବୋଧ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀ, ଲମ୍ବୋଦର ସାହୁକାର, ମୁଖ୍ୟବକ୍ତା ଭାବେ କଥାକାର ସୁନୀଲ କୁମାର ମହାପାତ୍ର, ଗଗନ ବିହାରୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରାଜକିଶୋର ରଣାଙ୍କ ନେତୃତ୍ୱରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଧ୍ରୁବଚରଣ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଲିପୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋତିମାଳା ରାଉତ, ଦୀପାଞ୍ଜଳି ବାଗ, ଅଧ୍ୟାପକ ବୀରେନ୍ଦ୍ର କୁମାର ସାହୁ, ପ୍ରସନ୍ନ କୁମାର ବେହେରା, ଶିବାଜୀ ବାରିକ, ଜିତୁ ରଣା, ଚୂଡ଼ାମଣି ସାହୁ, ଶାନ୍ତନୁ ସାହୁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବୁଢ଼ାରଜା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗୋଲାମୁଣ୍ଡା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ହାତୀରାମ ବିଦ୍ୟାପୀଠ ଖେଳପଡ଼ିଆଠାରେ ଶନିବାର ବୁଢ଼ାରାଜା ସାଂସ୍କୃତିକ ଆନୁଷ୍ଠାନ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ପ୍ରଥମ ରାଉଣ୍ଡରେ କର୍ଲା ଓ ତମ୍ବାଛଡ଼ା ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିବାବେଳେ ତମ୍ବାଛଡ଼ା ଦଳ ୮୩ ରନ ସଂଗ୍ରହ କରିଥିଲା। କର୍ଲା ଦଳ ୮୪ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିବା ବେଳେ ଦୀତ୍ୱିୟ ରାଉଣ୍ଡ ରେ ବୋରଗୁଡା ଓ ବଡଚେରଗାଁ ମଧ୍ୟରେ ଖେଳ ହୋଇଥିଲା। ବୋରଗୁଡ଼ା ୧୦୧ ରନ ସଂଗ୍ରହ କରି ଥିବାବେଳେ ବଡ଼ ଚେରଗାଁ ଦଳ ୧୦୨ ରନ କରି ବିଜୟୀ ଲାଭ କରିଥିଲେ। ଖେଳ ପରିଚାଳକ ଭାବେ ସିଦ୍ଧାର୍ଥ କଟା ଓ ଲୋକନାଥ ଗଡ଼ତିଆ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି ଛନ୍ଦା ଚରଣ ପ୍ରଧାନ, ଉପସଭାପତି ଅଭିମନ୍ୟୁ ଦାଶ, ସମ୍ପାଦକ ରୁପସିଂ ନାଏକ୍, କୋଷାଧ୍ୟକ୍ଷ ବସନ୍ତ ଗଡ଼ତିଆ, ସମାଜସେବୀ ଅନନ୍ତ ବେହେରା, ସୁବାସ ପାଧନ, ମୁରଲୀଧର ବାଗ, ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।



# ଟିମନପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ସିନାପାଲି, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଟିମନପୁରସ୍ଥି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶିବୁ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅଷ୍ଟମ ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ଏଥିରେ ସିନାପାଲି ପୁଲିସ ଏଏସ୍‌ଆଇ ପ୍ରଭାକର ନାୟକ ଓ ହାବିଲଦାର ଅଭିରାମ ଘିଭେଲା ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ଲଛମନ ସାମଲଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବାଳିକା ବର୍ଗରେ କଳ୍ପନା ମଞ୍ଜରି ମାଝୀ ଓ କନିଷ୍ଠ ବାଳକ ବର୍ଗରେ ଜଜେଞ୍ଜସ କୁମାର ନାଏକ ଚାମ୍ପିଅନ ହୋଇଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ଣ୍ଣକର୍ମୀ, ରୋଶନି ନାଏକ, ଅଙ୍କିତ ଶେଖର ବାରିକ, ସୁନିଲ କୁମ୍ଭାର, ପ୍ରଦୀପ ବେହେରା, ଲିପିକା ଲୁହା, ନିହାରିକା ନନ୍ଦ, ଅପରାଜିତା ପାତ୍ର, ରୋହିତ ସରାଫ, ମାନସ ବାଗ, ହେମଲତା ଚନ୍ଦ୍ରାକର, ଦିପାଞ୍ଜଳି ସାହୁ, ଦେବାଶିଷ ମିଶ୍ର, ରଜନୀକାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ରେଗଡ଼ା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଭ୍ୟୁଦୟ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ବିଡିଓ ସୁଚରିତା ମୁଗ୍ରୀ, କର୍ଲାମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ସଞ୍ଜୟ କୁମାର ଦାସ, ଇଂରାଜୀ ଅଧ୍ୟାପକ ହିରୋଜ କୁମାର ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ମୁକେଶ ଥପା ସଂଯୋଜନା କରିଥିବା ବେଳେ ପ୍ରଜ୍ଞାଦୀପ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସୋନାଲି ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନନ୍ଦ କିଶୋର ରଣାଙ୍କୁ ଶିକ୍ଷା ଜ୍ୟୋତି ସମ୍ମାନ ଓ ଅବସରପ୍ରାପ୍ତ ସୈନିକ ବିଷ୍ଣୁ ପୁଟା ସେବା ନିଧୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଝିଟିକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ନୂଆପଡ଼ା, ୨୧।୧୨(ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝିଟିକିଠାରେ ଶନିବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ୟୁଜ କୁମାର ପାଣ୍ଡେ, ସମ୍ମାନିତ ଅତିଥି ଭାବରେ ବଳରାମ ଚନ୍ଦ୍ରକାର, ଖାମ ସିଂ ରାଉତ, ପରମେଶ୍ୱର ପାଣ୍ଡେ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଟୋପରାମ ବରିହା ପରିଚାଳନା କରିଥିଲେ। କ୍ରୀଡା ପ୍ରତିଯୋଗିତାର ସଫଳ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ କେଲଚନ ସାହୁ, ପରମେଶ୍ୱର ନାଗ ଓ ଶିକ୍ଷୟିତ୍ରୀ ଶକୁନ୍ତଳା କୁର୍ରେ ସହଯୋଗ କରିଥିଲେ।

**ବିଭିନ୍ନ ସ୍ଥାନରେ ବାର୍ଷିକ କ୍ରୀଡ଼ା**

# କ୍ରୀଡ଼ା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ





**ନୂଆପଡ଼ା, ୨୧।୧୨(ସମିସ)**

ନୂଆପଡ଼ା ଜିଲ୍ଲା ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖରିଆରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ମୁଖ୍ୟଅତିଥି, ଡ଼.ଶିବ ପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ଦାସ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ନୂଆପଡ଼ା ସାମ୍ବାଦିକ ସଂଘ(ଜାନ) ଅଧ୍ୟକ୍ଷ ଘନଶ୍ୟାମ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅଭିଭାଷଣରେ ଅତିଥିମାନେ କ୍ରୀଡ଼ାକୁ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରିଥିଲେ। ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ବିକାଶ ରଞ୍ଜନ ମନ୍ତ୍ରୀ, ସନ୍ଦୀପ ଚନ୍ଦ୍ରକାର, ଭାରତ ପ୍ରଧାନ, ନାରାୟଣ ବେହେରା ସୁଚାରୁରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଧବଳେଶ୍ୱର ସାହୁ, ବିଭୂଚନ୍ଦନ ଦାସ, ଓମ ପ୍ରକାଶ ସୂପକାର, ନନ୍ଦିଘୋଷ ଭୋଇ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବସନ୍ତ ମେହେର, ସରୋଜ କୁମାର ପଟେଲ, ସୁଲକ୍ଷଣି ସାହୁ, ଅପର୍ଣ୍ଣା ପଣ୍ଡା, ତୃପ୍ତିସ୍ମିତା ଜଗତ, ସୁଶ୍ରୀ ତୃପ୍ତିମୟୀ ଶବର, ନମିତା ଶବର ମୈଥିଲୁ ମର୍ସୀ ନାଗ, ମଧୁସ୍ମିତା ଶତପଥୀ, ଅନୁରାଧା ସାହୁ ଓ ଫୁଗୁଲାଲ ସୁନାନୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

**ଥୁଆମୂଳରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଥୁଆମୂଳ ରାମପୁର ଅତିରିକ୍ତ ତହସିଲଦାର ସନାତନ ମହାରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ପ୍ରଧାନଶିକ୍ଷକ କୃତ୍ତିବାସ ନାଏକ, ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାମଲ, ଉଦୟ ସିଂହ ମାଝୀ, ଜଗଦୀଶ ଶବର, ଟଙ୍କଧର ଜାନୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜିତ ପ୍ରତିଯୋଗିତା ଗୁଡିକରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ହିମାଂଶୁ ଶେଖର ମାଝୀ, ଲିଙ୍ଗରାଜ ଖମାରୀ ଏବଂ ଅଭିଜିତ ଦାସ, ମହେନ୍ଦ୍ର କୁମାର ବିଶ୍ୱାଳ ଅଧ୍ୟକ୍ଷ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ବିଜ୍ଞାନ)ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଜୟଶଙ୍କର ମାହାର, ମିତ୍ରଭାନୁ ନାଏକ, ଚାଞ୍ଚଲ୍ୟ କୁମାର ବାଗ, କାଶୀନାଥ ଭୋଇ, ପୁର୍ଣ୍ଣଚନ୍ଦ୍ର ବେହେରା, ମୌସୁମୀ ଦାଶ, ହିମାଂଶୁ ଶେଖର ନାୟକ, ସଞ୍ଜୀବ ଖୁରା, ହେମାଙ୍ଗିନୀ ସୁନା, ଲକ୍ଷ୍ମୀପ୍ରୀୟା ନାଏକ, ଚିନ୍ତାମଣି ଗଡ଼ତିଆ, ଏବଂ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାରିକାମଞ୍ଜରୀ ଦୁର୍ଗା, ରାଜକିଶୋର ଜେନା, ତପସ୍ୱିନୀ ସୁନାନୀ, ଭବାନୀ ଶଙ୍କର ଦାଶ, ସମିର ରଞ୍ଜନ ସାହୁ ଏବଂ ସଞ୍ଜୁଲତା ନାୟକ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ସହଯୋଗ କରିଥିଲେ।

## ବେଆଇନ ପିସ୍ତଲ କାରବାର; ଜଣେ ଗିରଫ

**ରାଉରକେଲା, ୨୧।୧୨(ସମିସ):** ବେଆଇନ ପିସ୍ତଲ କାରବାର ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ବୁରୁଟୋଲା ଅଞ୍ଚଳରେ ଭଡା ଘରେ ରହୁଥିବା ବଜରଙ୍ଗ ଓରଫ ପ୍ରଦ୍ୟୁମ୍ ସିଂ(୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ପିସ୍ତଲ, ଜୀବନ୍ତ



ଗୁଳି ଓ ବାଇକ୍ ଜବତ କରାଯାଇଛି। ଶନିବାର ବୁରୁଟୋଲା ଅଞ୍ଚଳରେ ଏହି କାରବାର ହେଉଥିବା ନେଇ ସୂଚନା ମିଳିଥିଲା। ଇନ୍ସପେକ୍ଟର ଗଗନ ନାୟକଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସଂଗ୍ରାମ କେଶରୀ ସ୍ୱାଇଁ, ଏଏସଆଇ ବିକେ ନାୟକଙ୍କ ସମେତ ଏକ ଟିମ୍ ଚଢ଼ଉ କରି ବଜରଙ୍ଗକୁ ଧରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ପରେ ସେ ଝାଡ଼ଖଣ୍ଡ ରାଜ୍ୟରୁ ପିସ୍ତଲ ଆଣି ରାଉରକେଲା ଓ ସୁନ୍ଦରଗଡ଼ରେ ବିକ୍ରି କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଅପରପକ୍ଷରେ ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଦେଇ ପିସ୍ତଲ ଚାଲାଣ ହେଉଥିବା ବେଳେ ସୀମାରେ ନିୟୋଜିତ ଯବାନମାନେ କିପରି ଜାଣିପାରୁ ନାହାନ୍ତି ତାହା ସାଧାରଣରେ ପ୍ରଶ୍ନ ଉଠିଛି।

## ଶଯ୍ୟାଶାୟୀ ରୋଗୀଙ୍କୁ ଗୁଣ୍ଡୁଚିର ସହାୟତା

**ରାଉରକେଲା, ୨୧।୧୨(ସମିସ):** ସେବାଧର୍ମୀ ସାମାଜିକ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ମଧୁସୂଦନପାଲି ବସ୍ତିର ଶଯ୍ୟାଶାୟୀ ରୋଗୀ ଜୟସିଂ ଗଗରାଇଙ୍କୁ ସହାୟତା



ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଶ୍ରୀ ଗଗରାଇଙ୍କ ଝିଅ ରବିନା ଗଗରାଇ ହୁଇଲ୍‌ଚେୟାର ସହାୟତା ପାଇଁ ଅନୁଷ୍ଠାନ ନିକଟରେ ଆବେଦନ କରିଥିଲେ। ଏନେଇ ରବିନା ଅନୁଷ୍ଠାନକୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସଭାପତି ଭଗବାନ ରାଉତ, କୋଷାଧ୍ୟକ୍ଷ ସତ୍ୟଜିତ ସୁତାର, ସହ ସାଧାରଣ ସମ୍ପାଦକ ଅମୂଲ୍ୟ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ହିମାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାମକୃଷ୍ଣ ମିଶନରେ ପୁରସ୍କାର ବିତରଣ ସମାରୋହ



**ରାଉରକେଲା, ୨୧।୧୨(ସମିସ):** ଛାତ୍ରଛାତ୍ରୀମାନଙ୍କର ଚାରିତ୍ରିକ ଏବଂ ବୌଦ୍ଧିକ ବିକାଶ ଉଦ୍ଦେଶ୍ୟରେ ରାମକୃଷ୍ଣ ମିଶନ ଆନୁକୂଲ୍ୟରେ ରାଉରକେଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚାରୋଟି ପର୍ଯ୍ୟାୟରେ ଚିତ୍ରାଙ୍କନ, ସଂକ୍ଷିପ୍ତ ଭାଷଣ, ଗୀତା ପାଠ ଏବଂ ରଚନା ବିଭାଗ ଆଦିରେ ପ୍ରତିଯୋଗିତା କରାଯାଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏକ ବିଶେଷ ଉତ୍ସବରେ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ଅଂଶ ଗ୍ରହଣ କରିଥିବା ସମସ୍ତ ୩୫୦ ଜଣ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପଦକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ତଥା ପରିଚାଳକ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ମୁଖ୍ୟ ଦେବଜ୍ୟୋତି ରାୟ ଥିଲେ। ଉତ୍ସବରେ ଭୁବନେଶ୍ୱରର ରାମକୃଷ୍ଣ ମଠ ଓ ମିଶନର ଅଧ୍ୟକ୍ଷ ସ୍ୱାମୀ ଆବ ପ୍ରଭା ନନ୍ଦ ସଭାପତିତ୍ୱ କରିଥିଲେ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପୂର୍ବତନ ମୁଖ୍ୟ ଅତନୁ ଭୌତିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମିଶନର ପୂର୍ବତନ ସଚିବ ବୁଦ୍ଧ ଦେବାନନ୍ଦ ଯୋଗ ଦେଇଥିଲେ। ରାଉରକେଲା ମିଶନର ବର୍ତ୍ତମାନର ସଚିବ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ, ଅର୍ଜୁନ ପୁରସ୍କାର ବିଜେତା ରମେନ ଘୋଷ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନର ସଭାପତି ଭାରତ ଭୂଷଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଗୋରା ଚାନ୍ଦ ଘୋଷ, ନଗେନ ରାୟ ପ୍ରମୁଖ ସହାୟତା କରିଥିଲେ। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ‘ସ୍ଥାୟୀ ଭବିଷ୍ୟତ ପାଇଁ ରସାୟନ ବିଜ୍ଞାନ’ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ରାଉରକେଲା, ୨୧।୧୨(ସମିସ)**




ସ୍ଥାୟୀ ଭବିଷ୍ୟତ ପାଇଁ ରସାୟନ ବିଜ୍ଞାନ-୨୦୨୫’ ଶୀର୍ଷକ ଜାତୀୟ ସମ୍ମିଳନୀ ଓ ଓଡ଼ିଶା ରାସାୟନିକ ସମାଜର ୩୯ତମ ବାର୍ଷିକ ସମ୍ମିଳନୀ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲାର ରସାୟନ ବିଜ୍ଞାନ ବିଭାଗରେ ଉଦ୍‌ଘାଟିତ ହୋଇଛି। ଏହି ତିନି ଦିନିଆ ସମ୍ମିଳନୀ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସମାରୋହରେ ବେଙ୍ଗାଲୁରୁର ଜବାହରଲାଲ ନେହେରୁ ସେଣ୍ଟର ଫର୍ ଆଡଭାନ୍ସଡ୍ ସାଇଣ୍ଟିଫିକ୍ ରିସର୍ଚ୍ଚର ପ୍ରଫେସର ଏଚ୍. ଇଲା ଅତିଥି ଭାବରେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଓଡ଼ିଶା କେମିକାଲ ସୋସାଇଟିର ସଭାପତି ପ୍ରଫେସର ସ୍ମୃତିପ୍ରଭା ଦାସ, ଓସିଏସର ସଚିବ ତଥା କୋଷାଧ୍ୟକ୍ଷ ପ୍ରଫେସର ଏ. ଆଚାର୍ଯ୍ୟ ଏବଂ ଏନଆଇଟି ରାଉରକେଲାର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଗରୁଡଧ୍ୱଜ ହୋତା ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ଏନ୍‌ଆଇଟି ରାଉରକେଲାର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଗୋକର୍ଣ୍ଣେଶ୍ୱର ସାହୁ, ପ୍ରଫେସର ସବିତା ପଟେଲ ଏବଂ ପ୍ରଫେସର ସରୋଜଲୋଚନ ସାମଲ ସଂଯୋଜନା କରିଥିଲେ। ଏହି ସମ୍ମିଳନୀରେ ୨୩୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଓଡ଼ିଶାର ପ୍ରଖ୍ୟାତ ରସାୟନବିଦଙ୍କ ସ୍ମୃତିରେ ପାଞ୍ଚଟି ସ୍ମାରକୀ ବକ୍ତୃତା, ଗୋଟିଏ ପୂର୍ଣ୍ଣାଙ୍ଗ ବକ୍ତୃତା, ଚାରୋଟି ମୁଖ୍ୟ ବକ୍ତୃତା, ଏଗାରଟି ନିମନ୍ତ୍ରିତ ବକ୍ତୃତା, ଏଗାରଟି ପୁରସ୍କାର ବକ୍ତୃତା, ୨୮ଟି ମୌଖିକ ଉପସ୍ଥାପନା ଏବଂ ୯୮ଟି ପୋଷ୍ଟର ଉପସ୍ଥାପନା କରାଯିବ। ଏହି ଅବସରରେ ପ୍ରଫେସର କେ. ଉମାମହେଶ୍ୱର ରାଓ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ଏକ ଆତ୍ମନିର୍ଭର ଭାରତ ଗଠନରେ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସମାଜର ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଏଚ୍. ଇଲା ଏନଆଇଟି ରାଉରକେଲାକୁ ଏକ ସ୍ୱଚ୍ଛ, ସବୁଜ ଏବଂ ସୁଚିନ୍ତିତ କ୍ୟାମ୍ପସ ବଜାୟ ରଖିବା ପାଇଁ ପ୍ରଶଂସା କରିଥିଲେ। ସେ ଉତ୍ପାଦନ, ଗବେଷଣା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମେତ ବହୁବିଧ କ୍ଷେତ୍ରରେ ରସାୟନ ବିଜ୍ଞାନର ବିଶାଳ ପରିସର ଉପରେ ଆଲୋକପାତ କରିଥିଲେ। ଯୁବ ଗବେଷକମାନଙ୍କୁ ବିବିଧ କ୍ୟାରିଅର ସୁଯୋଗକୁ ଅନଲକ୍ କରିବା ପାଇଁ ଦୃଷ୍ଟି ଏବଂ ଦୃଢ଼ତାର ସହିତ ଏହି ଶୃଙ୍ଖଳା ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ। ଓସିଏସର ସଭାପତି ପ୍ରଫେସର ସ୍ମୃତିପ୍ରଭା ଦାସ ରାସାୟନିକ ଶିଳ୍ପର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ଭାରତର ଜିଡିପିରେ ପ୍ରାୟ ୭ ପ୍ରତିଶତ ଅବଦାନ ରଖେ। ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ପାଇଁ ଭାରତର ଆକାଂକ୍ଷା କୃଷି ଅବଶିଷ୍ଟାଂଶରୁ ପ୍ରାପ୍ତ ଜୈବ-ଭିତ୍ତିକ ଏବଂ ବିଶେଷ ରାସାୟନିକ ପଦାର୍ଥ, ଏନଜାଇମ ଏବଂ ବାୟୋପଲିମରର ବିକାଶ ଉପରେ ନିର୍ଭର କରେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡ. ବୁଲା ବେହେରାଙ୍କୁ ଓଡ଼ିଶା କେମିକାଲ ସୋସାଇଟିର ଲାଇଫଟାଇମ ଲ୍ୟୁମିନାରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକଙ୍କ ସମେତ ଓସିଏସ୍‌ର ପୂର୍ବତନ ସଭାପତି ପ୍ରଫେସର ବିଜୟ କେ. ମିଶ୍ର, ପ୍ରଫେସର ସତ୍ୟବାନ ଜେନା, ପ୍ରଫେସର ଏସ୍‌ସି ଦାସ, ପ୍ରଫେସର ଏକେ. ପଟ୍ଟନାୟକ, ପ୍ରଫେସର ଶଶଧର ସାମଲ, ପ୍ରଫେସର ଏସ୍‌ଏନ୍ ମହାନ୍ତି, ପ୍ରଫେସର ରୂପଶ୍ରୀ ରାଗିଣୀ ଦାସ, ପ୍ରଫେସର ଅଜୟ କେ. ବେହେରା ଉପସ୍ଥିତ ଥିଲେ। ଏହି ୩ ଦିନିଆ ସମ୍ମିଳନୀରେ ଦେଶର ପ୍ରମୁଖ ପ୍ରତିଷ୍ଠାନର ବକ୍ତାମାନେ ସେମାନଙ୍କର ବିଶେଷଜ୍ଞତା ବାଣ୍ଟିବେ।

## ‘ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଆବେଦନ’ ଆଲୋଚନାଚକ୍ର




**ରାଉରକେଲା, ୨୧।୧୨(ସମିସ):** ବାସନ୍ତୀ ପାଠାଗାର ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବିର୍ସା ମୁଣ୍ଡା ନଗର ଶାଖା, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏହି ଅବସରରେ ‘ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଆବେଦନ’ ସମ୍ପର୍କରେ ଆଲୋଚନାଚକ୍ର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଥିଲା। ବିର୍ସା ମୁଣ୍ଡା ନଗର ଶାଖାର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱ, ସମ୍ପାଦକ ଆଶିଷ କୁମାର ହୋତାଙ୍କ ଆବାହକତ୍ୱ, ସହ ସମ୍ପାଦିକା ଅଧ୍ୟାପିକା ସୁଶ୍ରୀ ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତ ମୁଖ୍ୟଅତିଥି, ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକ ସଞ୍ଜୀବ କୁମାର ଭୋଇ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ନିଜର ମତ ରଖିଥିଲେ। ସାମ୍ପ୍ରତିକ ସ୍ଥିତିରେ ଗଳ୍ପର ମାଧୁର୍ଯ୍ୟ, ବିଷୟ ଚୟନ, ଆଙ୍ଗିକ ଗଠନ, ଉପସ୍ଥାପନା, ସାମାଜିକ ବାର୍ତ୍ତା ରହିଥିଲେ ପାଠକୀୟ ଆଦୃତି ଲାଭ କରିବ ବୋଲି ମତ ପ୍ରକାଶ ପାଇଥିଲା। ଗୌତମ ଦାସ ‘ବାତ୍ୟା ଫାଇଲିନ’ ଶୀର୍ଷକ ଉପରେ ଏକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଶୀତ ବିଶେଷାଙ୍କ ଉପରେ କବିତା ପାଠ କରାଯାଇଥିଲା। କବି ସୁଭାଷିନୀ ସାହୁ ଓ କିଶୋରୀ ମୋହନ କରଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ପ୍ରତାପ କୁମାର ପଣ୍ଡା, ଅମୀୟ କୁମାର ମହାନ୍ତି, ବ୍ରଜେନ୍ଦ୍ର ଦାଶ, ଦୀପକ ସାହୁ, ଆଶିଷ କୁମାର ହୋତା, ଗୌତମ ଦାସ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶାଖାର ଉପସଭାପତି ଅଧ୍ୟାପକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁଦତ୍ତ ବେହେରା, ସ୍ୱର୍ଣ୍ଣଲତା ଘଡେଇ, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ନିରୁପମା ଚାନ୍ଦ, କୌଶଲ୍ୟା ମହାରଣା, ଧରିତ୍ରୀ ପାଇକରାୟ, ଗୀତାଞ୍ଜଳି ମହାରଣା, ପ୍ରିୟା ପାତ୍ର, କମଳ ଆଚାର୍ଯ୍ୟ, ରାଜଲକ୍ଷ୍ମୀ ସେନାପତି, ଶ୍ରୀକାନ୍ତ ପାଣିଗ୍ରାହୀ, ପ୍ରୀତମ ମହାନ୍ତି, ଗୌତମ ସିଂହ, ସଞ୍ଜୟ କୁମାର ପ୍ରଧାନ, କବିତା ଦାଶ, ବସନ୍ତ ମହାରଣା, ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ସ୍କୁଲରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ



**ରାଉରକେଲା, ୨୧।୧୨(ସମିସ):** ସେକ୍ଟର ୧୬ ସ୍ଥିତ ଡିଏଭି ସ୍କୁଲରେ ଶନିବାର ଚିତ୍ରକଳା କ୍ରାଫଟ, ସମାଜ ବିଜ୍ଞାନ, ବିଜ୍ଞାନ, ସାହିତ୍ୟ ଓ ଗଣିତ ପ୍ରଦର୍ଶନୀ ଆୟୋଜିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ ରମେଶଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମୂଲ୍ୟାଙ୍କନ ପାଇଁ ଶ୍ରୀ ପାତ୍ର ଚିତ୍ରକଳା ଓ କ୍ରାଫ୍ଟ ବିଭାଗର ଶିକ୍ଷୟିତ୍ରୀ ବନିତା ପୁରୋହିତ ଓ ମଧୁମିତା ବେହେରାଙ୍କୁ ସହଯୋଗ କରିଥିଲେ। ବିଜ୍ଞାନ ବିଭାଗ ଓ ଗଣିତ ବିଭାଗକୁ ଅତିଥି ବିଚାରକ ମୀନା ନାଏକ ଓ ପାୟଲ ସାହୁ ମୂଲ୍ୟାଙ୍କନ କରିଥିଲେ। ଅନୀତା ଦାସ, ସୁସ୍ମିତା ଜେନା, ସସ୍ମିତା ଦାସ, ସ୍ମିତା ପରିଡ଼ା ଓ ମାନସ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟାନ୍ୟ ବିଭାଗକୁ ରଞ୍ଜନ ସାହୁ, ଭବାନୀ ପ୍ରଧାନ, ସୁନିତା ଗିରି ଓ ସରୋଜା ବାରା ମୂଲ୍ୟାଙ୍କନ କରିଥିଲେ। ସୁନିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ଅଧ୍ୟକ୍ଷ ରାଜେଶ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସରସ୍ୱତୀ ଶିଶୁ ବଦ୍ୟାମନ୍ଦିରର ବାର୍ଷିକୋତ୍ସବ



**ରାଉରକେଲା, ୨୧।୧୨(ସମିସ):** ସୁନ୍ଦରଗଡ଼ ସହରସ୍ଥିତ ଡେଙ୍ଗିଭାଡ଼ି ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ମହାନଦୀ କୋଲ୍‌ଡ ଲିମିଟେଡର ସାଧାରଣ ପ୍ରବନ୍ଧକ ଜୀତେନ୍ଦ୍ର କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ବିଦ୍ୟାଳୟର ସାଧାରଣ ସମ୍ପାଦକ ବିଭସ୍ୱ କୁମାର ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ସୁନୀଳ କୁମାର ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚଳନା କମିଟିର ସଭାପତି ଡ. ଗୌରିଶଙ୍କର ପଟେଲ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଗୁରୁଜୀ ଓ ଗୁରୁମାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ ପରିଚାଳନରେ ସହଯୋଗ କରିଥିଲେ।

## ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

**ରାଉରକେଲା, ୨୧।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସ୍ପନ୍ଦନ ଆୟୋଜିତ ୩୬ତମ ସର୍ବଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ ସିଭିକ ସେଣ୍ଟର୍ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ, ଆର୍‌ଏସ୍‌ପି ମୁଖ୍ୟ ମହାପ୍ରବନ୍ଧକ ତପନ ଜି କାନେକର, ୱାଟର କ୍ରାଫ୍ଟ ନିର୍ଦ୍ଦେଶିକା ନିହାରିକା ବସ୍ତିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ରାଉରକେଲାରେ ସ୍ପନ୍ଦନ ପକ୍ଷରୁ ଏଭଳି ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ନାଟକ କଳାକାରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାପତି ପ୍ରଫେସର ଡ. ସମର ମୁଦାଲି ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ। ସାଧାରଣ ସମ୍ପାଦକ ତଥା ପରିବେଷିତ ନାଟକ ‘ଜହର ଜହ୍ନ’ର ନିର୍ଦ୍ଦେଶକ ସମର ମୁଦୁଲିଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ ତଥା ଶାଗୁଣା ବସିଛି ଡେଣା ମେଲାଇ ଯାତ୍ରା ନାଟକର ରଚୟିତା ସ୍ୱର୍ଗତ ଏସ୍. ଦାସଙ୍କ ରଚିତ ବହୁ ଚର୍ଚ୍ଚିତ ନାଟକ ‘ଜହର ଜହ୍ନ’କୁ ସ୍ପନ୍ଦନ କଳାକାରମାନେ ପରିବେଷଣ କରିଥିଲେ। ପ୍ରଫେସର ମୁଦାଲିଙ୍କ ନିର୍ଦ୍ଦେଶିତ ନାଟକର ସଙ୍ଗୀତ ନିର୍ଦ୍ଦେଶକ ଶକ୍ତି ପ୍ରସାଦ ମିଶ୍ର ଓ ରାଜେଶ ଶତପଥୀ ମଞ୍ଚ ସାଜସଜ୍ଜା କରିଥିଲେ। ଭୁବନେଶ୍ୱରର ନୃସିଂହ ବେହେରା ଓ ସଂଗ୍ରାମ ଜେନା ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏସ୍. ବରାଳ, ରାଜେଶ ପ୍ରସାଦ, ଅଜିତ ସ୍ୱାଇଁ, ଅଞ୍ଜଳି ମୁଣ୍ଡାରୀ, ରିତୁ ମୁଣ୍ଡାରୀ, ରେଣୁକା ମୁଣ୍ଡାରୀ, ଅଞ୍ଜଳି ସାଣ୍ଡିଲ୍, ନିତ୍ୟାନନ୍ଦ ଜେନା, ସୁଦାମ ମିଶ୍ର, ଶିଶିର ମୁଦୁଲି, ମିହିର ପରିଜା, ନିତ୍ୟାନନ୍ଦ ଜେନା, ବନ୍ଦନା ଦାସ ସହଯୋଗ କରିଥିଲେ।

## ଜିଙ୍ଗଲ ବେଲ ଇଂଲିଶ ସ୍କୁଲର ବାର୍ଷିକୋତ୍ସବ

**ରାଉରକେଲା, ୨୧।୧୨(ସମିସ):** ଛେଣ୍ଡ ସ୍ଥିତ ଜିଙ୍ଗଲବେଲ ଇଂଲିଶ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ ସ୍ୱୟଂ ଶାସିତ କଲେଜର ପ୍ରାକ୍ତନ ରିଡର ଡ. ଅଶ୍ୱିନୀ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସ୍କୁଲ ଡିଆଇ ରଶ୍ମିବାଳା ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍କୁଲ ପ୍ରିନ୍‌ସିପାଲ ଶେଫାଳି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସ୍କୁଲ ପରିଚାଳନା କମିଟିର ସେକ୍ରେଟାରୀ ଆଇନଜୀବୀ ଶରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିଭାଙ୍ଗି ପଣ୍ଡା ଓ କମଳ ଲୋଚନ ଗାରୁ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦେବେନ୍ଦ୍ର ମହାରଣା, ଶାଳିନୀ ପଣ୍ଡା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ୍‌ର ଆଲୋଚନାଚକ୍ର

# ‘ଦେଶ ସ୍ୱାଧୀନତାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ରହିଥିଲା’




**ରାଉରକେଲା, ୨୧।୧୨(ସମିସ)**

ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ (ଏଆଇଏଲୟୁ) ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଆଇନ୍ ମହାବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟ ସଭା ଗୃହରେ ଶୁକ୍ରବାର ‘ପରିବର୍ତ୍ତିତ ସମାଜରେ ଆଇନଜୀବୀ’ଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଲୟର୍ସ ୟୁନିୟନ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଲୟର୍ସ ୟୁନିୟନର ଜିଲ୍ଲା ସାଧାରଣ ସମ୍ପାଦକ ରାଜକିଶୋର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନା ସଭାରେ ମୁଖ୍ୟବକ୍ତା ଭାବେ ଲୟର୍ସ ୟୁନିୟନର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, ରାଉରକେଲାର ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର, ରାଉରକେଲା ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂ ରଞ୍ଜନ ପଟ୍ଟନାୟକ, ଉପାଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି, ଡ. ପ୍ରଜ୍ଞାପରମିତା ପଣ୍ଡା, ଲୟର୍ସ ୟୁନିୟନର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅରିନ୍ଦମ ଦତ୍ତ ପ୍ରମୁଖ କହିଥିଲେ, ଦେଶ ସ୍ୱାଧୀନତା ଆନ୍ଦୋଳନରେ ଆଇନଜୀବୀମାନଙ୍କ ଏକ ପ୍ରମୁଖ ଭୂମିକା ରହିଥିଲା। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ମଧୁସୂଦନ ଦାସଙ୍କ ପର୍ଯ୍ୟନ୍ତ ଆଇନଜୀବୀମାନେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ ଅବିସ୍ମରଣୀୟ ଓ ବର୍ଣ୍ଣ ବୈଷମ୍ୟ ବାଦ ବିରୋଧୀ ମହାରା ଗାନ୍ଧୀଙ୍କ ଆନ୍ଦୋଳନରେ ବହୁ ଆଇନଜୀବୀ ସାମିଲ ହୋଇଥିବା କହିଥିଲେ। ଆଜି ଦିନରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ଆଇନଜୀବୀ ମାନେ ପୂର୍ବସୁରୀ ମାନଙ୍କ ପରି ନିଜର ଭୂମିକା ନିର୍ବାହନ କରିବାକୁ ମୁଖ୍ୟବକ୍ତା ଶ୍ରୀ ପଙ୍ଗାରୀ ଆହ୍ୱାନ କରିଥିଲେ। ଏହି ଅବସରରେ ବହୁ ଆଇନଜୀବୀ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଲୟର୍ସ ୟୁନିୟନର ଜିଲ୍ଲା ଉପ ସଭାପତି ଚନ୍ଦ୍ରଭାନୁ ଦାସ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



**ରାଉରକେଲା, ୨୧।୧୨(ସମିସ):** ଆଜି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପୂର୍ବତନ ବିଧାୟିକା କୁସୁମ ଟେଟେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କରମଡିହି ସ୍ଥିତ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିବା ସହ ପ୍ରଶିକ୍ଷକ, ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି କରମଡିହି ସ୍ଥିତ ଗ୍ରାମୀଣ ଶିଳ୍ପ ପାର୍କ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସିଲାଇ ଓ ପ୍ୟାକେଜିଂ ୟୁନିଟର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମହୁଆ ପ୍ୟାକେଜିଂ କାର୍ଯ୍ୟକଳାପକୁ ମଧ୍ୟ ସମୀକ୍ଷା କରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନିଜର ବିକାଶ ପାଇଁ ସତ୍ୟନିଷ୍ଠା ଓ ପରିଶ୍ରମ ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଏହି ଗସ୍ତ ସମୟରେ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଝା, ଓଡ଼ିଆ ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟୋପ୍ପୋ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## (ଅ)ପବିତ୍ର ଆଇନ

ଶାସକ ଦଳର ଅଭିଯୋଗ ଅନୁଯାୟୀ 'ଏମନରେଗା' ରଦ୍ଦ କରିବା ପଛରେ ମୁଖ୍ୟ କାରଣ ଥିଲା ଏହା ଜନ୍ମ ଦେଇଥିବା ଦୁର୍ନୀତି। ଲକ୍ଷ ଲକ୍ଷ ଭୂତ ଜବକାର୍ଡ ମାଧ୍ୟମରେ କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ନିରାଧାର ନୁହେଁ। ତେଣୁ ଗଳାବାଟଗୁଡ଼ିକୁ ବନ୍ଦ କରି ଯୋଜନାକୁ ଅଧିକ ସମୟୋପଯୋଗୀ, ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବାରେ କାହାର କିଛି ଆପତ୍ତି ନଥିଲା। ଏ ଦାୟିତ୍ୱ ସରକାରଙ୍କର। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଆଇନଟିକୁ ରଦ୍ଦ କରିଦେବା 'କ୍ଷତର ଉପଚାର ବଦଳରେ ସମ୍ପୂର୍ଣ୍ଣ ଅଙ୍ଗଟିକୁ କାଟି ଫୋପାଡ଼ି ଦେବା' ଭଳି ହୋଇ ନାହିଁ କି? ଏ ପ୍ରଶ୍ନ ଏବେ ସବୁମହଲରେ ଉତ୍ତର ଅପେକ୍ଷାରେ ଘୂରି ବୁଲୁଛି। ଯଦି ଦୁରୁପଯୋଗ ଓ ଦୁର୍ବଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ଯୋଜନାକୁ ଏଭଳି ସମ୍ପୂର୍ଣ୍ଣ ବନ୍ଦ କିମ୍ବା ଆଇନଗୁଡ଼ିକୁ ଉଚ୍ଛେଦ କରିଦିଆଯାଏ କିମ୍ବା ବ୍ୟବସ୍ଥାକୁ ବିଲୋପ କରିଦେବାର ଉଦ୍ୟମ ହୁଏ, ତେବେ ଦେଶରେ 'ଆଇନର ଶାସନ' କେଉଁ ଦିଗକୁ ଯିବ ତାହା ଅନୁମେୟ। ଏଠାରେ ଆଉ ଏକ ପ୍ରଶ୍ନ ଉଠୁଛି ଯେ କ'ଣ କେବଳ 'ଏମ୍‌ନରେଗା' ହିଁ ଦୁର୍ନୀତିଯୁକ୍ତ; ଆଉ ସବୁ ସ୍ୱଚ୍ଛ? ଏହାର ଉତ୍ତର ଖୋଜିବା ବେଳେ ନିକଟରେ ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ)ଙ୍କ ୨୦୧୫ରେ ପ୍ରଣୀତ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)'ର ଗତ ୭ ବର୍ଷର ସ୍ୱଚ୍ଛତା ଓ ଦକ୍ଷତା ପ୍ରସଙ୍ଗରେ ଦେଇଥିବା ରିପୋର୍ଟ ଉପରେ ଦୃଷ୍ଟି ପକାଯାଉ।

ସଂସଦର ସଦ୍ୟସମାପ୍ତ ଶୀତ ଅଧିବେଶନରେ ଉପସ୍ଥାପିତ ସିଏଜିଙ୍କ ରିପୋର୍ଟର ସାରାଂଶ ଅନୁଯାୟୀ, ଏହି ଯୋଜନା ଅଧୀନରେ ଗୋଟିଏ ସମାନ ନମ୍ବରରେ, ଗୋଟିଏ ଫଟୋରେ ଲକ୍ଷାଧିକ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ୩୪ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ସହାୟତା ରାଶି ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ, ହଜାର ହଜାର ସଂଖ୍ୟାରେ ତାଲିମ୍‌କେନ୍ଦ୍ରଗୁଡ଼ିକ ବନ୍ଦ ହୋଇପଡ଼ିଛି। ୧.୩୨ ଲକ୍ଷ ଯୁବବର୍ଗଙ୍କୁ ତାଲିମ୍ ଜରିଆରେ କୁଶଳୀ କରି କର୍ମସଂସ୍ଥାନ ଯୋଗାଇ ଦେବା ଏବଂ ସ୍ୱାବଲମ୍ବନ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଏହି ଯୋଜନାରେ ତିନି ପର୍ଯ୍ୟାୟରେ ୧୪, ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ସିଏଜି ଧରିବା ସହିତ ୨୦୨୫ ମେ ସୁଦ୍ଧା ବେରୋଜଗାର ହାର ୧୫ ପ୍ରତିଶତକୁ ଛୁଇଁଥିବା ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ଏହି ଯୋଜନା ତା'ର ମୂଳ ଲକ୍ଷ୍ୟରେ ବିଫଳ ହେବା ସହିତ ବ୍ୟାପକ ଦୁର୍ନୀତିକୁ ଜନ୍ମ ଦେଇଛି। ବିଡ଼ମ୍ବନା ହେଉଛି ସମାନ ଅଭିଯୋଗ ଆଧାରରେ 'ଏମନରେଗା'କୁ ରଦ୍ଦ କରାଯାଇଥିବା ବେଳେ 'ପିଏମ୍‌କେଭିୱାଇ' ପ୍ରତି ସେଭଳି ବିପଦର ଆଶଙ୍କା ନାହିଁ।

ସିଏଜି ରିପୋର୍ଟରେ ଯେଉଁ ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି ସେଥିମଧ୍ୟରେ ମୋଟ ୯୫, ୯୦, ୮୦୧ ହିତାଧିକାରୀଙ୍କ ମଧ୍ୟରୁ ୯୪.୫୩ %ଙ୍କ ବ୍ୟାଙ୍କ ଆକାଉଣ୍ଟ ସବିଶେଷ ବିବରଣୀ ନାହିଁ କିମ୍ବା ଆଦୌ ନାହିଁ। ୧୨, ୧୨୨ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ୧୧୧୧୧୧୧୧୧୧ କିମ୍ବା ୧୨୩୪୫୬ ଆଦି ସମାନ ନମ୍ବରରେ ରହିଛି। ଅର୍ଥାତ୍ ହିତାଧିକାରୀ କିଏ ତାହା ସମ୍ପୂର୍ଣ୍ଣ ଅଜ୍ଞାତ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ମନ୍ତ୍ରଣାଳୟର ସ୍ପଷ୍ଟୀକରଣ ହେଉଛି ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉଛି। ଉପରୋକ୍ତ ନମ୍ବରଗୁଡ଼ିକ କେବଳ ୱେବ୍‌ସାଇଟ୍‌ର ଔପଚାରିକତା ରକ୍ଷା କରିବା ପାଇଁ ପୂରଣ କରାଯାଇଛି। ଏହି ସ୍ପଷ୍ଟୀକରଣ ଉପରେ ସିଏଜି ପୁନଃତର୍ଜମା ଓ ଅନୁସନ୍ଧାନ କରି ଯେଉଁ ତଥ୍ୟ ପାଇଛନ୍ତି ତାହା ମଧ୍ୟ ଲୋକସଭାରେ ଗତ ଗୁରୁବାର ଦିନ ଉପସ୍ଥାପିତ ରିପୋର୍ଟରେ ଉଲ୍ଲେଖ ରହିଛି। ଉକ୍ତ ତଥ୍ୟ ଅନୁଯାୟୀ ୨୦୨୩ରେ ଡିବିଟି ବା ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନାରେ ମାତ୍ର ୨୪.୫୩ ଲକ୍ଷ(୨୫.୫୮%) ହିତାଧିକାରୀଙ୍କ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି, ଯେଉଁଥିରେ ମାତ୍ର ୧୭.୬୯ ଲକ୍ଷ(୧୮.୪୪%) ହିତାଧିକାରୀ ଉପକୃତ ହୋଇଛନ୍ତି। ୨୦୨୪ରେ ୯୫.୯୧ ଲକ୍ଷ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ଦିଆଯାଇଥିବା ମନ୍ତ୍ରଣାଳୟ କହିଥିବା ବେଳେ ମାତ୍ର ୬୩.୭୫% ବା ୬୧.୧୪ ଲକ୍ଷ ପାଇଥିବା ସିଏଜି କହିଛନ୍ତି। ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୫% ଏବଂ ଦ୍ୱିତୀୟ-ତୃତୀୟ ପର୍ଯ୍ୟାୟରେ ୮୦%ରୁ ଅଧିକ ବାଟମାରଣା ବା ଜାଲିଆତି ହୋଇଛି। ଯୋଜନାର ନିର୍ଦ୍ଧାରିତ ତିନିଟି ପର୍ଯ୍ୟାୟ ସମାପ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଞ୍ଜୀକୃତ ଓ ତାଲିମପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରୁ ୩୪ ଲକ୍ଷଙ୍କୁ ଆର୍ଥିକ ସହାୟତା ମିଳିନାହିଁ। ସେମାନଙ୍କୁ କିଭଳି ସହାୟତା ରାଶି ହସ୍ତାନ୍ତର କରାଯିବ ସେ ବିଷୟରେ ମନ୍ତ୍ରଣାଳୟ ନିରବ ରହିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ୱେବ୍‌ସାଇଟ୍‌ରେ ହିତାଧିକାରୀମାନଙ୍କର ଯେଉଁ ଇମେଲ୍ ଆଇଡି ରହିଛି ସେଥିରୁ ଅଧିକାଂଶ ସମାନ ବୋଲି ମଧ୍ୟ ସିଏଜି ଜାଣିବାକୁ ପାଇଛନ୍ତି। ଯୋଜନାର ୱେବ୍‌ସାଇଟ୍ 'ଏସ୍‌ଆଇପି'ରେ ଯେଉଁ ତାଲିମ୍‌କେନ୍ଦ୍ରଗୁଡ଼ିକୁ ଦର୍ଶାଯାଇଛି ସେଥିମଧ୍ୟରୁ ଅଧିକାଂଶ ବନ୍ଦ ଥିବା ବେଳେ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଆଦି ରାଜ୍ୟର ତାଲିମକେନ୍ଦ୍ରଗୁଡ଼ିକରେ ସମାନ ହିତାଧିକାରୀଙ୍କ ଫଟୋ ରେଜିଷ୍ଟ୍ରରରେ ଦେଖିବାକୁ ମିଳିଛି। ତାଲିମ୍‌ପ୍ରାପ୍ତମାନଙ୍କୁ ଯେଉଁ ପ୍ରମାଣପତ୍ର ମିଳିଛି ସେଗୁଡ଼ିକୁ ମଧ୍ୟ ଦକ୍ଷତା ପରୀକ୍ଷା ଆଧାରରେ ବର୍ଗୀକୃତ ନ କରି ସମସ୍ତଙ୍କୁ 'ବେଷ୍ଟ ଇନ୍ କ୍ଲାସ୍' ବା 'ଉତ୍ତମ' ବୋଲି ଉଲ୍ଲେଖ ରହିଛି।

ଏଭଳି ତ୍ରୁଟିକୁ ପରବର୍ତ୍ତୀ ସମୟରେ ସୁଧାରି ଦିଆଯାଇଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ତ୍ରୁଟି ଓ ଅନିୟମିତତା ଯେ ହୋଇଛି ଏହାକୁ କ'ଣ ଅସ୍ୱୀକାର କରିହେବ? ଦୁର୍ନୀତି କିମ୍ବା ଦୁରୁପଯୋଗ ନୁହେଁ, ବରଂ ଏକ ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ଭାବନା ନେଇ ହିଁ ଆଇନ କିମ୍ବା ଯୋଜନା ପ୍ରଣୀତ ହୁଏ। କ୍ଷମତାରେ ଯେଉଁ ଦଳର ଶାସନ ଥାଉ ନା କାହିଁକି କୌଣସି ଯୋଜନାର ଅସଫଳତା କିମ୍ବା ଆଇନର ଦୁରୁପଯୋଗ ପାଇଁ ତା'କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରିବା ବୁଦ୍ଧିମତ୍ତାର ପରିଚୟ ନୁହେଁ। କାରଣ ଯୋଜନାର ସଫଳତା କିମ୍ବା ପବିତ୍ରତା ତୃଣମୂଳସ୍ତରରେ ରୂପାୟନର ଦକ୍ଷତା, ଆନ୍ତରିକତା ଓ ସ୍ୱଚ୍ଛତା ଉପରେ ନିର୍ଭର କରେ। କିନ୍ତୁ 'ପିଏମ୍‌କେଭିୱାଇ'ରେ ସିଏଜି ଧରିଥିବା ଅନିୟମିତତା ପାଇଁ କେନ୍ଦ୍ର ସରକାର ଏହାକୁ 'ଏମ୍‌ନରେଗା' ଭଳି ରଦ୍ଦ କରିଦେଇ ପାରିବେ କି? 'ଏମ୍‌ନରେଗା' କେବଳ କଂଗ୍ରେସ ଅମଳରେ ହୋଇଥିବାରୁ ଦୋଷଯୁକ୍ତ, ଅପବିତ୍ର ଓ ଅଛୁଆଁ ଏବଂ 'ପିଏମ୍‌କେଭିୱାଇ' ଏନ୍‌ଡିଏ ସରକାରଙ୍କ ହୋଇଥିବାରୁ ସଦା ପବିତ୍ର? ଏସବୁ ପ୍ରଶ୍ନର ଊର୍ଦ୍ଧ୍ୱରେ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗଟି ହେଉଛି ଆଇନ ଓ ଯୋଜନାର ଏହି ପବିତ୍ରତା ପରୀକ୍ଷାରେ ମହାତ୍ମାମାନେ କଳଙ୍କିତ ଓ ତେଜ୍ୟ ନ ହୁଅନ୍ତୁ।

## ଗାନ୍ଧୀଙ୍କ ପତନ ନିଶ୍ଚିତ ?

ଡକ୍ଟର ଅବଶ ପରିଡ଼ା

'ଗାନ୍ଧୀଙ୍କ ପତନ ନିଶ୍ଚିତ?' ପ୍ରଥମ ଦୃଷ୍ଟିରେ ଏହି ବାକ୍ୟାଂଶଟି ଟିକେ ଅଡୁଆ ଲାଗିପାରେ। ଭାରତ ସମେତ ଅନେକ ଦେଶରେ, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କୁ ଅହିଂସା, ସତ୍ୟ, ଶାନ୍ତିର ପୂଜକ ଭାବରେ ସମ୍ମାନିତ କରାଯାଏ, ସେଠାରେ ଅଧିକାଂଶଙ୍କୁ ଅପମାନଜନକ ବି ଲାଗିପାରେ। କିଛିବର୍ଷ ତଳେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ବା #gandhimustfall ସ୍ଲୋଗାନ ଓ ଅଭିଯାନ ଆରମ୍ଭ ହୋଇଥିଲା। କିଛି କୃଷ୍ଣକାୟ ଗୋଷ୍ଠୀ ଦ୍ୱାରା ୟୁକେର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ, କାନାଡ଼ା ଓ ଆମେରିକାରେ ଏହି ଅଭିଯାନ ଆରମ୍ଭ ହୋଇ ଅନ୍ତର୍ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲା। ଏହି ଅଭିଯାନଟି ବର୍ତ୍ତମାନ ସମ୍ପୂର୍ଣ୍ଣ ସକ୍ରିୟ ନୁହେଁ କି ସମ୍ପୂର୍ଣ୍ଣ ସୁପ୍ତ ବି ନୁହେଁ। କିନ୍ତୁ ସମାଜବିଜ୍ଞାନୀଙ୍କ ପାଇଁ ଏକ ଆଗ୍ରହର କ୍ଷେତ୍ର ପାଲଟିଛି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ର ଉତ୍ପତ୍ତି ଦକ୍ଷିଣ ଆଫ୍ରିକାରେ 'ରୋଡ୍ସ ପତନ ନିଶ୍ଚିତ' ଏବଂ ୟୁକେ ଓ ଆମେରିକାରେ 'ପ୍ରତିମୂର୍ତ୍ତି ପତନ ନିଶ୍ଚିତ' ଭଳି ଆନ୍ଦୋଳନ ଦ୍ୱାରା ଆକାର ଓ ଗତି ପାଇଥିଲା। ଏହି ଅଭିଯାନଗୁଡ଼ିକ ଉଭା ହୋଇଥିଲେ ଉପନିବେଶବାଦ ପରବର୍ତ୍ତୀ ଏବଂ ଉପନିବେଶବାଦ ବିହୀନ ଚିନ୍ତାଧାରାରୁ। ଯୁକ୍ତି ଥିଲା ଯେ ଆଇକନ ବା ଆଦର୍ଶ ଏବଂ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରାୟତଃ ଉପନିବେଶବାଦୀ ଶକ୍ତି, ବର୍ଣ୍ଣଗତ ଅନୁକ୍ରମ ଓ ଐତିହାସିକ ନୀରବତାକୁ ପ୍ରତିନିଧିତ୍ୱ କରନ୍ତି। ଗାନ୍ଧୀ ମଧ୍ୟ ସେହିଭଳି ଏକ ଆଇକନ ବା ଆଦର୍ଶ। ଦକ୍ଷିଣ ଆଫ୍ରିକାରେ ରହିବାର ପ୍ରାରମ୍ଭିକ ବର୍ଷ ସମୟରେ ଗାନ୍ଧୀ ନିଜର କିଛି ଲେଖାରେ ଆଫ୍ରିକୀୟମାନଙ୍କ ପାଇଁ ବର୍ଣ୍ଣଗତ ଭାଷା ବ୍ୟବହାର କରିଥିଲେ ବୋଲି ସମାଲୋଚକମାନେ ଅଭିଯୋଗ କରନ୍ତି। ବିଡ଼ମ୍ବନା ଯେ ଶହେ ତିରିଶ ବର୍ଷ ତଳେ ଦେଇଥିବା ପ୍ରାରମ୍ଭିକ ବର୍ଣ୍ଣନାକୁ ଇଙ୍ଗିତ କରି ଆନ୍ଦୋଳନକାରୀ ଏହାକୁ ଆଜିର ସମସ୍ୟାପୂର୍ଣ୍ଣ ମତାମତ ବୋଲି ବିବେଚନା କରିଥିଲେ।

ଗାନ୍ଧୀ ଆଫ୍ରିକୀୟମାନଙ୍କ ବିଷୟରେ 'ଅଳସୁଆ', 'ଅଶିଷ୍ଟ' ଓ 'କାଫିର' ଭଳି ଶବ୍ଦ ବ୍ୟବହାର କରିଥିଲେ। ଯେହେତୁ ଏସବୁ ଶବ୍ଦ ସେ ବ୍ୟବହାର କରିଥିଲେ, ତେଣୁ ଆଫ୍ରିକୀୟ କିଛି ଗୋଷ୍ଠୀମାନଙ୍କ ପାଇଁ ଗାନ୍ଧୀ କେବଳ ଉପନିବେଶ ବିରୋଧୀ ପ୍ରତିରୋଧ ନୁହେଁ, ବରଂ ଉପନିବେଶବାଦ ଯୁଗର ସଂସ୍କାରକଙ୍କ ବିରୋଧାଭାସର ମଧ୍ୟ ପ୍ରତୀକ ପାଲଟିଗଲେ। ଏହାର ଉତ୍ତରରେ ଗାନ୍ଧୀଙ୍କ ନାତି ରାଜାମୋହନ ଗାନ୍ଧୀ ନିଜ ପୁସ୍ତକରେ କୁହନ୍ତି ଯେ ନୂଆ ନୂଆ ଯାଇଥିବା ଗାନ୍ଧୀଙ୍କର ଆଫ୍ରିକାରେ ବ୍ୟବହାର କରାଯାଉଥିବା ଭାଷା ଉପରେ କମ୍ ଜ୍ଞାନ ଥିଲା। ତେଣୁ ବ୍ରିଟିଶ ବ୍ୟବହାର କରୁଥିବା ଇଂରାଜୀକୁ ସେ ବ୍ୟବହାର କରିଦେଇଥିଲେ। ଗାନ୍ଧୀ ମଧ୍ୟ ଅନେକଙ୍କ ଭଳି ଜଣେ ଅସମ୍ପୂର୍ଣ୍ଣ ମଣିଷ। କିନ୍ତୁ ଅନ୍ୟ ସାଥୀମାନଙ୍କ ତୁଳନାରେ ତାଙ୍କର ଚିନ୍ତା ଥିଲା ଅତ୍ୟନ୍ତ ପ୍ରଗତିଶୀଳ। ମୁଖ୍ୟ କଥା ହେଉଛି, ଗାନ୍ଧୀ ନୈତିକ ସଂଘର୍ଷ ମାଧ୍ୟମରେ ନିଜକୁ ଅତ୍ୟନ୍ତ ବିକଶିତ କରିଥିଲେ। କ୍ରମାଗତ ଭାବେ ନିଜ ଆଦର୍ଶ ଓ ଚିନ୍ତାଧାରାରେ ବିବର୍ତ୍ତନ ଆଣିଥିଲେ ଗାନ୍ଧୀ। ଜାତିଗତ ଓ ବର୍ଣ୍ଣବୈଷମ୍ୟକୁ ସେ ଦୃଢ଼ ପ୍ରତ୍ୟାଖ୍ୟାନ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଇତିହାସ କିମ୍ବା ଭୁଲକୁ ଅସ୍ୱୀକାର କରିବା ନୁହେଁ, ସତ୍ୟକୁ ପାଥେୟ କରି ନିଜ ତ୍ରୁଟିଗୁଡ଼ିକୁ ସ୍ୱୀକାର କରିବା ହିଁ ପ୍ରକୃତ ପରିବର୍ତ୍ତନ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଶିଷ୍ଟ ଗାନ୍ଧୀସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ଆଫ୍ରିକୀୟଙ୍କ ଅଧିକାର ପାଇଁ ଆନ୍ଦୋଳନର ନେତୃତ୍ୱ କିମ୍ବା ସଂଗଠନ କରି ନ ଥିଲେ। ତାଙ୍କର ପ୍ରାଥମିକ ସଂଘର୍ଷ ଆମ ଭାରତୀୟ ନାଗରିକ ଅଧିକାର ପାଇଁ ଥିଲା। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଭାରତୀୟମାନଙ୍କ ପାଇଁ ଜଣେ ସଂସ୍କାରକ, ଆଫ୍ରିକୀୟ ଦୁଃଖର ଜଣେ ଦର୍ଶୀ ଏବଂ ଜଣେ ଚିନ୍ତାନାୟକ ଥିଲେ, ଯାହାଙ୍କ ଚିନ୍ତାଧାରା ପରବର୍ତ୍ତୀ ସମୟରେ ଆଫ୍ରିକୀୟ ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିଥିଲା। ନେଲସନ ମାଣ୍ଡେଲା, ଆଲବର୍ଟ ଲୁଥୁଲି, ଡେସମଣ୍ଡ ଟୁଟୁ ଓ କେନେଥ କାଉଣ୍ଡା ଭଳି ଆଫ୍ରିକୀୟ ବିଶ୍ୱସ୍ତରୀୟ ରାଜନେତା ଆଫ୍ରିକୀୟ ଜାତୀୟତାବାଦରେ ଗାନ୍ଧୀବାଦୀ ଅହିଂସାକୁ ସ୍ପଷ୍ଟ ଭାବରେ ସ୍ୱୀକାର କରିଥିଲେ। ଶ୍ରୀପରିଡ଼ା ଆହୁରି ମତ ରଖନ୍ତି 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଭଳି ଅଭିଯାନଗୁଡ଼ିକ କ୍ଷଣସ୍ଥାୟୀ। ଏହାର କାରଣ ହେଉଛି ଏହିଭଳି ଅଭିଯାନଗୁଡ଼ିକ ଘଟଣା-ଚାଳିତ, ପ୍ରତୀକାତ୍ମକ, ପ୍ରତିମୂର୍ତ୍ତି, ହ୍ୟାସଟ୍ୟାଗ୍ କିମ୍ବା କ୍ରୋଧ ଉପରେ କେନ୍ଦ୍ରିତ। ଏସବୁ କିଛି ଗୋଷ୍ଠୀର କ୍ରୋଧକୁ ସଂଗଠିତ କରନ୍ତି। କିନ୍ତୁ ଏମାନଙ୍କ ପାଖରେ ଗଠନମୂଳକ ବିକଳ୍ପ ନୈତିକ ଢାଞ୍ଚାର ଘୋର ଅଭାବ। ନୈତିକ ଦୃଷ୍ଟିକୋଣ ବିନା ପ୍ରସଙ୍ଗ ଆଧାରିତ ତଥ୍ୟଗତ ପ୍ରମାଣ ଏବଂ ନକାରାତ୍ମକ ପାଠ ଯୋଗୁଁ ଏଗୁଡ଼ିକ ଧୀରେ ଧୀରେ ଫିକା ପଡ଼ିଯାଏ। ବିପରୀତରେ, ଗାନ୍ଧୀ ଏକ ଦୀର୍ଘକାଳୀନ ନୈତିକ ଶବ୍ଦକୋଷ। ସେ କୌଣସି ଏକ କ୍ଷଣିକ ପ୍ରତିବାଦ ନୁହେଁ। ଗାନ୍ଧୀଙ୍କଠାରୁ ସମ୍ପୂର୍ଣ୍ଣତାର ଆଶା ଯୋଗୁଁ ସେ ନିନ୍ଦିତ।

ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ କହିବାକୁ ଗଲେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଅଭିଯାନଟି ଗାନ୍ଧୀଙ୍କୁ ନୈତିକ ଭାବରେ ଅପସାରଣ କରିବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ଏହାର ଦୁଇଟି ଲୁକ୍କାୟିତ ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରଥମଟି ହେଉଛି ପରିବର୍ତ୍ତିତ ନୈତିକ ଏବଂ ରାଜନୈତିକ ଦୃଶ୍ୟପଟରେ ଉପୁଜୁଥିବା ପ୍ରଶ୍ନ ଏବଂ ଦ୍ୱିତୀୟତଃ, ସମାଜର ପ୍ରେରଣାସ୍ରୋତ ବା ଆଇକନ୍‌ଙ୍କଠାରୁ ଏହାର ଉତ୍ତର। ସେହିପରି ଅନେକ ଗାନ୍ଧୀ ବିଶାରଦ କୁହନ୍ତି ଯେ ଗାନ୍ଧୀଙ୍କ ଚିନ୍ତାଧାରାକୁ ଜୀବିତ ରଖିବା ପାଇଁ ତାଙ୍କୁ ବିରୋଧ କରିବା ଜରୁରୀ। ସମାଲୋଚନାହୀନ ପୂଜା ଓ ପ୍ରଶଂସା ଆଦର୍ଶଙ୍କୁ ଦୁର୍ବଳ କରିଥାଏ। ବିରୋଧ ହିଁ ବ୍ୟକ୍ତିକୁ ପଦ୍ଧତିଠାରୁ ପୃଥକ କରିଥାଏ। ଉଦାହରଣ ସ୍ୱରୂପ, ଅହିଂସା ନୈତିକ ଭାବରେ ଶକ୍ତିଶାଳୀ ହେବା ପାଇଁ ଗାନ୍ଧୀ ନୈତିକ ଭାବରେ ସିଦ୍ଧ ହେବା ଆବଶ୍ୟକ ନାହିଁ। ଯଦି ଗାନ୍ଧୀ ଆଦର୍ଶର ସମାଲୋଚନା ହେବ ନାହିଁ ତେବେ ତାହା ପ୍ରୟୋଗ ମଧ୍ୟ ହେବ ନାହିଁ। ଅହିଂସାର ଆଲୋଚନା ନହେଲେ ତାହା ଅନୁଶାସନ ହେବ ନାହିଁ, ବରଂ ଏକ ଶବ୍ଦ ଅଳଙ୍କାରରେ ସୀମିତ ହୋଇଯିବ। ସେହିପରି ସତ୍ୟର ବିରୋଧ ନହେଲେ ତାହା କଦାପି ଦାୟିତ୍ୱ ହେବ ନାହିଁ। ତେଣୁ ତୀକ୍ଷ୍ଣ ସମାଲୋଚନା ସମେତ ସାର୍ବଜନୀନ ବିତର୍କ, ଗାନ୍ଧୀଙ୍କୁ ବୌଦ୍ଧିକ ଭାବରେ ଜୀବିତ ରଖିଛି ବୋଲି ଏକ ମହଲ ଯୁକ୍ତି ବାଢ଼ନ୍ତି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ହେଉଛି ଏକ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଏବଂ ସମାଲୋଚନା କରିବା ମଧ୍ୟରେ ହୋଇଥିବା ଏକ ଦ୍ୱନ୍ଦ୍ୱ। ପ୍ରତିମୂର୍ତ୍ତିଗୁଡ଼ିକୁ ବଦଳାଇବା କିମ୍ବା ଭାଙ୍ଗିବା ଦ୍ୱାରା ସ୍ୱୟଂଚାଳିତ ଭାବରେ ନ୍ୟାୟ ସୃଷ୍ଟି ହୁଏ ନାହିଁ। ଏହା ସାଂରଚନିକ ଅସମାନତାକୁ ସମାଧାନ ନକରି କେବଳ କ୍ରୋଧକୁ ଇନ୍ଧନ ଯୋଗାଏ। ଗାନ୍ଧୀ ସର୍ବଦା ଅନ୍ଧ ଭାବେ ନାୟକ-ପୂଜା ବିରୁଦ୍ଧରେ ବାରମ୍ବାର ଚେତାବନୀ ଦେଇଥିଲେ। ଏହାକୁ ବୌଦ୍ଧିକ ଦାସତ୍ୱର ଏକ ରୂପ ବୋଲି କହିଥିଲେ, ଯାହା ଏବେ ବିଶ୍ୱର ସମସ୍ତ ଦେଶରେ ଘଟୁଛି।

ପରିଶେଷରେ ଏକ ମୌଳିକ ପ୍ରଶ୍ନର ଉତ୍ତର ଖୋଜିବା। ଗାନ୍ଧୀଙ୍କୁ କ'ଣ ସମସାମୟିକ ନୈତିକ ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ? ପ୍ରଶ୍ନର ଉତ୍ତର ହେଉଛି 'ହଁ'। କିନ୍ତୁ ଏସବୁ ପ୍ରସ୍ତୁତ ବା ରେଡିମେଡ୍ ସମାଧାନ ଭାବରେ ନୁହେଁ, ବରଂ ଗାନ୍ଧୀଙ୍କ ଦର୍ଶନ ଆମକୁ ଏକ ନୈତିକ ପଦ୍ଧତି ପ୍ରଦାନ କରିପାରିବ। ବିଶ୍ୱ ସାକ୍ଷୀ ଅଛି ଯେ ଗାନ୍ଧୀଙ୍କ ଅହିଂସା, ସର୍ବୋଦୟ ଓ ସତ୍ୟ ହେଉଛି ପରିବର୍ତ୍ତନ ଓ ସମାଧାନର ସର୍ବୋତ୍କୃଷ୍ଟ ନୈତିକ ଉପକରଣ। ଗାନ୍ଧୀଙ୍କ ମୃତ୍ୟୁର ଆଠ ଦଶନ୍ଧି ପରେ ମଧ୍ୟ ତାଙ୍କ ବିଷୟରେ ବିତର୍କ ହେବା ତାଙ୍କର ଅପ୍ରାସଙ୍ଗିକତା ନୁହେଁ, ବରଂ ତାଙ୍କର ନିରନ୍ତର ପ୍ରାସଙ୍ଗିକତାକୁ ଦର୍ଶାଉଛି। ସମାଲୋଚନା ବା ପ୍ରତ୍ୟାଖ୍ୟାନ ଦ୍ୱାରା ଗାନ୍ଧୀଙ୍କ ପତନ ହେଉନାହିଁ। ଆମର ବ୍ୟବହାର, ସାର୍ବଜନୀନ ଏବଂ ରାଜନୈତିକ ନୀତି ଦ୍ୱାରା ନୈତିକ ଆଦର୍ଶର 'ପତନ' ହେଉଛି। ଶ୍ରୀପରିଡ଼ା ନିଜ ଆଲେଖ୍ୟରେ ଲେଖିଛନ୍ତି ଯେ ଗାନ୍ଧୀ ଚିନ୍ତକ ନୁହେଁ, ବରଂ ଗାନ୍ଧୀଙ୍କ ସମାଲୋଚନାହୀନ, ପ୍ରସଙ୍ଗହୀନ ଓ ଚୟନମୂଳକ ପାଠର ପତନ ହେବା ଜରୁରୀ। ଏହା ବଦଳରେ ସମାଜକୁ ଏକ ସମାଲୋଚନାମୂଳକ ଓ ବିତର୍କିତ ଗାନ୍ଧୀଙ୍କ ଆବଶ୍ୟକତା ଅଛି। ତେଣୁ ଗାନ୍ଧୀଙ୍କୁ କେବଳ ଆଇକନ୍ ବା ପ୍ରତିମୂର୍ତ୍ତିରେ ସୀମିତ କରିଦେଲେ କିଛି ଲାଭ ହେବନାହିଁ, ବରଂ ସେ ଆମ ପାଇଁ ଅଭ୍ୟାସ କରାଯାଇପାରୁଥିବା ଆଦର୍ଶ ହେବା ଉଚିତ। ଗାନ୍ଧୀଙ୍କ ମନ୍ତବ୍ୟ ଥିଲା 'ଯଦି ମୋର ଚିନ୍ତାଧାରା ସତ୍ୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୁଏ, ତେବେ ସେଗୁଡ଼ିକୁ ପତନ ହେବାକୁ ଦିଅନ୍ତୁ - କିନ୍ତୁ ସତ୍ୟକୁ ଶକ୍ତି ଦିଅନ୍ତୁ, ତା'କୁ ଉଠିବାକୁ ଦିଅନ୍ତୁ।' ସତ୍ୟର ଜୟ ହେଉ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ନ୍ୟାୟପାଳିକା: ଭାରତୀୟ ଗଣତନ୍ତ୍ରର ପ୍ରହରୀ

ଜୟଦେବ ମାଝୀ



ଏକ ସୁସ୍ଥ ଗଣତନ୍ତ୍ରରେ ନ୍ୟାୟପାଳିକା ସାମ୍ବିଧାନିକ ବ୍ୟବସ୍ଥାର ରକ୍ଷକ ଭାବରେ କାର୍ଯ୍ୟ କରେ। ଭାରତରେ ବର୍ତ୍ତମାନ ସାମାଜିକ-ରାଜନୈତିକ ପରିସ୍ଥିତିର ଦ୍ରୁତ ପରିବର୍ତ୍ତନଶୀଳ। ଜନବିତର୍କ ବୃଦ୍ଧି ଏବଂ ସାଂଗଠନିକ ଚାପ ଦ୍ୱାରା ଅନେକ ଆହ୍ୱାନର ସମ୍ମୁଖୀନ। ଏହି ପୃଷ୍ଠଭୂମିରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି।

ଭାରତୀୟ ଗଣତନ୍ତ୍ରର ମୂଳରେ ସମ୍ବିଧାନ ରହିଛି ଏବଂ ନ୍ୟାୟପାଳିକା ଏହାର ସର୍ବୋତ୍ତମ ରକ୍ଷକ। ନ୍ୟାୟପାଳିକାର ସମୀକ୍ଷା ମାଧ୍ୟମରେ ଆଇନ ଓ କାର୍ଯ୍ୟନିର୍ବାହୀ ଅନୁଷ୍ଠାନଗୁଡ଼ିକ ସାମ୍ବିଧାନିକ ସୀମା ମଧ୍ୟରେ ରହିବେ। ଭାରତ ଭଳି ଏକ ବିବିଧ ଓ ଜଟିଳ ସମାଜରେ ଏହି କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସାମ୍ବିଧାନିକ ନୈତିକତାର ସୁରକ୍ଷା ପ୍ରାୟତଃ ଗଣତାନ୍ତ୍ରିକ ଶାସନର ଗୁଣବତ୍ତା ନିର୍ଣ୍ଣୟ କରେ। ସ୍ୱେଚ୍ଛାଚାରୀ କିମ୍ବା ଅସାମ୍ବିଧାନିକ କାର୍ଯ୍ୟଗୁଡ଼ିକୁ ପ୍ରତିହତ କରି ନ୍ୟାୟପାଳିକା ଏହି ନୀତିକୁ ସୁଦୃଢ଼ କରେ ଯେ, କୌଣସି କର୍ତ୍ତୃପକ୍ଷ ସମ୍ବିଧାନର ଊର୍ଦ୍ଧ୍ୱରେ ନୁହନ୍ତି। ମୌଳିକ ଅଧିକାରକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ସମାନ ଗୁରୁତ୍ୱପୂର୍ଣ୍ଣ। ଦଶନ୍ଧି ଧରି ଭାରତୀୟ ଅଦାଲତଗୁଡ଼ିକ ପରିବର୍ତ୍ତନଶୀଳ ସମୟର ପ୍ରତିକ୍ରିୟା ପାଇଁ ଅଧିକାରର ପରିସରକୁ ବିସ୍ତାର କରିଛନ୍ତି। ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ବ୍ୟାଖ୍ୟାକରଣ ମର୍ଯ୍ୟାଦା, ଗୋପନୀୟତା, ପରିବେଶ ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାକୁ ବିକଶିତ କରିଛନ୍ତି। ଏହି ପ୍ରଗତିଶୀଳ ନ୍ୟାୟଶାସ୍ତ୍ର ବ୍ୟକ୍ତିଗତ ନାଗରିକଙ୍କୁ କେନ୍ଦ୍ରରେ ରଖି ଗଣତନ୍ତ୍ରକୁ ମଜବୁତ କରିଛି।

ଗଣତାନ୍ତ୍ରିକ ଜୀବନରେ ଭାରତୀୟ ନ୍ୟାୟପାଳିକାର ସବୁଠାରୁ ସ୍ୱତନ୍ତ୍ର ଅବଦାନ ମଧ୍ୟରୁ ଗୋଟିଏ ହେଉଛି ଜନସ୍ୱାର୍ଥ ମାମଲାର ବିକାଶ। କୋର୍ଟଗୁଡ଼ିକ ପ୍ରକ୍ରିୟାଗତ ନିୟମକୁ ଶିଥିଳ କରି ଗରିବ, ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ପାଇଁ ସେମାନଙ୍କର ଦ୍ୱାର ଖୋଲି ଦେଇଛନ୍ତି। ଜନସ୍ୱାର୍ଥ ମାମଲା ମାଧ୍ୟମରେ ପରିବେଶଗତ ଅବନତି, ଦୁର୍ନୀତିଠାରୁ ଆରମ୍ଭ କରି ଜେଲ ସଂସ୍କାର ଓ ସାମାଜିକ କଲ୍ୟାଣ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ସମାଧାନ କରାଯାଏ। ନ୍ୟାୟପାଳିକା ବ୍ୟବସ୍ଥାର ଅପବ୍ୟବହାର ବିଷୟରେ ବିତର୍କ ଜାରି ରହିଥିବା ବେଳେ ଜନସ୍ୱାର୍ଥ ମାମଲା ଗଣତାନ୍ତ୍ରିକ ଦାୟିତ୍ୱକୁ ଗଭୀର ଏବଂ ନାଗରିକ ଅଂଶଗ୍ରହଣକୁ ବିସ୍ତାର କରିଛି ବୋଲି ତିଳେମାତ୍ର ଅସ୍ୱୀକାର କରାଯାଇ ପାରିବ ନାହିଁ।

ବର୍ତ୍ତମାନ ପରିସ୍ଥିତିରେ ନ୍ୟାୟପାଳିକା ମଧ୍ୟ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନିଜ ମଧ୍ୟରେ କ୍ଷମତାର ସନ୍ତୁଳନ ବଜାୟ ରଖିବାରେ ଏକ ବିଶେଷ ଭୂମିକା ଗ୍ରହଣ କରେ। ଏକ ସୁସ୍ଥ ଗଣତନ୍ତ୍ର ପ୍ରଭାବଶାଳୀ ନିୟନ୍ତ୍ରଣ ଓ ସନ୍ତୁଳନ ଉପରେ ନିର୍ଭର କରିଥାଏ। ନ୍ୟାୟିକ ବ୍ୟବସ୍ଥା ନିଶ୍ଚିତ କରେ ଯେ କାର୍ଯ୍ୟପାଳିକା କ୍ଷମତାର ଅପବ୍ୟବହାର ଏବଂ ବିଧାନପାଳିକାର ସଂଖ୍ୟାଗରିଷ୍ଠତା ସାମ୍ବିଧାନିକ ମୂଲ୍ୟବୋଧକୁ ଦୁର୍ବଳ କରିପାରିବ ନାହିଁ। ରାଜନୈତିକ ଧ୍ରୁବୀକରଣ ସମୟରେ ମଧ୍ୟ ସ୍ୱାଧୀନ ନ୍ୟାୟ ପଦ୍ଧତି ଏକ ସ୍ଥିର ଶକ୍ତି ଭାବରେ କାର୍ଯ୍ୟ କରେ ଏବଂ ସାଂଗଠନିକ ସନ୍ତୁଳନ ରକ୍ଷା କରିଥାଏ। ନ୍ୟାୟପାଳିକା ମଧ୍ୟ ଆଇନର ଶାସନକୁ ବଜାୟ ରଖିବା ପାଇଁ କେନ୍ଦ୍ରବିନ୍ଦୁ। କେବଳ ଲୋକପ୍ରିୟ ଇଚ୍ଛା ଉପରେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ। ତେଣୁ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହୋଇଥିବା ଏକ ଆଇନଗତ ଢାଞ୍ଚା ଆବଶ୍ୟକ। ନିରପେକ୍ଷତା ସୁନିଶ୍ଚିତ କରି ଅଦାଳତ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରିବାରେ ବେଶ ସହାୟକ ହୋଇଛି। ଯେତେବେଳେ ନାଗରିକମାନେ ବିଶ୍ୱାସ କରିବେ ଯେ ନ୍ୟାୟ ସୁଗମ ଓ ନିରପେକ୍ଷ ତେବେ ଗଣତାନ୍ତ୍ରିକ ବୈଧତା ଆହୁରି ସୁସ୍ଥ ଓ ସୁଦୃଢ଼ ରୂପେ ପରିଣତ ହେବ।

ବର୍ତ୍ତମାନ ଭାରତୀୟ ନ୍ୟାୟପାଳିକା ଆଗରେ ଏକ ବଡ଼ ଆହ୍ୱାନ ହେଉଛି ମାମଲାଗୁଡ଼ିକର ବହୁଳ ବିଚାର, ନ୍ୟାୟ ପ୍ରଦାନରେ ବିଳମ୍ବ, ସ୍ୱଚ୍ଛତା ଉପରେ ଚିନ୍ତା ଏବଂ ଉତ୍ତରଦାୟିତ୍ୱ। ଏକ ଗଣତନ୍ତ୍ରରେ 'ନ୍ୟାୟ ବିଳମ୍ବ' ର ଅର୍ଥ ପ୍ରାୟତଃ 'ନ୍ୟାୟ ପ୍ରତ୍ୟାଖ୍ୟାନ' ହୋଇପାରେ। ଜନସାଧାରଣଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ନ୍ୟାୟିକ ସଂସ୍କାର, ପ୍ରଯୁକ୍ତିବିଦ୍ୟା ସମନ୍ୱୟ ଓ ସାଂଗଠନିକ ସହଯୋଗ ମାଧ୍ୟମରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଅତ୍ୟାବଶ୍ୟକ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବିଧାନିକ ମୂଲ୍ୟବୋଧ, ମୌଳିକ ଅଧିକାର ଓ ଆଇନର ଶାସନର ରକ୍ଷକ ଭାବରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଠନମୂଳକ ସମାଲୋଚନା ଓ ସଂସ୍କାର ଆବଶ୍ୟକ ହେଲେ ମଧ୍ୟ ନ୍ୟାୟିକ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ଦ୍ୱାରା ଗଣତନ୍ତ୍ର ଦୁର୍ବଳ ହେବ। ଏକ ଦୃଢ଼, ନିରପେକ୍ଷ ଓ ପ୍ରତିକ୍ରିୟାଶୀଳ ନ୍ୟାୟପାଳିକା ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ।

(ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ)
କଟକ, ମୋ: ୮୧୧୪୩୧୭୬୭୪

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

### ଦୁଦୁରା
(Indian Thornapple- Datura metel)

'ଦୁଦୁରା' ସମଗ୍ର ଭାରତରେ ପ୍ରାୟତଃ ଅନାବନା ଯାଗାରେ, ବିଶେଷତଃ ଉଷ୍ଣମଣ୍ଡଳୀୟ ଜଳବାୟୁରେ ଦେଖାଯାଏ। ପ୍ରାଚୀନ ସଂସ୍କୃତ ଶବ୍ଦ 'ଧାତୁରା'ରୁ ଏହି ଉଦ୍ଭିଦର ଇଂରାଜୀ ନାମ 'ଦାତୁରା' ଆସିଛି। ଏହା ବର୍ତ୍ତମାନ ବିଶ୍ୱର ସମସ୍ତ ଉଷ୍ଣ ମଣ୍ଡଳୀୟ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଏହି ଉଦ୍ଭିଦଟି ଏହାର ସୌନ୍ଦର୍ଯ୍ୟ ଓ ଔଷଧୀୟ ଗୁଣ ପାଇଁ ବିଶ୍ୱବ୍ୟାପୀ ଚାଷ କରାଯାଏ। ଏହା ଶିବ ଓ ଗଣେଶଙ୍କ ପୂଜାର୍ଚ୍ଚନାରେ ଅର୍ପଣ କରାଯାଏ। ଏହା ମଧ୍ୟ ଶିବ-ଶେଖର(ଶିବଙ୍କ ମୁକୁଟ) ଭାବେ ବିଦିତ। ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହଳାହଳ ପିଇବା ପରେ ଏହି ଉଦ୍ଭିଦ ଶିବଙ୍କ ଛାତିରୁ ବାହାରିଥିବା ବିଶ୍ୱାସ କରାଯାଏ।

'ଦୁଦୁରା' ହେଉଛି ଏକ-ବାର୍ଷିକ କିମ୍ବା ବହୁ-ବର୍ଷୀୟ ଔଷଧି କ୍ଷୁପ ବା କ୍ଷୁଦ୍ର ଉଦ୍ଭିଦ, ଯାହା ପ୍ରାୟ ୦.୫ ରୁ ୧.୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଓ ଡାଳଗୁଡ଼ିକ କିଛିଟା କାଠିଆ, ଫମ୍ପା, ସବୁଜ କିମ୍ବା ବାଇଗଣୀ-କଳା ବର୍ଣ୍ଣର, ତୀବ୍ର ସୁଗନ୍ଧଯୁକ୍ତ। ପତ୍ରଗୁଡ଼ିକ ସରଳ, ବିକଳ୍ପ, ଡେମ୍ଫଯୁକ୍ତ, ସମ୍ପୂର୍ଣ୍ଣ କିମ୍ବା ଗଭୀର ଭାବରେ ଲୋବ ବା ପାଳି ପ୍ରଦର୍ଶନ କରେ। ଫୁଲଗୁଡ଼ିକ ସିଧା, କାହାଳି ଆକୃତିର, ୫-୨୦ ସେମି ଲମ୍ବା, ମୁଖ ଭାଗରେ ୪- ୧୨ ସେମି ଚଉଡ଼ା; ରଙ୍ଗ ଧଳାରୁ ହଳଦିଆ, ଫିକା ବାଇଗଣୀ ଓ ସୁଗନ୍ଧଯୁକ୍ତ। ୫ଟି ଯୁଗ୍ମ ବୃତି ସହିତ ବୃତିମଣ୍ଡଳ ୫-୮ ମିମି ଲମ୍ବା, ନଳୀକାର, କୋରୋଲା ବା ଦଳମଣ୍ଡଳର ଅଧା କିମ୍ବା ତା'ଠାରୁ କମ୍ ଲମ୍ବା; ଦଳମଣ୍ଡଳ ୫ ଟି ଯୁଗ୍ମ ପାଖୁଡ଼ା ସହିତ ୧୧-୧୭ ସେମି ଲମ୍ବା, ତୂରୀ ଆକୃତିର, ରଙ୍ଗ ଧଳାରୁ କ୍ରିମ୍, ହଳଦିଆ, ଲାଲ, ବାଇଗଣୀ କିମ୍ବା ହଳଦିଆ ହୋଇପାରେ। ବେଳେ ବେଳେ ଦୁଇରୁ ତିନି ପରସ୍ତ ଦଳ ମଣ୍ଡଳ ଥାଏ, ଯେଉଁଥିରେ ପ୍ରତି ପରସ୍ତ ପାଞ୍ଚଟି ଯୁଗ୍ମ ପାଖୁଡ଼ାକୁ ନେଇ ଗଠିତ। ପରାଗପେଟି ୧୨-୧୫ ମିମି ଲମ୍ବା; କ୍ୟାପସୁଲ୍ ବା ଡିମ୍ବାଶୟ ୩୫-୪୦ ମିମି ଚଉଡ଼ା, ଗୋଲାକାର। ବିହନ ୪-୫.୫ ମିମି, ସଙ୍କୁଚିତ, ମାଟିଆ ବର୍ଣ୍ଣର। ଫଳ ଏକ କଣ୍ଟାଯୁକ୍ତ କ୍ୟାପସୁଲ୍, ୪-୧୦ ସେମି ଲମ୍ବା, ୨-୬ ସେମି ଚଉଡ଼ା। ପାଚି ଶୁଖିବା ପରେ ଖୋଲିଯାଇ ଭିତରେ ବହନ କରିଥିବା ଅନେକ ବିହନ ମୁକ୍ତ କରେ। ଏହି ବିହନଗୁଡ଼ିକ ମୁକ୍ତ ଭାବରେ ବିସ୍ତାରିତ ହୁଏ। ଜୁନ୍‌ରୁ ନଭେମ୍ବର ମାସରେ ଫୁଲ ଫୁଟେ ଏବଂ ସେପ୍ଟେମ୍ବରରୁ ମାର୍ଚ୍ଚ ମାସରେ ଫଳ ଦିଏ। ଏହାର ଅନ୍ୟ ଏକ ପ୍ରକାର ଉଦ୍ଭିଦ ଅଛି ଯାହା ଚକଚକିଆ, ବାଇଗଣୀ-କଳା ବା କୃଷ୍ଣକାଣ୍ଡ ବିଶିଷ୍ଟ, ଫୁଲର ପାଖୁଡ଼ାଗୁଡ଼ିକ ସାଧାରଣତଃ ଦୁଇ କିମ୍ବା ତ୍ରିସ୍ତରୀୟ ଥାଏ, ପ୍ରତ୍ୟେକ ପାଖୁଡ଼ା ସମୂହର ବାହ୍ୟ ଅଂଶ ଗଭୀର ବାଇଗଣୀ ଏବଂ ଭିତର ଅଂଶ ଧଳା।

ଭାରତରେ ପାରମ୍ପରିକ ଭାବରେ ଦୁଦୁରା ଏକ ଔଷଧୀୟ ଉଦ୍ଭିଦ ଭାବରେ ବ୍ୟବହୃତ ହୁଏ। ତମାଖୁ ସହିତ ମିଶ୍ରିତ ପତ୍ର ଓ ଫୁଲଗୁଡ଼ିକୁ ଶ୍ୱାସ ବା ଆସ୍ଥମାରୁ ମୁକ୍ତି ପାଇଁ ସିଗାର ଭାବରେ ଧୂମପାନ କରାଯାଏ। ପତ୍ରଗୁଡ଼ିକ ମଧ୍ୟ ଆନୋଡାଇନ୍, ଆଣ୍ଟିସେପ୍ଟିକ୍, ନିଶାକାରକ ଏବଂ ଫୁଲା, ଘା' ଉପଶମ ପାଇଁ ପ୍ରୟୋଗ କରାଯାଏ। ଫୁଲଗୁଡ଼ିକ କାନ ଯନ୍ତ୍ରଣା ନିବାରଣ କରେ। ଫଳଟି ଅଧିକ ମାତ୍ରାରେ ନିଶାକାରକ। ରୁପି, କେଶ ହ୍ରାସ ଚିକିତ୍ସା ପାଇଁ ଏହାର ରସକୁ ମୁଣ୍ଡରେ ଲଗାଯାଏ। ବିହନଗୁଡ଼ିକ ପ୍ରଦାହ-ବିରୋଧୀ, ବେଦନା ନାଶକ, କୃମି ଆକ୍ରମଣରୁ ପେଟଓ ଅନ୍ତନଳୀ ଯନ୍ତ୍ରଣା, ପ୍ରଦାହରୁ ଜ୍ୱରର ଉପଶମ ପାଇଁ ବ୍ୟବହୃତ ହୁଏ। ଦୁଦୁରା ଚୀନ୍‌ର ପାରମ୍ପରିକ ଔଷଧରେ ବ୍ୟବହୃତ ୫୦ ଟି ମୌଳିକ ଔଷଧ ମଧ୍ୟରୁ ଗୋଟିଏ।

ଦୁଦୁରା ଶାସ୍ତ୍ରୀୟ 'ଡାଇନି' ଘାସ' ମଧ୍ୟରୁ ଏକ। ଗଛର ସମସ୍ତ ଅଂଶ ବିଷାକ୍ତ। ଭାରତରେ ଏହାକୁ ବହୁବର୍ଷ ଧରି ବିଷ, ହତ୍ୟା, ଆତ୍ମହତ୍ୟା ଓ କାମୋଦ୍ଦୀପକ ଭାବରେ ବିବେଚନା କରାଯାଇ ଆସୁଛି। ଦୁଦୁରା ଗଛରେ, ମୁଖ୍ୟତଃ ବିହନ, ଫୁଲ ଓ ମୂଳରେ ସ୍କୋପୋଲାମାଇନ୍, ଆଟ୍ରୋପିନ୍ ଭଳି ଅନେକ ଟ୍ରୋପେନ୍ ଆଲକାଲଏଡ୍ ଥାଏ। ତେଣୁ ମଣିଷ କିମ୍ବା ପଶୁ ଏହାକୁ ଖାଇଲେ ଘାତକ ହୋଇପାରେ। ଔଷଧ ଓ ପ୍ରସାଧନ ଆଇନ ୧୯୪୦ ଏବଂ ନିୟମ ୧୯୯୫ ଅନୁସାରେ ଔଷଧରେ ବ୍ୟବହାର ବ୍ୟତୀତ ଭାରତରେ ଦୁଦୁରାକୁ ନିଷିଦ୍ଧ କରାଯାଇଛି।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।
କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଇରଙ୍ଗପୁର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

# ଆଣ୍ଠୁରୁ ବାହାରିଲା ବ୍ରେକ୍ ଖଣ୍ଡ



ରାଇରଙ୍ଗପୁର, ୨୧।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସପିଟାଲର ଡାକ୍ତରୀ ଟିମ୍ ଆଜି ଜଣେ ନାବାଳକକୁ ନୂଆ ଜୀବନ ଦେଇଛନ୍ତି। ଜଟିଳ ଅସ୍ତ୍ରୋପଚାର କରି ନାବାଳକାର ଆଣ୍ଠୁରୁ ସାଇକଲ ବ୍ରେକ୍ ଖଣ୍ଡ ବାହାର କରିଛନ୍ତି।

### ତୁରନ୍ତ ଅସ୍ତ୍ରୋପଚାର ଯୋଗୁଁ ବଞ୍ଚିଗଲା ନାବାଳକର ଜୀବନ

ଉପରବେଡ଼ା ଅଞ୍ଚଳର ଦୁବଲାବେଡ଼ା ଗ୍ରାମର ରତିରଞ୍ଜନ ମହାନ୍ତଙ୍କ ୧୩ବର୍ଷର ପୁଅ ସୌମ୍ୟ ଶିବଜିତ ମହାନ୍ତ ରବିବାର ଅପରାହ୍ଣରେ ସାଇକଲ ଚଳାଉଥିବା ବେଳେ କୌଣସି କାରଣରୁ ସାଇକଲ ବ୍ରେକ୍ ଖଣ୍ଡ ତା' ଡାହାଣ ଗୋଡ଼ ଆଣ୍ଠୁ ଭିତରେ ପଶିଯାଇଥିଲା। ମାଂସପେଶୀକୁ ଭେଦ କରି ତାହା ଆଣ୍ଠୁଚକି ଭିତରେ ପଶି ରହିଥିଲା। ଏହାସହ ୨/୩ଟି ରକ୍ତପ୍ରଶିରା କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକେ ତାକୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ସୌମ୍ୟର ଅସ୍ତ୍ରୋପଚାର କରାଯାଇଥିଲା। ଡା. ଅଂଶୁମାନ ଦାସ ଓ ଅସ୍ଥିଶଲ୍ୟ ଡା. ଜୟଦେବ ପ୍ରଧାନ ଦୀର୍ଘ ସମୟ ଧରି ଅସ୍ତ୍ରୋପଚାର କରି ଆଣ୍ଠୁଚକିରୁ ବ୍ରେକ୍ ଖଣ୍ଡକୁ ବାହାର କରିଥିଲେ। ଠିକ୍ ସମୟରେ ଅସ୍ତ୍ରୋପଚାର ହୋଇ ନ ଥିଲେ ନାବାଳକଜଣଙ୍କ ଚଲାବୁଲା ଶକ୍ତି ହରାଇବା ସହ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତା'ର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥିଲା।

## ଏମିତି ଆମ ପୁଲିସ ବଦଳି ନୀତି

# ନିଜ ନିୟମକୁ ଦଳିମକଚି ଦେଲେ

■ ଭୁବନେଶ୍ୱର, ୨୧।୧୨ (ସମିସ): କୌଣସି ପୁଲିସ ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷ ଓ ଷ୍ଟେସନରେ ୩ବର୍ଷରୁ ଅଧିକ ରହିପାରିବେନି। ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠି ଆଧାରରେ ରାଜ୍ୟ ପୁଲିସ ବିଭାଗ ଗତ ନଭେମ୍ବରରେ ଏଭଳି ନିୟମ ଆଣିଥିଲା। ଖାଲି ନିୟମ ଆଣି ନଥିଲା, ଏହାକୁ କାର୍ଯ୍ୟକାରୀ ମଧ୍ୟ କରିଥିଲା। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବଦଳି କରାଯିବ ବୋଲି ଉଲ୍ଲେଖ ରହିଥିଲା। ହେଲେ ନିୟମ କାର୍ଯ୍ୟକାରୀକୁ ଦୁଇମାସ ନ ପୂରୁଣୁ, ତାହାକୁ ପାସୋରିଗଲା ପୁଲିସ ବିଭାଗ। ଗତକାଲି ଇନ୍ସପେକ୍ଟରମାନଙ୍କର ବଦଳି ବାତିଲ ବା ପରିବର୍ତ୍ତିତ ବଦଳି ତାଲିକା ପ୍ରକାଶ ପାଇବା ପରେ ଏଭଳି କଥା ସ୍ପଷ୍ଟ ହୋଇଛି। କାହା ଇଙ୍ଗିତରେ ପୁଲିସ ବିଭାଗ ନିଜ ନିୟମକୁ ଦଳିମକଚି ଦେଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁକ୍ ସର୍କୁଲାର ୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ ଓ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ସାଧାରଣ

■ ବଦଳି ସଂସ୍କାର ନାଁରେ ପ୍ରହସନ
■ ବୁକ୍ ସର୍କୁଲାର ଓ ଜିଏ ବିଭାଗ ଚିଠିର ଧଜିଆ ଉଡ଼ିଲା

ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁଲିସ ଅଧିକାରୀମାନେ ନିୟମ ନମାନି ଷ୍ଟେସନରେ ୩ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ ଧରି ରହୁଥିବାରୁ ଏହା ପୁଲିସର ଛବିକୁ ମଳିନ କରୁଥିଲା। ଏଥିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଥିଲା। ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରିବ ବୋଲି ନୀତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା। ନଭେମ୍ବର ପହିଲାରେ ଆସିଥିବା ଏହି ନିୟମକୁ ସେହି ମାସରେ ହିଁ ଲାଗୁ କରାଯାଇଥିଲା।

ଗତ ମାସ ୧୯ ତାରିଖ ଦିନ ୪୭୫ ଜଣ ଇନ୍ସପେକ୍ଟରଙ୍କର ହୋଇଥିବା ବଦଳିରେ ପୁଲିସ ବଦଳି ନୀତିକୁ ଆପଣାଯିବା ସହ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟଧରି ରହିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ହୋଇଥିଲା। ପୁଲିସ ଭଳି ବିଭାଗରେ ବଦଳି ନୀତି କାର୍ଯ୍ୟକାରୀ ହେବା ପରେ ସ୍ୱଚ୍ଛତା ଆସିବ ବୋଲି ଆଶା କରାଯାଉଥିଲା।

କିନ୍ତୁ ଦୁଇମାସ ବିତି ନଥିବା ବେଳେ ନିୟମକୁ 'ଫୁ' କରିଦେଇଛି ପୁଲିସ ବିଭାଗ। ନଭେମ୍ବର ୧୯ ତାରିଖରେ ବଦଳି ହୋଇଥିବା ୪୭୫ ଜଣ ଇନ୍ସପେକ୍ଟରଙ୍କ ମଧ୍ୟରୁ ୫୬ଜଣ ଇନ୍ସପେକ୍ଟରଙ୍କ ବଦଳିକୁ ବାତିଲ କରି ପରିବର୍ତ୍ତନ କରାଯାଇଛି। ଏହି ବଦଳି ପରେ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠିର ଧଜିଆ ଉଡ଼ିଛି। ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି ହେବାର ନିୟମ ରହିଥିବା ବେଳେ କାହା ସ୍ୱାର୍ଥରେ ଅଚାନକ ବଦଳି କରାଗଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଆଶ୍ଚର୍ଯ୍ୟଜନକ କଥା ହେଲା, ଏଥିରେ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିଥିବା ଅଧିକାରୀଙ୍କୁ ପୁଣିଥରେ ସେହି ଜିଲ୍ଲାରେ ନିଯୁକ୍ତି ଦିଆଯାଇଛି। ମୋଟାମୋଟି କହିବାକୁ ଗଲେ, ଅନୁଗୋଳ, ରାଉରକେଲା, ଯାଜପୁର ଓ କମିସନରେଟ୍ ପୁଲିସ ସମେତ ଅନ୍ୟ କେତେକ ପୁଲିସ ଜିଲ୍ଲାରେ ଥିବା କିଛି ଅଧିକାରୀଙ୍କ ପାଇଁ ଏହି ନିୟମ ପ୍ରହସନ ପାଲଟିଛି।

## ସୀତାକୁଣ୍ଡରେ ଅଘଟଣ

# ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ; ବିକାଳି ଗୁରୁତର

ବାରିପଦା, ୨୧।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ରବିବାର ଏକ ଅଘଟଣ ଘଟିଛି। ଆଜି ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ବେଳେ ଏକ ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ ହୋଇଛି। ଏଥିରେ ବେଲୁନ ବିକାଳି ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ହେଲେ, ବାରିପଦା ସହର ଶୂନଗଡ଼ିଆର ସେରୁ ସିଂ(୨୪)। ତାଙ୍କୁ ଗୁରୁତର ଅବସ୍ଥାରେ ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଖାପାଖି କେହି ପର୍ଯ୍ୟଟକ ନଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିସ୍ଫୋରଣ ପରେ ଗ୍ୟାସ୍ ଟାଙ୍କିଟି ପାର୍କିଂରେ ଛିଡ଼ା ହୋଇଥିବା ଏକ ଟୁରିଷ୍ଟ ବସ୍ ଉପରେ ପଡ଼ିଥିଲା। ସେରୁ ଧୂମପାନ କରି ସିଲିଣ୍ଡରକୁ ଅନ୍ୟତ୍ର ନେଇଯାଉଥିଲେ। ପୂର୍ବରୁ ଲିକ୍ ଥିବା ଟାଙ୍କିରେ ଅଠା ଦେଇ ଅସ୍ଥାୟୀ ସିଲ୍ କରିଥିବା ବେଳେ ସେଠାରୁ ଗ୍ୟାସ ଲିକ୍ ହୋଇ ଏହି ଅଘଟଣ ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ବେଲୁନ୍ ବିକାଳିଙ୍କୁ ଉଦ୍ଧାର କରିବାକୁ କେହି ଆସିନଥିଲେ।

**ଅଳ୍ପକେ ବର୍ତ୍ତିଲେ ପର୍ଯ୍ୟଟକ**

# ବଢ଼ିବ ଓଡ଼ିଶାର ଜାତୀୟ ଜଳପଥ ସଂଖ୍ୟା

## ରାଜ୍ୟକୁ ଯୋଗ୍ୟ ଜଳପଥର ତାଲିକା ମାଗିଲା କେନ୍ଦ୍ର

ଭୁବନେଶ୍ୱର,୨୧।୧୨(ସମିସ): ଓଡ଼ିଶାରେ ଜାତୀୟ ଜଳପଥର ବିକାଶ ପାଇଁ ପୁଣିଥରେ ଅଣ୍ଟା ଭିଡ଼ିଛି କେନ୍ଦ୍ର ସରକାର। ରାଜ୍ୟରେ ଯେଉଁ ଜଳପଥ ଗୁଡ଼ିକର ଜାତୀୟ ରାଜପଥ ଭାବେ ଘୋଷଣା କରିବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ଓ ମାନଦଣ୍ଡ ରହିଛି, ତାହାର ତାଲିକା ଦେବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଚିଠି ଲେଖିଛନ୍ତି। ଓଡ଼ିଶା ପକ୍ଷରୁ ତାଲିକା କେନ୍ଦ୍ର ନିକଟରେ ପହଞ୍ଚିବା ପରେ, ଏହାର ଫିଜିବିଲିଟ ସର୍ଭେ ହେବ। ଏହାପରେ ଜାତୀୟ ଜଳପଥ ଭାବେ ମାନ୍ୟତା ପ୍ରଦାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶରେ ମୋଟ ୧୧୧ଟି ଜଳପଥକୁ ଜାତୀୟ ଜଳପଥର ମାନ୍ୟତା ଦିଆଯାଇଛି। ତନ୍ମଧ୍ୟରେ ଓଡ଼ିଶାର ୬ଟି ଜଳପଥ ସାମିଲ ରହିଛି। ସେଗୁଡ଼ିକ ହେଲା ଜାତୀୟଜଳପଥ-୫, ୧୪, ୨୨, ୨୩, ୬୪ ଓ ୯୬। ଜାତୀୟଜଳପଥ-୫ ଅଧିନରେ ବ୍ରାହ୍ମଣୀ-କୁଶଭଦ୍ରା-ଧାମରା ରହିଥିବା ବେଳେ ଜଳପଥ-୧୪ ଅଧିନରେ ବୈତରଣୀ ନଦୀ ରହିଛି। ସେହିପରି ଜଳପଥ-୨୨ ଅଧିନରେ ବିରୁପା-ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମ, ଜଳପଥ-୨୩ ଅଧିନରେ ବୁଢାବଳଙ୍ଗ, ଜଳପଥ-୬୪ ଅଧୀନରେ

### ଫିଜିବିଲିଟି ସର୍ଭେ ପରେ ପଦକ୍ଷେପ
### ପୂର୍ବରୁ ୬ଟି ଜଳପଥକୁ ମିଳିଛି ମାନ୍ୟତା
### ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ୧୨୫୦୦ କୋଟି

ମହାନଦୀ ଏବଂ ଜାତୀୟ ଜଳପଥ-୯୬ ଅଧିନରେ ସୁବର୍ଣ୍ଣରେଖା ନଦୀ ସାମିଲ ରହିଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆ ମାରିଟାଇମ୍-୨୦୨୫ କାର୍ଯ୍ୟକ୍ରମରେ ଜାତୀୟ ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଇନଲ୍ୟାଣ୍ଡ ୱାଟରୱେଜ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏଆଇ), ରାଜ୍ୟ ସରକାର, ପାରାଦୀପ ପୋର୍ଟ ଅଥରିଟି(ପିପିଏ) ଏବଂ ମହାନଦୀ କୋଲ୍ଡଫିଲ୍ଡ ଲିମିଟେଡ(ଏମସିଏଲ) ମଧ୍ୟରେ ଏହି ଚୁକ୍ତିନାମା ହୋଇଥିବା ବେଳେ ଏଥିପାଇଁ ୧୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ରାଜପଥ ଓ ରେଳ ଉପରେ ଲଜିଷ୍ଟିକ ଖର୍ଚ୍ଚ



ହ୍ରାସ, ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହନ, ତାଳଚେର କୋଇଲାଖଣିରୁ ପାରାଦୀପ ଓ ଦାମରା ବନ୍ଦରକୁ କାର୍ଗୋ ପରିବହନ ଆଦି ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଅପରପକ୍ଷେ କୌଣସି ଜଳପଥ ଜାତୀୟ ଜଳପଥର ମାନ୍ୟତା ପାଇଲେ ସେଠାରେ ଭିତ୍ତିଭୂମି ବିକାଶର ବ୍ୟାପକ ପଥ ଉନ୍ମୁକ୍ତ ହେଉଥିବାରୁ ଏହା ଓଡ଼ିଶା ପାଇଁ ବେଶ୍ ଉପାଦେୟ ହେବ ବୋଲି ଜଣାପଡ଼ିଛି। ଓଡ଼ିଶାରେ ବହୁ ସଂଖ୍ୟକ ଜଳପଥ ଏଥିପାଇଁ ଯୋଗ୍ୟତା ରଖିଥିବା ବେଳେ ଏନେଇ ଖୁବଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ଜଣାପଡ଼ିଛି।

■ ବନ୍ଧୁକ ମୁନରେ ଦାଦାବଟି ଆଦାୟ

# ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ ଗିରଫ

ବ୍ରହ୍ମପୁର, ୨୧।୧୨ (ସମିସ): ଦାଦାବଟି ଆଦାୟ ମାମଲାରେ ଟାଉନ ଥାନା ପୁଲିସ ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ପୂର୍ବତନ କର୍ପୋରେଟର୍ଙ୍କ ପୁଅ ତଥା ରାଉତପେଟା ସାହିନିବାସୀ ଶୁଭମ ମାଝୀ (୨୨) ଓ ସହଯୋଗୀ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବୁଟୁଲୁ ଗ୍ରାମର ଆଲୋକ ମାଝୀ (୨୬)। ଶୁଭମଙ୍କ ନିକଟରୁ ପୁଲିସ ଗୋଟିଏ ପିସ୍ତଲ, ଗୋଟିଏ ଖଣ୍ଡା, ମୋବାଇଲ୍, ଗୋଟିଏ ଟିଭିଏସ୍ ସ୍କୁଟି, ଗୋଟିଏ ମେଫେଣ୍ଟରମାଇନ୍ ସଲଫେଟ୍ (ଟରମାଙ୍ଗ) ଇଞ୍ଜେକ୍ସନ ବୋତଲ ଓ ଦୁଇଟି ସିରିଞ୍ଜ ଜବତ କରିଛି।

ସୂଚନାଯୋଗ୍ୟ, ବଡ଼ବଜାର ଥାନା ଅଞ୍ଚଳର ରବି ସେଠୀ (୪୫) ମଧ୍ୟସ୍ଥି ସାଜି ଗେଟବଜାର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଘର ବିକ୍ରି କରିଥିଲେ। ଏଥିରୁ ରବି ମୋଟା ଅଙ୍କର ଅର୍ଥ ପାଇଥିଲେ। ସେହି ଟଙ୍କାରୁ ୭୦ ହଜାର ଟଙ୍କା ଦାବି କରିଥିଲେ ଶୁଭମ। ରବି ଟଙ୍କା ନଦେବାରୁ ଶୁଭମ ତାଙ୍କୁ ଧମକଚମକ ଦେଇଆସୁଥିଲା। ଶୁଭମ ଓ ସହଯୋଗୀ ଆଲୋକ ଉଭୟ ୨ ଓ ୩ ତାରିଖରେ ରବିଙ୍କୁ ଧମକ ଦେବା ସହ ଆକ୍ରମଣ କରିଥିଲେ। ଏପରିକି, ତାଙ୍କୁ ପାନବିକା ସାହି ସମେତ ବିଭିନ୍ନ ସ୍ଥାନକୁ ନେଇ ଅଟକ ରଖି ମାରପିଟ୍ କରିବା ସହ ତାଙ୍କ ମୋବାଇଲ୍କୁ ଭାଙ୍ଗି ଦେଇଥିଲେ। ପରେ ପିସ୍ତଲ ଏବଂ ଖଣ୍ଡା ଦେଖାଇ ୭୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଘଟଣାକୁ ନେଇ ରବି ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣା

# ଥାନାରେ ଏତଲା ଦେଲେ ହ୍ୟୁମାନ୍ଙ୍କ ମା'

କଟକ, ୨୧।୧୨(ସମିସ): କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁକୁ ମାସେ ବିତିଯାଇଥିବା ବେଳେ ଆଜି ତାଙ୍କ ମା' ଶେଫାଳି ସୁନା ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ହ୍ୟୁମାନଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ସେ ୮ଟି ଦିଗ ଉପରେ ଅଭିଯୋଗ ଆଣିଛନ୍ତି। ହ୍ୟୁମାନଙ୍କ ମୃତ୍ୟୁ ପଛରେ ବିଷକ୍ରିୟା, ଶାରୀରିକ ଆଘାତ, ଅବହେଳା, ନିର୍ଯାତନା, ଚାପ, ଧମକ, ଆର୍ଥିକ ନେଣଦେଣ ସହ ପ୍ରମାଣ ନଷ୍ଟ ଆଦି କଥା ତାଙ୍କ ମାଆ ଶେଫାଳି ଉଠାଇଛନ୍ତି। ଗତ ନଭେମ୍ବର ୧୭ ତାରିଖ ରାତିରେ ହ୍ୟୁମାନ ସାଗର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଥିଲା। ହ୍ୟୁମାନଙ୍କ ମୃତ୍ୟୁର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଶେଫାଳି ପୁଲିସକୁ ନିବେଦନ କରିଛନ୍ତି।

ଏତଲାରେ ଦର୍ଶାଯାଇଛି ଯେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର କିମ୍ବା ତାଙ୍କ ପରିବାରସଦସ୍ୟମାନଙ୍କ ଦ୍ୱାରା ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ଡିଜିଟାଲ୍ ମିଡିଆରେ ଦିଆଯାଇଥିବା ସାର୍ବଜନୀନ ବକ୍ତବ୍ୟ, ପ୍ରେସମିଟ୍, ସାକ୍ଷାତକାର ଇତ୍ୟାଦିର ଭୂମିକା ଉପରେ ତଦନ୍ତ କରାଯାଉ। ହ୍ୟୁମାନଙ୍କ ଛୋଟ ଝିଅ ନ୍ୟୁ ଏଞ୍ଜେଲ୍ ସାଗରଙ୍କ ସହ ଦେଖା କିମ୍ବା କଥା ହେବାରୁ ରୋକାଯାଇଥିଲା, ଯାହା ତାଙ୍କୁ ଗଭୀର ମାନସିକ ଯନ୍ତ୍ରଣା ଦେଇଥିଲା। ହ୍ୟୁମାନଙ୍କ ପତ୍ନୀଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରି ଜେରା କରିବାକୁ ଶେଫାଳି ନିବେଦନ କରିଛନ୍ତି। ବିଶେଷକରି ହ୍ୟୁମାନଙ୍କ ବନ୍ଧୁ ତଥା ପ୍ରେମିକା କଣ୍ଠଶିଳ୍ପୀ ଅର୍ପିତାଙ୍କୁ ଜେରା କରାଯାଇ ତାଙ୍କ ଫୋନ୍, ବ୍ୟାଙ୍କ୍ ପାସବୁକ୍, ହ୍ୱାଟସଆପ୍ ତଥ୍ୟ ଓ କଲ୍ ଡିଟେଲ୍ସକୁ ପୁଲିସ ଯାଞ୍ଚ କରିବାକୁ ସେ ନିବେଦନ କରିଛନ୍ତି। ଶେଷ ୩/୪ବର୍ଷ ଧରି ତାଙ୍କ ସହିତ ଘନିଷ୍ଠ ଭାବେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ, ଆଇନ ଅନୁଯାୟୀ ତଦନ୍ତ ପରିସରଭୁକ୍ତ କରାଯାଉ। ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତା/ପରିବାର ସହିତ ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ସତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଅବିଦ୍ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା' ଶେଫାଳି ନିବେଦନ କରିଛନ୍ତି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି।

■ ପତ୍ନୀ ଶ୍ରେୟା ଓ ଅର୍ପିତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ନିବେଦନ
■ ମ୍ୟାନେଜର ଦୀନେଶ୍ ଓ ସଂଗୀତ ନିର୍ଦ୍ଦେଶକ ସୋମେଶଙ୍କୁ ବି ଜେରା ପାଇଁ ଅନୁରୋଧ
■ ମୁଖ୍ୟମନ୍ତ୍ରୀଙ୍କୁ ଦିଆଗଲା ଏତଲାର ନକଲ

# ଦୁର୍ଘଟଣାରେ ୨ ମୃତ

ତରଭା,୨୧।୧୨(ସମିସ): ବଲାଙ୍ଗିର-ସୋନପୁର ୫୭ନମ୍ବର ଜାତୀୟ ରାଜପଥର ଛେପାପାଲି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସୋନପୁର ବ୍ଲକ ହରଡ଼ଖୋଲ ନିକଟସ୍ଥ ଗତରକେଲା ଗ୍ରାମର ଜୟବେହେରା(୩୬) ଓ ଗଙ୍ଗାଧର ବେହେରା (୩୦)। ଉଭୟ ଏକ ବାଇକ୍ରେ ସୋନପୁର ଆଡ଼କୁ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଜୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ସୋନପୁର-ବଲାଙ୍ଗୀର ରାସ୍ତାକୁ ଅବରୋଧ କରିଛନ୍ତି। ସୋନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।



## ଅବଶିଷ୍ଟାଂଶ

### ବଢ଼ିଲା ରେଳ ଯାତ୍ରୀ...

କରିଥିଲେ। ସେତେବେଳେ, ଅଣ-ଏସି ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ ପାଇଁ ପ୍ରତି କିମି ପିଛା ୧ ପଇସା ଏବଂ ଏସି ଶ୍ରେଣୀ ଭଡା ପାଇଁ ପ୍ରତି କିମିରେ ୨ ପଇସା ବୃଦ୍ଧି କରାଯାଇଥିଲା। ତା' ପୂର୍ବରୁ ୨୦୨୦ରେ ଯାତ୍ରୀ ଭଡ଼ା ବୃଦ୍ଧି ହୋଇଥିଲା। ଭଡ଼ା ବୃଦ୍ଧି ଜରିଆରେ ରେଳବାଇ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛି। ରେଳ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ବର୍ଦ୍ଧିତ ପରିଚାଳନା ଖର୍ଚ୍ଚକୁ ପୂରଣ କରିବା ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଏହି ଭଡ଼ା ବୃଦ୍ଧି ଜରୁରୀ। ରେଳବାଇ ଏହାର ସେବାକୁ ଉନ୍ନତ କରିବା, ନୂତନ ଟ୍ରେନ ପ୍ରଚଳନ କରିବା ଏବଂ ଷ୍ଟେସନ୍ଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଭଡ଼ା ବୃଦ୍ଧି ଦ୍ୱାରା ସୃଷ୍ଟ ୬୦୦ କୋଟିର ଅତିରିକ୍ତ ରାଜସ୍ୱ ଏହି କାର୍ଯ୍ୟ ପାଇଁ ବ୍ୟବହାର କରାଯିବ।

### ନାକେଦମ୍ କରିବ...

କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଦେବଗଡ଼, କଳାହାଣ୍ଡି ଓ କୋରାପୁଟରେ ମଧ୍ୟମଧରଣର କୁହୁଡ଼ି ପାଇଁ ପାଣିପାଗ କେନ୍ଦ୍ର କହିଛି। ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି କିପରି ରାସ୍ତାରେ ଯାନବାହନ ଚଳାଚଳରେ ଦୁର୍ଘଟଣା ନ ଘଟିବ ତାହା ଉପରେ ରାଜ୍ୟ ପରିବହନ ବିଭାଗ ଗୁରୁତ୍ୱ ଦେଇଛି। ଏଥିପାଇଁ ବିଭାଗ ପକ୍ଷରୁ କୁହୁଡ଼ି ସମୟରେ ଗାଡ଼ି ନ ଚଲାଇବାକୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ଥିଲେ ଧୀରେ ଓ ସାବଧାନତାର ସହ ଗାଡ଼ି ଚଳାଇବାକୁ କୁହାଯାଇଥିବା ବେଳେ ଗାଡ଼ି ପାର୍କିଂ ସମୟରେ ହାଜାର୍ଡ ଲାଇଟ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଆବଶ୍ୟକ ନଥିଲେ ଗାଡ଼ି ଓଭରଟେକ୍ କରିବାକୁ ମଧ୍ୟ ବାରଣ କରାଯାଇଛି। ଦ୍ରୁତଗତିରେ ଗାଡ଼ି ଚଳାଇବାକୁ ବାରଣ କରାଯିବା ସହ ହଠାତ୍ ଲେନ୍ ପରିବର୍ତ୍ତନ ନ କରିବା ଓ ଗାଡ଼ି ଗାଡ଼ି ମଧ୍ୟରେ ସୁରକ୍ଷିତ ବ୍ୟବଧାନ ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଜି. ଉଦୟଗିରିରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏହା ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡ଼ାରେ ୬.୭, ଦାରିଙ୍ଗବାଡ଼ି ୭, ଫୁଲବାଣୀ ୭, କୋରାପୁଟ ୭.୬, ନବରଙ୍ଗପୁର ୯, ଭବାନୀପାଟଣା ୯.୪ ବୌଦ୍ଧ ୯.୬, ଅନୁଗୁଳ ୯.୬ ଓ ଝାରସୁଗୁଡ଼ାରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି।

### ଜଣେ ମୃତ...

ରେଡ୍ଡୀ, ହିମାଂଶୁ ସେଠୀ, ସାଗର ଦାସ, କୈଳାସ ଦାସ, ଡି. ଦୁର୍ଯ୍ୟୋଧନ ପ୍ରମୁଖଙ୍କ ସମେତ ୧୭ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ, ବ୍ରହ୍ମପୁର ସହର ଉପକଣ୍ଠ ଆଙ୍କୁଶପୁରସ୍ଥିତ ଘରୋଇ ସ୍କୁଲ ତକ୍ଷଶୀଳାର ବସ୍ରେ ରବିବାର ସକାଳେ ସ୍କୁଲ କର୍ମଚାରୀ, ଏମଆରଏଫ୍ ଓ ରୟାଲ ଏନଫିଲ୍ଡର କର୍ମଚାରୀ ମିଶି ବଣଭୋଜି କରିବାକୁ ଯାଇଥିଲେ। ପାତ୍ରପୁର ବ୍ଲକ ତଥା ଜରଡ଼ା ଥାନା ଅନ୍ତର୍ଗତ ବାର୍ହା ପଥରକୁ ସେମାନେ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରିବା ବେଳେ ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ, ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଅଗ୍ନିଶମ ବାହିନୀର ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ଓଡ଼ିଶା ଉପରେ...

ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ଏହି କ୍ରମରେ ପୂର୍ବ ବର୍ଷର 'ମନରେଗା'ରେ ହୋଇଥିବା ଆର୍ôଥକ ଅଟକଳକୁ ଦେଖିଲେ ଓଡ଼ିଶାର ଏହି ଖର୍ଚ୍ଚ ପାଖାପାଖି ୫୫୦ ପ୍ରତିଶତ ବଢ଼ିଯିବ ବୋଲି ଆକଳନ କରାଯାଇଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ 'ମନରେଗା' ପାଇଁ ମୋଟ୍ ୪୬୩୬.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଅଣକୁଶଳୀ ମଜୁରୀ ବାବଦକୁ ୩୧୮୬.୯୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଏ ବାବଦକୁ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ି ନାହିଁ। ହେଲେ 'ଭିବି ଜି-ରାମ୍-ଜି' ଯୋଜନାରେ ଏହି କ୍ଷେତ୍ରରେ ଓଡ଼ିଶାକୁ ୧୨୭୪.୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ସମାନ ଭାବେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ମଧ୍ୟ ୮୪.୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏବାବଦରେ ଓଡ଼ିଶାର ଖର୍ଚ୍ଚ ପ୍ରାୟତ ଶୂନ ରହିଛି। ହେଲେ ନୂତନ ଯୋଜନାରେ ଏହି ସମସ୍ତ ବାବଦକୁ ଓଡ଼ିଶା ଖର୍ଚ୍ଚ ଭରଣା କରିବା ସହ ପୂର୍ବ ତୁଳନାରେ ପ୍ରତିଶତ ମଧ୍ୟ ବୃଦ୍ଧି ପାଇଛି। ଏପରି ହାରରେ ମୋଟ୍ ଖର୍ଚ୍ଚର ୪୦ ପ୍ରତିଶତ ଖର୍ଚ୍ଚ ଓଡ଼ିଶା ଖର୍ଚ୍ଚ କଲେ ୧୮୫୪.୧୩ କୋଟି ଟଙ୍କା ଭାଗ ପଡୁଛି। ହେଲେ ମନରେଗା ଏହି କ୍ଷେତ୍ରରେ ଓଡ଼ିଶା ମାତ୍ର ୩୪୧.୧୮ କୋଟି ଖର୍ଚ୍ଚ କରିଛି। ଯାହାକି ମୋଟ୍ ଅର୍ଥର ୭.୩୫ ପ୍ରତିଶତ ରହିଛି। ହେଲେ ଏବେ ଏହି ଯୋଜନା ବାବଦକୁ ୪୦ ପ୍ରତିଶତ ଅର୍ଥ ବ୍ୟୟ କଲେ ଏହି ଖର୍ଚ୍ଚ ପ୍ରାୟ ୫୪୩.୪ ପ୍ରତିଶତ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ଓଡ଼ିଶା ସରକାର ସୁଭଦ୍ରା ଯୋଜନା ପାଇଁ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କା ଓ ଧାନ କିଣାରେ ୮୦୦ ଟଙ୍କା ସବସିଡି ବାବଦକୁ ୬୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ରାଜ୍ୟର ଆର୍ôଥକ ପରିଚାଳନା ଏକ ପ୍ରକାର ଅସନ୍ତୁଳନ ହୋଇପଡ଼ିଥିବା ବେଳେ ସରକାର ଏବେ ଖୋଲା ବଜାରରୁ ମଧ୍ୟ ଋଣ କରିବାକୁ ବାଧ ହେଉଛନ୍ତି। ଏବେ 'ଭିବି ଜି-ରାମ୍-ଜି' ବାବଦକୁ ଖର୍ଚ୍ଚର ପରିମାଣ ୨୦୦୦ କୋଟି ଟଙ୍କା ବଢ଼ିଗଲେ ଓଡ଼ିଶା ଉପରେ ଆର୍ôଥକ ବୋଝ ଆହୁରି ବଢ଼ିବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। କୋଭିଡ ସମୟରେ ମନରେଗା ଯୋଗୁଁ କୋଟି କୋଟି ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଏବଂ ତାଙ୍କ ଜୀବନକୁ ରକ୍ଷା କରାଯାଇପାରିଥିଲା। ହେଲେ ନୂଆ ଯୋଜନା ଅନୁସାରେ ବଜେଟର ପରିମାଣ କେନ୍ଦ୍ର ସରକାର ସ୍ଥିର କରିବେ। କେଉଁ କାମ ହେବ ତାହା ମଧ୍ୟ କେନ୍ଦ୍ର ସ୍ତରରେ ସ୍ଥିର ହେବ। ଫଳରେ ପଞ୍ଚାୟତର ଭୂମିକାକୁ ଗୌଣ କରିଦିଆଯିବ ବୋଲି ଦର୍ଶାଇ ବିରୋଧୀ ଏହି ଯୋଜନାକୁ ବିରୋଧ କରୁଛନ୍ତି। ଏହା ସହିତ ରାଜ୍ୟମାନଙ୍କର ଅଂଶଧନ ୪୦ ପ୍ରତିଶତ କରିବା ଦ୍ୱାରା ବହୁ ରାଜ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରିପାରିବେ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ଓଡ଼ିଶାରେ ପ୍ରାୟ ୬୭.୫ ଲକ୍ଷ ଶ୍ରମିକ ମନରେଗା ଦ୍ୱାରା କାମ ପାଉଥିଲେ। ଫଳରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଏହା ବଳିଷ୍ଠ କରିପାରୁଥିଲା। ମାତ୍ର ନୂତନ ଯୋଜନାରେ ରାଜ୍ୟ ସରକାରଙ୍କ ଉପରେ ଆର୍ôଥକ ବୋଝ ବଢୁଥିବାରୁ ଏହାକୁ ନେଇ ସରକାରଙ୍କର କେଉଁ ଆଭିମୁଖ୍ୟ ରହୁଛି ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି।

### ମଞ୍ଚ ଉପରେ ଅସନ୍ତୋଷ...

ରହିଥିଲା। ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ନାମ ଥିଲେ ହେଁ ବ୍ୟାନର୍ରେ ତାଙ୍କ ଫଟୋ ସ୍ଥାନୀତ ହୋଇନଥିଲା। ଏହା ଦେଖି ସାଂସଦ ଶ୍ରୀ ପୁରୋହିତ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ। ବିଜେପି ଦଳ ବର୍ତ୍ତମାନ ସରକାରରେ ଥିବା ବେଳେ ତାଙ୍କୁ କାହିଁକି ଅପମାନିତ କରାଯାଉଛି ବୋଲି ସର୍ବସମ୍ମୁଖରେ ମଞ୍ଚ ଉପରେ ଅଭିଯୋଗ କରିବା ସହ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ପ୍ରୋଟୋକଲକୁ ନେଇ ପ୍ରଶ୍ନ କରିଥିଲେ। ଜନସାଧାରଣ ତାଙ୍କୁ ବହୁମତରେ ବିଜୟୀ କରିଥିବା ବେଳେ ସର୍ବସାଧାରଣରେ ତାଙ୍କୁ କାହିଁକି ଏପରି ଅପମାନିତ କରାଯିବ ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ତେବେ ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଭାରେ କ୍ଷମା ପ୍ରାର୍ଥନା କରିଥିଲେ। ସଭାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ବିଜେପି ସରକାରରେ କୃଷକମାନଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟାୟ ସହ୍ୟ କରାଯିବ ନାହିଁ। ତେଣୁ ଚାଷୀଙ୍କ ଧାନ ବିକ୍ରୟ ବିଳମ୍ବ ହେଉଥିଲେ ମଧ୍ୟ ଚିନ୍ତା କରିବାର କିଛି ନାହିଁ। ସରକାର ଚାଷୀଙ୍କ ଧାନ ଉଚିତ୍ ମୂଲ୍ୟରେ କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯେଉଁ ମିଲ ମାଲିକ ଧାନରେ କଟନିଛଟନି କରିବା ପାଇଁ ଚାଷୀଙ୍କ ଉପରେ ଚାପ ପକାଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଧାନ ବ୍ୟତୀତ ଅନ୍ୟ ଫସଲ ଯଥା ମାଣ୍ଡିଆ ଓ ଡାଲି ଜାତୀୟ ଫସଲ ଅମଳ କରିବା ପାଇଁ ମୁଖ୍ୟ ଅତିଥି ଶ୍ରୀ ସିଂଦେଓ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମିଲର୍ସଙ୍କ ଦ୍ୱାରା କୃଷକ ଶୋଷଣ ନୀତିକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି କହିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାଏକ, କୋଲାବିରା ବିଡିଓ ଅଶୋକ ମାଝୀ, ଉଦ୍ୟାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ଧନ୍ୟବାଦ ଦେଇଥିଲେ।

**AFFIDAVIT**

By virtue of an Affidavit sworn before the Executive Magistrate, Dhamnagar, on 21.11.2025, I, MINATI JENA, W/o- NIRANJAN JENA, Vill.- Nandore Katasahi, P.S.- Dhusuri, Dist.- Bhadrak hereby declare that my name has been wrongly mentioned as MINA JENA in my HDFC Life Insurance Policy. That Minati Jena & Mina Jena is one and the same person. Henceforth, I shall be known as **MINATI JENA** for all purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

## ହୁତୁହୁତୁ ହୋଇ ଜଳିଗଲା କୋଇଲା ଗାଡ଼ି





ଇବଥର୍ମାଲ,୨୧।୧୨(ସମିସ): ବନହରପାଲି ଥାନା କୁମ୍ଭାର ବନ୍ଧ ଫାଣ୍ଡି ରମ୍ପେଲା ସେତୁ ଉପରେ ଏକ କୋଇଲା ବୋଝେଇ ଟ୍ରଲର ହୁତୁହୁତୁ ହୋଇ ଜଳି ଯାଇଛି। ଟ୍ରଲରଟି ସମ୍ବଲପୁର ରେଙ୍ଗାଲି ପଟୁ ଝାରସୁଗୁଡ଼ା ଜିଲ୍ଲା ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଏନର୍ଜି ଲିମିଟେଡକୁ କୋଇଲା ନେଇ ଆସୁଥିଲା। ମାତ୍ର ରମ୍ପେଲା ସେତୁ ଉପରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ରଲରର ଆଗ ଭାଗ ମୋଡି ହୋଇ ସେତୁ ବାଡ ଭାଙ୍ଗି ବନ୍ଧରୁ ଝୁଲି ପଡ଼ିଥିଲା। ଏପରି ଅବସ୍ଥାରେ ପଛଭାଗରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳି ଉଠିଥିଲା। ପରେ ଆଗ ପଟକୁ ମଧ୍ୟ ନିଆଁ ମାଡ଼ି ଯାଇଥିଲା। ଖବର ପାଇ କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ତଦନ୍ତ ଚାଲିଥିବା କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଦଳେଇ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ଓ ବିଜ୍ଞାନ ମେଳା

ଝାରସୁଗୁଡ଼ା,୨୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଓପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ଓଡ଼ିଶା ସରକାରଙ୍କ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍ ସ୍ତରରୁ ଚୟନ ହୋଇଥିବା ପ୍ରକଳ୍ପ ଗୁଡିକୁ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଛି। ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକୁ ନେଇ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ଏହି ଅବସରରେ ଆୟୋଜିତ ସଭାର ପ୍ରଥମ ଅଧିବେଶନକୁ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପରିଚାଳନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗର୍ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ.ସୂର୍ଯ୍ୟନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଓ ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସଭାର ଦ୍ୱିତୀୟ ଅଧିବେଶନରେ ଝାରସୁଗୁଡ଼ା ଜିଲ୍ଲାର ୫ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ, କିର୍ମିରା ବ୍ଲକ୍‌ର ଶିକ୍ଷା ଅଧିକାରୀ ଜୟ ନାରାୟଣ ପଣ୍ଡା, ଲଇକେରା ବ୍ଲକ୍ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, ଲଖନପୁର ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ, କୋଲାବିରା ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଏବଂ ଏଡିଇଓ ରବୀନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ମେଳାରେ ୩୫ଟି ପ୍ରକଳ୍ପ ସହିତ ଏନର୍ଜୀ କ୍ଲବ୍‌ର ୪୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେଥି ମଧ୍ୟରୁ ୭ ଥିମରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ପାଇ ୨୧ ଜଣ ଶିଶୁ ବୈଜ୍ଞାନିକ ପୁରସ୍କୃତ ହୋଇଥିଲେ। ଏହା ସହିତ ୩ ଜଣଙ୍କୁ ଏନର୍ଜୀ କ୍ଲବ୍‌ରୁ ପୁରସ୍କୃତ କରାଯାଇଥିଲା। ଏଥିରେ ଏୟାର ଏନସିସି ଅଫିସର୍ ଜିତେନ୍ଦ୍ର ମଗର ଓ ତାଙ୍କ ଏନସିସି କ୍ୟାଡେଟ ସହ ସ୍କାଉଟ ଅଫିସର୍ ପ୍ରତିଭା ମହାପାତ୍ର ଏବଂ ତାଙ୍କ ସ୍କାଉଟ ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରବି ଯାଦବ ଜେସିଆଇ ଝାରସୁଗୁଡ଼ା ସିଟିର ନୂତନ ସଭାପତି ମନୋନୀତ



ଝାରସୁଗୁଡ଼ା,୨୧।୧୨(ସମିସ): ଝାରସୁଗୁଡ଼ା ସହର ସ୍ଥିତ ଘରୋଇ ହୋଟେଲ ଠାରେ ଜେସିଆଇ ଝାରସୁଗୁଡ଼ା ସିଟିର ତୃତୀୟ ପ୍ରତିଷ୍ଠା ଦିବସ ଏବଂ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜେସିଆଇ ଝାରସୁଗୁଡ଼ା ସିଟି ସହରରେ ବର୍ଷ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛି। ଶନିବାର ଜେସିଆଇର ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଥିଲା। ଏହି ଅବସରରେ ବିକାଶ ଗ୍ରୁପ ଅଧ୍ୟକ୍ଷ ଡି ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜେସିଆଇ ଜୋନ ଅଧ୍ୟକ୍ଷ ପ୍ରଣବ ଲାଠଙ୍କ ସମେତ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୂତନ କାର୍ଯ୍ୟକାରିଣୀ କମିଟିର ନୂତନ ପଦାଧିକାରୀ ମାନେ ଶପଥ ପାଠ କରିଥିଲେ। ପ୍ରତିବର୍ଷ ଜେସିଆଇ ଝାରସୁଗୁଡ଼ା ସିଟିର କାର୍ଯ୍ୟକାରିଣୀ କମିଟିର ସଦସ୍ୟଙ୍କ ପଦ ପଦବୀ ପରିବର୍ତ୍ତନ ହୋଇଥାଏ। ୨୦୨୬ ବର୍ଷ ପାଇଁ ଭାଇରାଲ୍ ଝାରସୁଗୁଡ଼ାର ନିର୍ଦ୍ଦେଶକ ରବି ଯାଦବଙ୍କୁ ଜେସିଆଇ ଝାରସୁଗୁଡ଼ା ସିଟିର ସଭାପତି ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଛି। ପ୍ରତିଷ୍ଠା ଦିବସ ସମାରୋହରେ ରବି ଯାଦବ ସଭାପତି ପଦ ଏବଂ ମନିଷ ଜେନ ସେକ୍ରେଟାରୀ ପଦ ପାଇଁ ଶପଥ ପାଠ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ଏଆଇଏସ୍ ପାୱାର ସବଷ୍ଟେସନ୍ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୧।୧୨(ସମିସ):



ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ପୋଖରାସାଲେଠାରେ ଏକ ନୂତନ ଏବଂ ଉତ୍ସର୍ଗୀକୃତ ୩୩/୧୧ କେଭି ଏଆଇଏସ୍ ପାୱାର ସବଷ୍ଟେସନ୍ (ପିଏସ୍‌ଏସ୍) ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ, କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ନୂତନ ଏବଂ ଉତ୍ସର୍ଗୀକୃତ ୩୩/୧୧ କେଭି ଏଆଇଏସ୍ ପାୱାର ସବଷ୍ଟେସନ୍ (ପିଏସ୍‌ଏସ୍)ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକ ଏବଂ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୧୧ କୋଟି ଟଙ୍କା ବିନିଯୋଗରେ କାର୍ଯ୍ୟକ୍ଷମ ହୋଇଥିବା ନୂତନ ସବ୍‌ଷ୍ଟେସନ ଦ୍ୱାରା ମାଲିଡିହି, ଲାରିଆପାଲି, ବୈରାଗିଡିହି, ମୁଆପଡା, ରସଡଗା, ପୋଖରାସାଲେ, ଫରଦାପଡା, ଜାଗିଡିହି, ଜେନାପଡା, ଲୁରଡୁଙ୍ଗା, ଅମାଟି, ବୋଲଣା, ଗାଦଲପଡା, ଜୁଗିଆଡିହି ଏବଂ ଜେନାପଡା ଆଦି ଅଞ୍ଚଳର ପ୍ରାୟ ୫ ହଜାରରୁ ଅଧିକ ଘରୋଇ ଏବଂ ବାଣିଜ୍ୟିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହୋଇପାରିବେ। ପୂର୍ବରୁ, ଏହି ଅଞ୍ଚଳଗୁଡିକୁ କୋଲାବିରା ପାୱାର ସବଷ୍ଟେସନରୁ ବିଦ୍ୟୁତ୍ ଯୋଗାଣ କରାଯାଉଥିଲା। ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ପିଏସ୍‌ଏସଟି ଉପରୋକ୍ତ ଅଞ୍ଚଳମାନଙ୍କରେ ଭୋଲଟେଜ୍ ସମସ୍ୟାରେ ସୁଧାର ଆଣିବ, ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା ବୃଦ୍ଧି କରିବ ଏବଂ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟର ସମୟକୁ ହ୍ରାସ କରିବ। ଏହି ପାୱାର ସବ୍‌ଷ୍ଟେସନକୁ ଭବିଷ୍ୟତର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଉନ୍ନତ ଭାବେ ଡିଜାଇନ୍ କରାଯାଇଥିବା ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଛି। ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଏହି ନୂତନ ବିଦ୍ୟୁତ୍ ସବଷ୍ଟେସନଟି ରାଜ୍ୟର ବିଦ୍ୟୁତ୍ ଗ୍ରୀଡ୍‌ର ଡିଜିଟାଲାଇଜେସନ୍ ଦିଗରେ ଏକ ଅନନ୍ୟ ପଦକ୍ଷେପ। ସେ କହିଥିଲେ ଯେ, ଏହି ପାୱାର ସବଷ୍ଟେସନର ଉଦ୍‌ଘାଟନ ସହିତ ନିକଟବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ସ୍ଥିରତା ଓ ନିର୍ଭରଯୋଗ୍ୟତା ଆହୁରି ବୃଦ୍ଧି ଘଟିବ। ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆଗାମୀ ଦିନରେ ଏପରି ଆଧୁନିକ ଓ ଡିଜିଟାଲ ପାୱାର ଗ୍ରୀଡ୍ ସ୍ଥାପନର ଲକ୍ଷ୍ୟ ରହିଛି ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଦେଇଥିବା ବେଳେ ସମ୍ବଲପୁର ବିଦ୍ୟୁତ୍ ମଣ୍ଡଳର ନିର୍ବାହୀଯନ୍ତ୍ରୀ ସୁଶାନ୍ତ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ଝାରସୁଗୁଡ଼ା,୨୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଭଁଅରଖୋଲ ସ୍ଥିତ ଭଗବାନ ପ୍ରଧାନ ମେମୋରିଏଲ (ବିପିଏମ) ସରକାରୀ ଉଚ୍ଚ ବିଦ୍ୟାଳୟ ଭଁଅରଖୋଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଶିଷ୍ଟ ଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ବିଶ୍ୱଜିତ ଖମାରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଲଖନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ହୃତେଶ୍ୱରୀ ତିହିରିଆ ପ୍ରମୁଖ ଉପସ୍ଥିତ ଥିଲେ। ଭଁଅରଖୋଲ ସରପଞ୍ଚ ମୀନା ସାହୁ, ଲଖନପୁର ଖଣିକ୍ଷେତ୍ରରେ ମହାପ୍ରବନ୍ଧକ ଏକେ ପାଣ୍ଡେ, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ, ସ୍ୱର୍ଗତ ଭଗବାନଙ୍କ ବଂଶଜ ଆନନ୍ଦ ପ୍ରଧାନ, ବିପିଏମ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଡିଗି ମଞ୍ଚାସୀନ ଥିଲେ। ଅତିଥି ମାନେ ସ୍ୱର୍ଗତ ଭଗବାନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଏବଂ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶ ପାଇଥିବା ସ୍ମରଣିକା ଉନ୍ମୋଚନ କରିଥିଲେ। ସୁସମାଜ ଗଠନ ପାଇଁ ଶିକ୍ଷା ହିଁ ଏକ ମାତ୍ର ବିକଳ୍ପ ଏବଂ ଏହାର ମୂଳଦୁଆ ବିଦ୍ୟାଳୟ ସମୟରୁ ପଡିଥାଏ ବୋଲି ପରିବହନ ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଥିଲେ। ସେହିପରି ବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ କରିବାର ମୋର ଦାୟିତ୍ୱ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ବିଶ୍ୱଜିତ ଖମରୀ ଶିକ୍ଷା, ଶିକ୍ଷକ ଏବଂ ଅଭିଭାବକ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଶିକ୍ଷାଦାନ କରିଥିବା ଗୁରୁ ଭାବଗ୍ରାହୀ ସାହୁ ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟର ଇତିହାସ ଓ ବର୍ତ୍ତମାନ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତି ଡିଗି ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଶେଷରେ ବଉଦର ବାଉଁଶୁଣି ସାଂସ୍କୃତିକ ପରିଷଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ଯୋଗ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା**

## ହାତୀ ଆକ୍ରମଣରେ ଜଣେ ମୃତ

ଝାରସୁଗୁଡ଼ା,୨୧।୧୨(ସମିସ): ରେଙ୍ଗାଲି ଥାନା ପଞ୍ଚଗାଁ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ରେଙ୍ଗାଲି ଥାନା ଜାମଗାଁ ଗାଁର ୩୦ ବର୍ଷୀୟ ବଳରାମ ଡନସନା ବୋଲି ଜଣାପଡିଛି। ଶନିବାର ଏକ ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଘୁରିବୁଲୁଥିଲା। ପରେ ଫଟୋଟି ରେଙ୍ଗାଲି ଥାନା ଅଞ୍ଚଳର ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ହୋଇଥିବା ବେଶ୍ ଚର୍ଚ୍ଚା ହୋଇଥିଲା। ଘଟଣାକୁ ନେଇ ବନବିଭାଗ ଏବଂ ପୁଲିସ ପକ୍ଷରୁ ମିଳିତ ଭାବେ ଯାଞ୍ଚ ହୋଇଥିଲା। ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ଅଞ୍ଚଳରେ ହାତୀ ରହିଥିବାରୁ ପୁଲିସ ଓ ବନ ବିଭାଗ ମିଳିତ ଭାବେ ମୃତଦେହ ଉଦ୍ଧାର ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପୁଲିସ ଓ ବନ ବିଭାଗର ମିଳିତ ପ୍ରୟାସ ଫଳରେ ବିଳମ୍ବିତ ରାତି ୩ଟାରେ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏହା ସହିତ ବିଭିନ୍ନ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଫଟୋଟି ସତ୍ୟ ହୋଇଥିବା ନେଇ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅଞ୍ଚଳରେ ହାତୀ ବୁଲୁଥିବା ଏବଂ ହାତୀ ଜଣଙ୍କୁ ମାରିଥିବା ଘଟଣା ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନ ବିଭାଗ ପକ୍ଷରୁ ସଚେତନ ରହିବା ପାଇଁ ସତର୍କ କରାଯାଉଛି।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗବେଷଣା କର୍ମଶାଳା

ଦେବଗଡ଼,୨୧।୧୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଗବେଷଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଜିଲ୍ଲା ଗବେଷଣା ଓ ଅଭିନବ କମିଟିର ସଦସ୍ୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ବୁର୍ଲା ସହକାରୀ ପ୍ରଫେସର ଶ୍ରବଣ ବାଗ, ମଡେଲ ଡିଗ୍ରୀ କଲେଜ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ମାନସ ବେକ, ଦେବଗଡ଼ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପିକା ସୋନାଲି ସୁପ୍ରଭା ସାହୁ, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା, ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ନିବେଦିତା ବେହେରା, ମନ୍ଦାକିନୀ ଟୁଡୁ, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ ପ୍ରମୁଖ ଜିଲ୍ଲାର ସମସ୍ତ ଶିକ୍ଷା ସମ୍ବନ୍ଧୀୟ ସମସ୍ୟାକୁ ଚିହ୍ନଟ କରି ଗବେଷଣା ସମ୍ବନ୍ଧୀୟ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। କର୍ମଶାଳାର ସଫଳ କ୍ରିୟାନ୍ୱୟନ ନିମନ୍ତେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ

ଇବଥର୍ମାଲ,୨୧।୧୨(ସମିସ): ଲଖନପୁର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଗଠନ ରବିବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଖନପୁର ପରିସରରେ ହୋଇଯାଇଛି। ବହୁ ସଂଖ୍ୟାରେ ବ୍ଲକ୍‌ର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରିଥିଲେ। କାର୍ଯ୍ୟକର୍ତ୍ତା ମଧ୍ୟରୁ ସଭାପତି ଭାବେ ଚନ୍ଦ୍ରାନନ୍ଦ ବୁଡା, ଉପସଭାପତି ଭାବେ ଗିରିଶ ବାରିକ, ମନୋହର କୁମ୍ଭାର ଓ ଦେବେଶ ଉର୍ମା, ସାଧାରଣ ସମ୍ପାଦକ ବିବେକାନନ୍ଦ ବାର୍ଲା, କାର୍ଯ୍ୟକାରୀ ସମ୍ପାଦକ ସୁରେନ୍ଦ୍ର ସାଗର, କ୍ଷେତ୍ରୀୟ ସମ୍ପାଦକ ହେମନ୍ତ ସେଠ, ଜଗଦିଶ ତନ୍ତି ଓ ଚନ୍ଦ୍ରଶେଖର ଛଞ୍ଚାଣ, କୋଷାଧ୍ୟକ୍ଷ ସୁରଥ ବିଶ୍ୱାଳ, ଯୁଗ୍ମ କୋଷାଧ୍ୟକ୍ଷ ସନ୍ତୋଷ ନାୟକ ଓ ରାଜେଶ ସା, ଅଡିଟର ଭାବେ ମୁକେଶ ବାରିକ, ଦିନେଶ ଖମାରି ଓ ପ୍ରମୋଦ ପଧାନ, ଗଣମାଧ୍ୟମ ସଂଯୋଜକ ଭାବେ ତୀର୍ଥବାସୀ ପଧାନ ଓ ନୀଳାମ୍ବର ଅର୍ଗଳ, ଆଇନଗତ ଉପଦେଷ୍ଟା ଭାବେ ଆଇନଜୀବୀ ତଥା ଲଖନପୁର ପଞ୍ଚାୟତ ସରପଞ୍ଚ ଆରତୀ ପଧାନ, ଉପଦେଷ୍ଟା କମିଟିରେ ଯୋଗୀନ୍ଦ୍ର ସହି, ମୃତ୍ୟୁଞ୍ଜୟ ବିଶ୍ୱାଳ, କିଶୋର ପୀଙ୍ଗ, ଶିବନାଥ ଭୁଏ, ସୀତାରାମ ସା, ଶେଷ ପଧାନ ଓ ପରମେଶ୍ୱର ନାଏକ ପ୍ରମୁଖ ମନୋନୀତ ହୋଇଛନ୍ତି। ଶେଷରେ ସଭାପତି ବୁଡା ଲଖନପୁର ବ୍ଲକ୍‌ର ପ୍ରାଥମିକ ଶିକ୍ଷାର ବିକାଶ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ସହି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୧।୧୨(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରସନ୍ନ ପଣ୍ଡା ଆଇନ୍ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ନାଗରିକଙ୍କ ମୌଳିକ କର୍ତ୍ତବ୍ୟ, ପକ୍ସୋ ନିୟମ, କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ ସମ୍ପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଝାରସୁଗୁଡ଼ାର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଆଇନ୍ ମହାବିଦ୍ୟାଳୟର ଅଧ୍ୟାପକ ବିଜୟପାଣି, ଆଇୟୁସିଏ ଡବ୍ଲ୍ୟୁର ଡିଏସପି ବନିତା ମାଝୀ ଓ ଆଇନ୍ ମହା ବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

## ଦୁଇ କାର୍ ମୁହାଁମୁହିଁ ଧକ୍କା; ଚାଳକ ଆହତ

ଇବଥର୍ମାଲ,୨୧।୧୨(ସମିସ): ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧୀନ କିରାରମା ରାସ୍ତାରେ ୨ଟି କାର ଧକ୍କା ହେବା ଫଳରେ କାର ଚାଳକ ଦ୍ୱୟ ଆହତ ହୋଇଥିବା ଜଣାପଡିଛି। ଘଟଣାଟି ରବିବାର ସନ୍ଧ୍ୟା ୭ଟା ପାଖାପାଖି ହୋଇଥିଲା। ବନ୍ଧବାହାଲ କଲୋନୀ ନିବାସୀ ତପନ ପ୍ରଧାନ(୩୩) କିରାରମା ପେଟ୍ରୋଲ ପମ୍ପରୁ ବନ୍ଧବାହାଲ ପଟେ ଆସୁଥିବା ବେଳେ ଅପରପଟୁ ଆସୁଥିବା ବଂଶୀଧର ସେଠ(୪୮)ଙ୍କ କାର ଧକ୍କା ଦେଇଥିଲା। ଫଳରେ ଉଭୟ କାର ଚାଳକ ଆହତ ହୋଇଥିଲେ। ତପନଙ୍କୁ ବନ୍ଧବାହାଲ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅପରପକ୍ଷେ ବଂଶୀଧରଙ୍କୁ ଟିଆରଏଲ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ପୁଲିସ କହିଛି। ବନହରପାଲି ପୁଲିସ କ୍ଷତିଗ୍ରସ୍ତ କାର ୨ଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛି।

## ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ




ଦେବଗଡ଼,୨୧।୧୨(ସମିସ): ସ୍ଥାନୀୟ ବାମଣ୍ଡା କ୍ରିକେଟ କ୍ଲବ୍ ପକ୍ଷରୁ ଗତ ତିନି ଦଶନ୍ଧି ଧରି ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଏହାର ୩୫ ତମ ସଂସ୍କରଣ ଡିସେମ୍ବର ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୬ଟି ଏବଂ ରାଜ୍ୟ ବାହାରୁ ୨ଟି ଦଳକୁ ମିଶାଇ ସମୁଦାୟ ୮ଟି ଦଳ ଭାଗ ନେବେ। ପ୍ରତିଯୋଗିତାର ବିଜେତା ଦଳକୁ ୭୧ ହଜାର ଏବଂ ଉପବିଜେତା ଦଳକୁ ୫୧ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ। ଉଦ୍‌ଘାଟନୀ ମ୍ୟାଚ୍ ଗ୍ରୁପ-ଏ ରେ ରାଉରକେଲା ଏଏସ୍ ଏକାଡେମୀ ସହ ସମ୍ବଲପୁରର ଆଭାର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ୍ ୨୩ ତାରିଖ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ସହ ଏନଏନୱାସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ମ୍ୟାଚ୍ ୨୪ ତାରିଖ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ସହ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୨୫ ତାରିଖ ଗ୍ରୁପ-ବି ରେ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ୍ ସହ ରାଞ୍ଚି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୬ରେ କଟକର ୟୁନିଅନ ସ୍ପୋର୍ଟିଂ ଓ ଭାଇଜାଗର ଇଷ୍ଟକୋଷ୍ଟ ରେଲୱେ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୨୭ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ବାମଣ୍ଡା କ୍ରିକେଟ କ୍ଲବ୍ ଉପ ସଭାପତି ଅଶୋକ ନନ୍ଦ, ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ନବୀନ ପାଣି, ସମ୍ପାଦକ ସତ୍ୟନାରାୟଣ ପାଣି, ଉପ ସଭାପତି ସୁଜିତ ପ୍ରଧାନ, ସନ୍ତୋଷ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ମୋତିଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଝରିଆ ଗୌଡ଼ ସମାଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ହେମଗିର ଏକାଦଶ ଚାମ୍ପିଅନ

ଝାରସୁଗୁଡ଼ା,୨୧।୧୨(ସମିସ):



ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଗୌଡମାଲ ପଞ୍ଚାୟତ ଠିଆବେର୍ଣ୍ଣା ଗାଁରେ ତୃତୀୟ ଝରିଆ ଗୌଡ଼ ସମାଜ ୫ ଦିନିଆ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ରକ୍ସା ଏକାଦଶ ଖଜୁରଡିହି ଓ ଆଦ୍ୟାସା ଏକାଦଶ ହେମଗିର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦ୍ୟାସା ଏକାଦଶ ହେମଗିର ଦଳ ଚାମ୍ପିଅନ ହୋଇଛି। ମନୋଜ ରାଉତ ଓ ଆନନ୍ଦ କଟାର ଫାଇନାଲ ଖେଳ ପରିଚାଳନା କରିଥିବା ବେଳେ ରୋସନ୍ ସା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ରାମଦେବ ସା ପ୍ରତିଯୋଗିତାର ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଗୌଡମାଲ ସରପଞ୍ଚ ରାଜ ସାଏ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ସମାଜସେବୀ ସନ୍ତୋଷ ରକ୍ସା, କେତକୀ ଖଣ୍ଡା, ସୁଦାମ ସା, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ, ଶିକ୍ଷକ ଡୋଳାମଣି ଭଇଁଷାଲ, ହେମସାଗର ଡିଲା, ଲଙ୍କେଶ୍ୱରୀ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ହେମଗିରି ଦଳର କାହ୍ନା, ମ୍ୟାନ ଅଫ ଦି ସିରିଜ୍ ଭାବେ ହେମଗିରି ଦଳର ସୁଦାମ ସା, ବେଷ୍ଟ ଫିଲ୍ଡର ଭାବେ ପ୍ରଦୀପ ବରଗର୍ତ୍ତୀ, ବେଷ୍ଟ ବୋଲର ସୁଶାନ୍ତ ଭଇଁଷା, ବେଷ୍ଟ ୱିକେଟ କିପର ଭାବେ ସୁନିଲଙ୍କୁ ପୁରସ୍କୃତ କରାଯାଇଥିଲା। ଭାଗରଥି ପୁଝାରୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆୟୋଜକ ଝରିଆ ଗୌଡ ସମାଜର ଲଳିତ ସା, ଅନୀଲ ବରଗର୍ତ୍ତୀ, ଜିତୁ ସା, ପ୍ରଭାକର ସା, ତରୁଣ ସା, ସରୋଜ ସା, ମହାଦେବ ସା, ଉଦ୍ଧବ ସା ପ୍ରମୁଖ ଉପସ୍ଥିତ ଥିଲେ।

# ତରବୋଡ଼ ଆଞ୍ଚଳିକ ଧନୁଯାତ୍ରା



**କୋମନା, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ତରବୋଡ ଗ୍ରାମରେ ଚାଲୁଥିବା ବିରାଟ ଆଞ୍ଚଳିକ ଧନଯାତ୍ରାର ପଞ୍ଚମ ଦିନରେ ହେତି ପ୍ରହେତିଙ୍କ ସହ କଂସର ବିବାହ ନାଟକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଯୁବ ବିଜେଡି ନେତା ହରିଶ୍ଚନ୍ଦ୍ର ପଣ୍ଡା, ରାଜୁ ଚୌହାନ, ରାଜେଶ ନିଗମ, ମହମ୍ମଦ ଜୁନେଦ, ଉମା ହଂସ, ଶିକ୍ଷକ ଭୋଜରାମ ଅହୀର, ପୂର୍ଣ୍ଣ ଭୋଇ, ଦୟାନିଧି ଶବର ପ୍ରମୁଖ ରାଜ ଅତିଥି ଭାବରେ ଯୋଗଦେଇ ଥିଲେ। ଜଗଦିଶ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ କମିଟିର ସଭାପତି ଅମିତ ଅହୀର, ଉପସଭାପତି ଦୁଃଖୁଭାଞ୍ଜନ ନାୟକ, ସମ୍ପାଦକ ଶିବଶଙ୍କର ବେମାଲ, ସଞ୍ଜୀବ ପାଣିଗ୍ରାହୀ, ନବୀନ ମହରା, ଉମା ବନଛୋର, ତରୁଣ ତାଣ୍ଡି, ପପୁ ମହାରା, ବସନ୍ତ ସାହାଣୀ, ଲିଙ୍ଗରାଜ ଗହୀର, ଖିରୋଦ ତାଣ୍ଡି ପ୍ରମୁଖ ସହଯୋଗ କରୁଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ବନ ବିହାର କାର୍ଯ୍ୟକ୍ରମ

**ସିନାପାଲି, ୨୧।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସିନାପାଲିର ଅରୁଣ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିନାପାଲି ସଂକୁଳ ପ୍ରମୁଖ ତୁଳସୀରାମ ମେହେର ପ୍ରକୃତି ସହ ଜଣେ ପ୍ରାଣୀର ନିବିଡତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସଭାପତି ନରହରି ମେହେର ଶିଶୁ ଭାଇ ଭଉଣୀଙ୍କ ଉଦ୍ଦେଶ୍ୟରେ କଳାର ପ୍ରକୃତ ରାଣୀ ହେଉଛି ପ୍ରକୃତି ଏହି ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମ ପରିଚୟ ପ୍ରଦାନ କରିଥିଲେ। ଗଜମନ ନିଆଲ ଧନ୍ୟବାଦ ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା ସ୍ୱପ୍ନ କୁମାର କାଣ୍ଡ କରିଥିବା ବେଳେ ସମ୍ପାଦକ ଗିରିଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ତୋଷଣ କୁମାର ବୈଠାରୁ ତଥା ସମସ୍ତ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା, ଗୁରୁଜୀ ଗୁରୁମା, ସେବକ ସେବିକା, ମାତୃଭାରତୀ ଓ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ।



ନୃତ୍ୟ ସଙ୍ଗମ -୨୦୨୫ ଉଦ୍‌ଯାପିତ

# ଲୋକନୃତ୍ୟ, ସାଂସ୍କୃତିକ ବିଭବ, ଶ୍ରଦ୍ଧା ଓ ସମ୍ମାନର ମଞ୍ଚ 'ନୃତ୍ୟ ସଙ୍ଗମ'

**ଭବାନୀପାଟଣା, ୨୧।୧୨ (ସମିସ)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଗତ ପାଞ୍ଚଦିନ ବ୍ୟାପୀ ଚାଲିଥିବା 'ନୃତ୍ୟସଙ୍ଗମ' ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଡ. ଚିତ୍ତରଞ୍ଜନ ମଲିଆ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ, ସଂସ୍କୃତି ସଂରକ୍ଷକ ଜୟନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟ ସଙ୍ଗୀତ, ସାଂସ୍କୃତିକ ବିଭବ, ଶ୍ରଦ୍ଧା ଓ ସମ୍ମାନର ମଞ୍ଚ ନୃତ୍ୟସଙ୍ଗମ ବୋଲି ଅତିଥିଗଣ ପ୍ରକାଶ କରିଥିଲେ। କଳାକାରଙ୍କ ମଧ୍ୟରେ ନୃତ୍ୟକୁ ନେଇ ଜାତୀୟ ଜୀବନର ଆବେଗମୟ ଆବେଦନ ହିଁ ପ୍ରତିଭା ଅନୁଷ୍ଠାନ ଶତାଧିକ ପ୍ରତିଭାଙ୍କ ଶକ୍ତିଶାଳୀ ମାଧ୍ୟମ ହୋଇପାରିଛି। ସ୍ୱାଗତ ଭାଷଣ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ଦେଇଥିବାବେଳେ ସଞ୍ଜୀବ କୁମାର ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ନଳିନୀ ପ୍ରଭା ପଣ୍ଡାଙ୍କୁ (ପ୍ରତିଭା ରୌପ୍ୟଜୟନ୍ତୀ ସମ୍ମାନ), ବନୀତା କୁମାରୀ ଥପାଙ୍କୁ ( ପ୍ରତିଭା ଯୁବ କଳାକାର ସମ୍ମାନ), ପ୍ରବୋଧ କୁମାର ରଥ (ପ୍ରତିଭା ନାଟ୍ୟରତ୍ନ ସମ୍ମାନ), ଚନ୍ଦନା ସିଂହଙ୍କୁ ( ପ୍ରତିଭା ଯୁବ କଳାକାର ସମ୍ମାନ), ସଞ୍ଜୟ କୁମାର ମାଝିଙ୍କୁ ( ପ୍ରତିଭା ସହଯୋଗୀ ସମ୍ମାନ), ଦୁର୍ଗା ପ୍ରସାଦ ବାରିକଙ୍କୁ ( ପ୍ରତିଭା ଯୁବ କଳାକାର ସମ୍ମାନ) ଓ ସଞ୍ଜୀବ କୁମାର ସିଂହ (ପ୍ରତିଭା ରୌପ୍ୟଜୟନ୍ତୀ ସମ୍ମାନ)ରେ ସମ୍ମାନିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ସଭାପତି ଧ୍ୟାନନନ୍ଦ ପଣ୍ଡା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଞ୍ଜନ ପ୍ରଧାନ। ଲୋକ ଗୀତ ଓ ସଙ୍ଗୀତ ରେ ସର୍ବେଶ୍ୱର ଭୋଇ, ନିଳାଞ୍ଚଳ ପାନ, ସଙ୍ଗୀତା ରାଉତ, ସସ୍ମିତା ମହାନ୍ତି, କଳାୟିବି ଫୁଜନ, କଣ୍ଢେଇ ନାଚ ପାଇକ ଆଖାଡା ରବି ରତ୍ନ ଏଣ୍ଡ ଗ୍ରୁପ ଦ୍ୱାରା ମ୍ୟୁଜିକ ଟ୍ରି ରାଜସ୍ଥାନୀ ଡେନ୍ସ, ବିହୁ, ଇତ୍ୟାଦି ସଂସ୍କୃତି ପ୍ରେମୀଙ୍କୁ ଶୀତରେ ବତୁରି ନାଚିବାକୁ ବାଧ୍ୟ କରିଦେଇଥିଲା। ଏହି ପାଞ୍ଚ ଦିନର ସାଂସ୍କୃତିକ ସମାରୋହରେ ଆୟୋଜିତ ହୋଇଥିଲା ରଙ୍ଗ ସଙ୍ଗମ ସେମିନାର ଓ କବି ସମ୍ମିଳନୀ।

**ପ୍ରବଳ ଥଣ୍ଡାରେ ଚଳଚଞ୍ଚଳ କରୁଛି ଲୋକନୃତ୍ୟର ଝଙ୍କାର**

## ପ୍ଲାଷ୍ଟିକ୍ ମୁକ୍ତ ଜନଜାଗରଣ ଓ ସ୍ୱଚ୍ଛତା ଅଭିଯାନ

**ନୂଆପଡ଼ା, ୨୧।୧୨ (ସମିସ):** ସ୍ଥାନୀୟ ସାହିପଲା ଡ୍ୟାମ ପରିସରରେ ଯୁବା କି ଦହଡ଼ ଯୁବା ସଂଗଠନ ତରଫରୁ ପ୍ଲାଷ୍ଟିକ ମୁକ୍ତ ଜନ ଜାଗରଣ ଓ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ଦୀପାଞ୍ଜଳି ସାହୁ, ଅଧ୍ୟକ୍ଷ କୌଶଳ ଚନ୍ଦ୍ରକାର, ଉପାଧ୍ୟକ୍ଷ ମନୋରଞ୍ଜନ ସୁନାରୀ, ସଦସ୍ୟ ଗିରିରାଜ ସାହୁ, ଲୋକେଶ ସାହୁ, ରିଙ୍କୁ ଦାଶ, ଶ୍ରୁତି ଗର୍ଗ ଓ କିରଣ ଦଣ୍ଡସେନା ସହ ଅନ୍ୟାନ୍ୟ ସ୍ୱଇଂସେବକମାନେ ଉପସ୍ଥିତ ଥିଲେ। ଅଭିଯାନ ଅବସରରେ ପ୍ଲାଷ୍ଟିକ୍ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ସଚେତନ କରାଯାଇଥିଲା ଏବଂ ପରିବେଶ ସୁରକ୍ଷାରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜୋର ଦିଆଯାଇଥିଲା। ଯୁବା କି ଦହାଡ଼ ଟିମର ଏକମାତ୍ର ସଙ୍କଳ୍ପ ହେଉଛି ଯୁବ ସଂଗଠନ ଗଢ଼ିବା ସହିତ ସମାଜ ପ୍ରତି କର୍ତ୍ତବ୍ୟବୋଧକୁ ଆଗକୁ ଆଣିବା, ସମସ୍ତ ଯୁବକ-ଯୁବତୀଙ୍କ ଆବାଜକୁ ସଶକ୍ତ କରିବା ଓ ଏକ ସ୍ୱଚ୍ଛ, ପ୍ଲାଷ୍ଟିକ ମୁକ୍ତ ଭବିଷ୍ୟତ ଗଢ଼ିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବା ବୋଲି ସଂଗଠନ ତରଫରୁ କୁହାଯାଇଛି।

# ଟାଟା ପାୱାର ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ଥୁଆମୂଳ ରାମପୁର, ୨୧।୧୨(ସମିସ):** କଳାହାଣ୍ଡିର କାଶ୍ମୀର ଭାବେ ପରିଚିତ ଦୁର୍ଗମ ଥୁଆମୁଳ ରାମପୁର ଅଞ୍ଚଳରେ ହେଉଛି ହଉଛି ତୁଷାରପାତ। ବୃଦ୍ଧ, ବୃଦ୍ଧା ବିଶେଷ କରି ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ଜୀବନ ଜିଉଁଥିବା ପୋଡାପଦର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ଶୀତରେ ହଇରାଣ ହେଉଛନ୍ତି। ତେଣୁ ରବିବାର ଟାଟା ପାୱାର କମ୍ପାନୀ ପକ୍ଷରୁ ଏହି ଦୁର୍ଗମ ଅଞ୍ଚଳରେ ଥିବା ତଳ ଗୁଞ୍ଜମାଳି ଏବଂ ଟେମରା ଗ୍ରାମରେ ଥିବା ଅସହାୟ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ଆର୍ଯ୍ୟପ୍ରାଣ ଶିଳାଦିତ୍ୟ ସାମଲ, ଆର. ସି. ଏମ ଅଫିସର ସୁଧିର ରଞ୍ଜନ ନାୟକ, ଡିଡିଓ ଜୟନ୍ତ କୁମାର ସାହୁ, କଲମପୁର ସେକ୍ସନ ଅଫିସର ଅମିତ କୁମାର ନାୟକ, ବଡକ୍ ଡକୁଟୁ ସେକ୍ସନ ଅଫିସର ଶ୍ରୀରାମ ନାୟକ, ଅମୀୟ ସାହୁ, ରାଜୀବ ସେଠୀ ଏବଂ ବିକାଶ ନାୟକ ପ୍ରମୁଖ ଲୋକଙ୍କୁ ସିଉଟର, ଜ୍ୟାକେଟ, କମ୍ବଳ ଆଦି ପ୍ରଦାନ କରିଥିଲେ।



## ସମାଜସେବୀଙ୍କ କମ୍ବଳ ବଣ୍ଟନ



**ସିନାପାଲି, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ପଞ୍ଚାୟତସ୍ଥିତ ମହଗାଁ ଗ୍ରାମର ରୁଦ୍ର ମାଧବ ବୈଠାରୁ ଗ୍ରାମର ଅସହାୟ ବୃଦ୍ଧବୃଦ୍ଧା ତଥା ଗରିବ ପରିବାରକୁ କମ୍ବଳ ବଣ୍ଟନ କରିଛନ୍ତି। ବର୍ତ୍ତମାନ ସିନାପାଲି ଅଞ୍ଚଳରେ ଶୀତ ଲହରି ଚାଲିଥିବାବେଳେ ଗରିବ ଅସହାୟଅବସ୍ଥାରେ କାଳାତିପାତ କରୁଛନ୍ତି। ଏହାକୁ ଉପଲବ୍ଧି କରି ଗ୍ରାମର ଅନେକ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ଜୁନାଗଡ଼, ୨୧।୧୨(ସମିସ):** ସାମ୍ବାଦିକ ନରେନ୍ଦ୍ର କ୍ଷିତିଙ୍କ ମାତା ଗୋମୋତି କ୍ଷିତିଙ୍କ ୭୫ ବର୍ଷ ବୟସରେ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। କିଛିଦିନ ହେବ ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଲାବନ୍ଧ ପଡ଼ା ନିଜ ବାସଭବନରେ ପ୍ରାଣତ୍ୟାଗ କରିଛନ୍ତି। ଏକ ମାତ୍ର ପୁତ୍ର ସାମ୍ବାଦିକ ନରେନ୍ଦ୍ର କ୍ଷିତି ମୁଖାଗ୍ନି ଦେଇଥିଲେ। ନରେନ୍ଦ୍ର କ୍ଷିତିଙ୍କ ବାପା, ନାତି, ନାତୁଣୀ, ପୁତ୍ର ବଧୂ ଓ ପରିଜନ ଉପସ୍ଥିତ ରହିଥିଲେ।



## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର, ୨ ଆହତ

**ଥୁଆମୂଳ ରାମପୁର, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର-ଭବାନୀପାଟଣା ମୁଖ୍ୟ ରାସ୍ତା କିଆପଦର ତେନ୍ତୁଳିପଦର ଗାଁ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟିଥିବା ସୂଚନା ରହିଛି। କର୍ଲାପାଟ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାରକରି ତାଙ୍କ ବିଭାଗୀୟ ଗାଡିରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଛନ୍ତି। ଦୁର୍ଘଟଣାରେ ଆହତମାନେ ହେଲେ କର୍ଲାପାଟ ଥାନା ନାକୁରୁଣ୍ଡି ପଞ୍ଚାୟତ ଅଧୀନସ୍ଥ ଟୁରି ଭେଜିଗୁଡା ଗ୍ରାମର ଲାଖିଆ ମାଝୀଙ୍କ ପୁଅ ବିଜୁ ମାଝୀ(୧୬) ଏବଂ ଗୁଣପୁର ପଞ୍ଚାୟତ ଅଧିନସ୍ଥ କାଠଘରା ଗ୍ରାମର ଧନସିଂ ମାଝୀଙ୍କ ପୁଅ ମନ ମାଝୀ(୨୨)। ଆଉ ଜଣେ ଆହତର ପରିଚୟ ମିଳି ପାରିନି। ବିଜୁ ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଧର୍ମଗଡ଼, ୨୧।୧୨(ସମିସ):** ଧର୍ମଗଡ଼ ବ୍ଲକ ଅଧୀନ ପର୍ଲାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଭିଷେକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ସମ୍ମାନିତ ଅତିଥି ଭାବେ ସରୋଜ କୁମାର ସେଠୀ, ମନୋଜ କୁମାର ପଟଯୋଶୀ, ମୁଖ୍ୟବକ୍ତା ଭାବେ ଜୀବବିଜ୍ଞାନ ଶିକ୍ଷୟିତ୍ରୀ ପାର୍ବତୀ ଚନ୍ଦ୍ରକର ପ୍ରମୁଖ ଯୋଗ ଦେଇଥିଲେ। ମନିଷା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ରାଧେଶ୍ୟାମ ସାହୁ ମଞ୍ଚ ପରିଚାଳନା ଓ ଟିପୁନ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଗଡ଼ ବ୍ଲକ୍ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ



**ଧର୍ମଗଡ଼, ୨୧।୧୨ (ସମିସ):** ଧର୍ମଗଡ଼ ବ୍ଲକ ସନ୍ଧିକୁଲିହାରୀରେ ଥିବା ପିଏମ ଶ୍ରୀଉଚ୍ଚବିଦ୍ୟାଳୟରେ ବ୍ଲକ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ଜୟନ୍ତ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଯୋଗ ଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ ପ୍ରକାନ୍ତ ଓଷ୍ଟା ଜିଲ୍ଲା ସଭାପତି ଜଗବନ୍ଧୁ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ଲୋକନାଥ ବେହେରା, ସନ୍ଧି କୁଲିହାରୀ ସରପଞ୍ଚ ଜଗତ ରାମ ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରୋତ୍ତମ ବାଗ, ଜିଲ୍ଲା ଓଷ୍ଟା ଉପସଭାପତି ପ୍ରଦିପ୍ତ କୁମାର ପଣ୍ଡା, ବାଞ୍ଛା ନିଧି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ରିଖି ରାମ ବେହେରା ବିବରଣୀ ପାଠ କରିଥିଲା ବେଳେ ଡୋଲେଶ୍ୱର ସାହୁ ଓ ତେଜେଶ୍ୱର ସାହୁ ସଞ୍ଚାଳନ କରି ଥିଲେ। ଝଙ୍କାର ନିଆଲ ଓ ଅନ୍ୟମାନେ ସହଯୋଗ କରିଥିଲେ।

ବାବା ଜଲେଶ୍ୱର ମନ୍ଦିରର ନୂତନ କମିଟି ଗଠିତ

## ଗୋପାଳ ସଭାପତି, ନିଲେଶ ସମ୍ପାଦକ

**ଲାଞ୍ଜିଗଡ଼, ୨୧।୧୨ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତସ୍ଥିତ କିଡିଙ୍ଗ ବାବା ଜଲେଶ୍ୱର ମନ୍ଦିରର ସୁପରିଚାଳନା ନିମନ୍ତେ ମନ୍ଦିର ପରିସରରେ ମନ୍ଦିରର ମୁଖ୍ୟ ପୂଜକ ବିଶ୍ୱନାଥ ଶବରଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାବା ଜଲେଶ୍ୱର ମନ୍ଦିରର ବିଭିନ୍ନ ବିଷୟରେ ଆଲୋଚନା ହେବା ସହିତ ଏକ ନୂତନ କମିଟି ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତାଙ୍କୁ ମଧ୍ୟ ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଗୋପାଳ ଦାସ ମହାନନ୍ଦ, ଉପସଭାପତି ଭାବେ ଦଶରଥ ଶବର, ସମ୍ପାଦକ ଭାବରେ ନିଲେଶ କୁମାର ନାଗ, ଯୁଗ୍ମ ସମ୍ପାଦକ ଭାବେ ଗୁଣନିଧି ଛତ୍ରିଆ, କୋଷାଧ୍ୟକ୍ଷ ଜିତାମିତ୍ର ଶବର, ସହ କୋଷାଧ୍ୟକ୍ଷ ଭାବେ କମ୍ପୁ ଶବର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଲାଞ୍ଜିଗଡ଼ ରୋଡ ସରପଞ୍ଚ ମମତା ଶବର, ମନ୍ଦିର ମୁଖ୍ୟ ପୂଜକ ବିଶ୍ୱନାଥ ଶବର, ଗାଁ ଗୌଟିଆ ସତ୍ୟନାରାୟଣ ନାଗ, ଫକିର ବଗର୍ତ୍ତି, ମନୋହର ବଗର୍ତ୍ତୀ, ବୈଲୋଚନ ମାଝୀ, ଯୁଜନେ ଶବର, ପିତାମ୍ବର ଗହିର, ଭକ୍ତରାମ ବଗର୍ତ୍ତି, ଚନ୍ଦ୍ରମଣି ଭୋଇ, ଲୋଚନ ଶବର, ଅନଙ୍ଗ ମାଝୀ, ସିମାଞ୍ଚଳ ସଗରୀଆ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ପୂର୍ବରୁ ୨୦୨୩ରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଚୟନ ହୋଇଥିଲା।

# ରାସ୍ତା କଡ଼ରୁ ବେଆଇନ ପାର୍କିଂ ନ ହଟିଲେ ହେବ ନୋଟିସ୍



**କେସିଙ୍ଗା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଟ୍ରାଫିକ ସମସ୍ୟା ଉପରେ ପୁଲିସ ବିଭାଗ, ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ରାସ୍ତା କଡ଼ରେ ଗାଡ଼ି ରଖୁଥିବା ଗାଡ଼ି ମାଲିକମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ନୋଟିସ ପଠାଯାଇ ଗାଡ଼ି ରାସ୍ତାକଡ଼ରୁ ଉଠାଇବା ପାଇଁ ଅନୁରୋଧ କରାଯିବ। ନ ମାନିଲେ କିମ୍ବା ନ ହଟାଇଲେ ରାସ୍ତା କଡ଼ରେ ଥିବା ଗାଡ଼ି ଗୁଡ଼ିକୁ ପୁଲିସଷ୍ଟେସନକୁ ନିଆଯିବ ବୋଲି ନିଷ୍ପତ୍ତି ନେବା ସହିତ ଟ୍ରାଫିକ ସମସ୍ୟା ଉପରେ ଆହୁରି ଅନେକ କଡା ନିଷ୍ପତ୍ତି ନିଆଯାଇଛି ବୋଲି ଜଣାପଡ଼ିଛି। ଏନେଇ କେସିଙ୍ଗା ନଗରପାଳ ନୃପରାଜ ଯାଦବଙ୍କୁ ପଚାରିବାରୁ ନୂଆବର୍ଷ ପରେ ପରେ ବୈଠକରେ ଆଲୋଚନା ହୋଇଥିବା ସମସ୍ତ ବିଷୟ କଡାକଡି ସହିତ ପାଳନ କରାଯିବ। ପର୍ଯ୍ୟାୟକ୍ରମେ ଫଳ ବେପାରୀଙ୍କୁ ଭେଣ୍ଡିଂଜୋନ କୁ ସ୍ଥାନାନ୍ତରିତ କରାଯିବା ସହ ସହରର ମାଛ ମାଂସ ବେପାରୀମାନଙ୍କୁ ନବନିର୍ମିତ କଂସେଇଖାନାକୁ ସ୍ଥାନାନ୍ତରିତ କରାଯିବ ବୋଲି କହିଥିଲେ। ପ୍ରକାଶ ଯେ, ଆଗରୁ ଏନେକ ବୈଠକ ହୋଇଛି ଓ ଏବେ ମଧ ହେଉଛି। କିନ୍ତୁ କାଗଜ ପତ୍ରରେ ସୀମିତ ହୋଇ ରହିଯାଇଛି ଟ୍ରାଫିକ ସମସ୍ୟା। ବୈଠକରେ ଅନେକ ନିଷ୍ପତ୍ତି ନିଆଯାଉଥିଲେ ମଧ ବୈଠକ ସରିଲା ପରେ ଜେସାକୁ ତେସା। ସେପଟେ ଏନ୍‌ଏଚ କଡ ପାଲଟିଛି ବଡ଼ ବଡିଆ ଲୋକଙ୍କ ପ୍ରାଇଭେଟ୍ ଗାଡ଼ି ମାନକର ପାର୍କିଂସ୍ଥଳ।

# ଲାଞ୍ଜିଗଡ଼ ବେଦାନ୍ତ ଡିଏଭି ଅନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଲାଞ୍ଜିଗଡ଼, ୨୧।୧୨ (ସମିସ)**

ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ମାନବୀନ କୌରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବେଦାନ୍ତ ଲିମିଟେଡର ବୀରେନ୍ଦ୍ର ସିଂହ ଯୋଗ ଦେଇଥିଲେ। ଡ. ମାନବୀନ କୌର ନିଜ ସ୍ୱାଗତ ଅଭିଭାଷଣରେ ବିଦ୍ୟାର୍ଥୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ସହ ଶୃଙ୍ଖଳା ଜ୍ଞାନ ଲାଭ କରିବେ ସେନେଇ ବକ୍ତବ୍ୟ ଦେଇଥିଲେ। ସେହିପରି ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ କ୍ରୀଡା ହିଁ ମଣିଷକୁ ଆନ୍ତର୍ଜାତୀୟସ୍ତରରେ ପରିଚିତ କରାଏ, ତେଣୁ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ଏକ ମୁଖ୍ୟ ତଥା ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ୧୦ ମିଟର, ୨୦୦ ମିଟର, ୪୦୦ ମିଟର ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତା, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍କସ ଥ୍ରୋ, ରିଲେ ରେସ ଆଦି ପ୍ରତିଯୋଗିତା ଗୁଡ଼ିକ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ମହୋତ୍ସବର ସାମୂହିକ ଜାତୀୟ ସଙ୍ଗୀତ ଗାନ କରି ସମାପ୍ତି ଘୋଷଣା କରାଯାଇଥିଲା। ଉକ୍ତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାଟିକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁଷ୍ମନ୍ତ ମାଝୀ ଓ ଶିକ୍ଷୟିତ୍ରୀ ଶିଳ୍ପୀ ଲାହା ପରିଚାଳନା କରିଥିବାବେଳେ ଶିକ୍ଷକ ଜିତେନ୍ଦ୍ର କୁମାର ବାରିକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ଦେଇଥିଲେ।




# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ନୂଆପଡ଼ା, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଡ଼ଲିମାଝୀ ବିଶେଷ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ପାଣିଗ୍ରାହୀ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦେବା ସହ ଲୋକଙ୍କ ମାନସିକତା ପରିବର୍ତ୍ତନ ହେଲେ ଦାଦନ ମୁକ୍ତ ଜିଲ୍ଲା ହେବ ବୋଲି ଆହ୍ୱାନ କରିଛନ୍ତି। ସେହିପରି ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ୍ର ବିକାଶ ପାଇଁ ଅନେକ ରିହାତି ଯୋଜନାମାନ ପ୍ରଣୟନ ହୋଇ ଚାଷୀମାନେ ଏହାର ସୁଫଳ ନେବା ପାଇଁ ଆହ୍ୱାନ କରିଥିଲେ। ସଭାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଖେନ୍ଦୁ ରଏ ଯୋଗ ଦେଇଥିବା ବେଳେ ବୋଡ଼େନ ମତ୍ସ୍ୟ ଅଧିକାରୀ, ବୋଡ଼େନ ପ୍ରାଣୀ ଚିକିତ୍ସା ଅଧିକାରୀ ବିବରଣୀ ପାଠ କରିଥିଲେ।



ସକାଳ
THE SAKALA



# ଉଜୁଡ଼ିଗଲା ତାମ୍ରିଦରହ ପ୍ରକୃତି ନିବାସ

- ପାଣିରେ ପଡ଼ିଲା ୬୫ ଲକ୍ଷ ଟଙ୍କା
- ରକ୍ଷଣାବେକ୍ଷଣ ଅଭାବରୁ ମରୁଭୂମି ପାଲଟିଗଲାଣି
- ବୁଲା ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି





ବୌଦ୍ଧ, ୨୧।୧୨(ସମିସ)

ବଣ ଜଙ୍ଗଲ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ବୌଦ୍ଧର ତାମ୍ରିଦରହ ପର୍ଯ୍ୟଟନସ୍ଥଳ। ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଅମଳରେ ଏଠାରେ ପ୍ରାୟ ୬୫ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତିକରଣ କରାଯାଇଥିଲା; କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏ ସ୍ଥାନ ଏବେ ମରୁଭୂମି ସଦୃଶ ପାଲଟିଗଲାଣି। ଯେଉଁ ଉଦ୍ଦେଶ୍ୟ ନେଇ ଏହା ନିର୍ମାଣ କରାଯାଇଥିଲା ତାହା ଲକ୍ଷ୍ୟଠାରୁ ଏବେ ବହୁ ଦୂରରେ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ବୌଦ୍ଧ ଜିଲ୍ଲା ଟିକରପଡ଼ା ପଞ୍ଚାୟତର ତାମ୍ରିଦରହ। ବୌଦ୍ଧ ସଦର ବ୍ଲକଠାରୁ ୨୦ କିଲୋମିଟର ଦୂର ତଥା ବଘିଆପଡ଼ାଠାରୁ ଟିକରପଡ଼ା ରାସ୍ତାରେ ୨.୫ କିଲୋମିଟର ଗଲା ପରେ ଡାହାଣକୁ ଗଲେ ତାମ୍ରିଦରହ ପଡେ। ଏହି ସ୍ଥାନରେ ପଥରର ବୁକୁ ଚିରି କୁଳୁକୁଳୁ ନାଦରେ ସାଲୁଙ୍କି ନଦୀ ପ୍ରବାହିତ ହେଉଛି। ଚତୁଃପାର୍ଶ୍ୱରେ ଥିବା ସବୁଜିମା ଭରା ଜଙ୍ଗଲ ପ୍ରକୃତି ପ୍ରେମୀଙ୍କୁ ବର୍ଷସାରା ଆକର୍ଷିତ କରିଥାଏ। ବିଶେଷ ଭାବେ ଶୀତ ଋତୁରେ ତାମ୍ରିଦରହ ବଣ ଭୋଜି ପାଇଁ ଅତ୍ୟନ୍ତ ଉପଯୁକ୍ତ ସ୍ଥାନ। ଏଣୁ ପର୍ଯ୍ୟଟକ ଏହି ସ୍ଥାନକୁ ଆସି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ ସହ ବଣଭୋଜି କରି ଫେରିଥାନ୍ତି।

ଏବେ ତମ୍ରିଦରହ ପ୍ରକୃତି ନିବାସ ରକ୍ଷଣବେକ୍ଷଣ ଅଭାବରୁ ବୁଲା ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ଏହା ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ପର୍ଯ୍ୟଟକଙ୍କ ଆକୃଷ୍ଟ କରିବା ପାଇଁ ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଠାରେ 'ତାମ୍ରିଦରହ ପ୍ରକୃତି ନିବାସ' ନାଁରେ ପ୍ରାୟ ୨ ବର୍ଷ ପୂର୍ବରୁ ପ୍ରକଳ୍ପ ନିର୍ମାଣ ହୋଇଥିଲା। ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ କଟେଜ ନିର୍ମାଣ ସହ ଶୌଚାଳୟ, ପାର୍କ, ରୋଷଶାଳା, ଆଲୋକ ବ୍ୟବସ୍ଥା ଓ ଆମୋଦ ପ୍ରମୋଦ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ବୌଦ୍ଧ ପଞ୍ଚାୟତ ସମିତି ଜରିଆରେ ଏହାର ସିଂହ ଭାଗ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବାକି ଟଙ୍କା ଅନ୍ୟ ବିଭାଗ ଦ୍ୱାରା ଖର୍ଚ୍ଚ କରାଯାଇଥିଲା। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ ଏଠାକୁ ବ୍ରହ୍ମପୁର, କଟକ, ଫୁଲବାଣୀ ଓ ବଲାଙ୍ଗୀର ଭଳି ବିଭିନ୍ନ ଜିଲ୍ଲାରୁ ଲୋକମାନେ ପରିବାର ସହ ବୁଲିବା ସହିତ ଭୋଜି କରିବାକୁ ଆସୁଥିଲେ। ଏବେ ଏହା ଉଜୁଡି ଯାଇଛି। ପ୍ରଶାସନ ଏବଂ ସରକାର ଏହାର ରକ୍ଷଣାବେକ୍ଷଣ ଲାଗି ତିଳେମାତ୍ର ଗୁରୁତ୍ୱ ଦେଉ ନାହାନ୍ତି।

## ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଦାବି

ବୌଦ୍ଧି, ୨୧।୧୨(ସମିସ): ବୌଦ୍ଧଜିଲ୍ଲା ହରଭଙ୍ଗା ତହସିଲ ଅଧୀନ ସୁରୁଣ୍ଡି ସାକୁସିଙ୍ଗା ଆଦି ବାଲିସୌରାତରୁ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ଏହି ବାଲି ବଡ଼ବଡ଼ ହାଇୱା ଯୋଗେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଉପରେ ଆବଶ୍ୟକୀୟଠାରୁ ଅଧିକ ଓଜନର ଗାଡ଼ି ଚଳପ୍ରଚଳ କରୁଥିବାରୁ ସଡ଼କ ବିପନ୍ନ ହେବାସହ ସାଧାରଣ ଗମନାଗମନ ପ୍ରଭାବିତ ହେଉଛି। ଠିକ୍‌ସେହିଭଳି ହରଭଙ୍ଗା ବାଲିଘାଟରୁ ଚାଲାଣ ହେଉଥିବା ବାଲି ପଞ୍ଚାୟତ ରାସ୍ତାଦେଇ ଯାଉଥିବାରୁ ଅଞ୍ଚଳବାସୀ ଗଭୀର ଭାବେ ପ୍ରଭାବିତ ହେଉଛନ୍ତି। ଖରଭୂଇଁ ଜଙ୍ଗଲରେ କୌଣସି ଅନୁମତି ନ ଥାଇ ୫ରୁ ଅଧିକ ପଥରଖଣିରେ ଦିନରାତି ବିସ୍ଫୋରଣ କରି ପଥର ଚାଲାଣ ହେଉଛି। ବିସ୍ଫୋରଣ, ଖନନ, ପରିବହନ ଏବଂ ବାଲି ଚାଲାଣ ରୋକିବା ପାଇଁ ପ୍ରଶାସନ ସମ୍ପୃକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରୁ। ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣରେ ରୋକ ଲଗାଉ ବୋଲି ଜିଲ୍ଲାପାଳଙ୍କ ନିକଟରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁ ଦାବି କରିଛନ୍ତି।

## ଜନତା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଶଗଡ଼ା, ୨୧।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁରସ୍ଥିତ ଜନତା ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚଣ୍ଡୀ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଲଳିତ ସାହୁ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହ ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷକ ଆଦିନାଥ ସାହୁ ଖେଳ ପରିଚାଳନା କରିଥିଲେ।

## ବୌଦ୍ଧ ମହୋତ୍ସବ ପରିଚାଳନାକୁ ନେଇ ଓକିଲ ସଂଘର ଅସନ୍ତୋଷ

ବୌଦ୍ଧ, ୨୧।୧୨(ସମିସ): ବୌଦ୍ଧ ଜିଲ୍ଲା ଓକିଲ ସଂଘ ଜିଲ୍ଲା ପ୍ରଶାସନର ବୌଦ୍ଧ ମହୋତ୍ସବ ପରିଚାଳନାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି। ଜିଲ୍ଲା ଓକିଲ ସଂଘଠାରେ ସଭାପତି ଧୂରୀଣ ଦେହୁରୀ ସଂଘର କର୍ମକର୍ତ୍ତା ତଥା ବରିଷ୍ଠ ସଦସ୍ୟମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ଓକିଲ ସଂଘର ଅଭିଯୋଗ ଅନୁଯାୟୀ ବୌଦ୍ଧ ଜିଲ୍ଲା ମହୋତ୍ସବ ଜିଲ୍ଲାବାସୀ ଓ ସବୁ ବର୍ଗଙ୍କୁ ସାମିଲ୍ କରାଯିବା ଉଚିତ୍। ବୌଦ୍ଧ ଜିଲ୍ଲା ଗଠନର ନେତୃତ୍ୱ ନେଇଥିବା ଓକିଲ ସଙ୍ଘକୁ ମହୋତ୍ସବ ପ୍ରସ୍ତୁତି ବୈଠକରେ ନିମନ୍ତ୍ରଣ କରା ଯାଇ ନ ଥିବା ହେତୁ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ତାରେଣୀ ମହାପାତ୍ର, ଅଶୋକ ସାହୁ, ଅଶୋକ ମିଶ୍ର, ବିଶ୍ୱଜିତ ମିଶ୍ର, ଜ୍ଞାନ ରଞ୍ଜନ ପଟ୍ଟନାୟକ, ଅମ୍ରିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଂସ ବଧ ସହ ସରିଲା ଅରିଗାଁ ଧନୁଯାତ୍ରା

ବିନିକା, ୨୧।୧୨(ସମିସ): ବିନିକା ବ୍ଲକ ଅରିଗାଁଠାରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶନିବାର ରାତିରେ କଂସ ବଧ ସହ ସମ୍ପନ୍ନ ହୋଇଛି। ଦୀର୍ଘ ୧୦ଦିନ ଧରି ଚାଲିଥିବା ଏହି ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଉଭୟ ମଥୁରା ଓ ଗୋପପୁରରେ ପୌରାଣିକ ତଥ୍ୟ ଉପରେ ଆଧାରିତ ଦୃଶ୍ୟ ଗୁଡ଼ିକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। କଂସର ନିମନ୍ତ୍ରଣ କ୍ରମେ ଉଦ୍‌ଯାପନୀ ଉତ୍ସବରେ ରାଜ ଦରବାରରେ ବୀରମହାରାଜପୁର ବିଧାୟକ ଇଂଜିନିୟର ରଘୁନାଥ ଜଗଦଲା ମୁଖ୍ୟଅତିଥି, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ବିଶ୍ୱମ୍ବର ମିଶ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କଳାକାର ଓ ଅନୁଷ୍ଠାନମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସମସ୍ତ ସଦସ୍ୟ ଯାତ୍ରାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦଲାଲମୁକ୍ତ କରିବାକୁ ଶ୍ରମ ଅଧିକାରୀଙ୍କ ପ୍ରୟାସ

ବୌଦ୍ଧ, ୨୧।୧୨(ସମିସ): ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ନିର୍ମାଣ ଶ୍ରମିକଙ୍କଠାରୁ ବିଭିନ୍ନ ସମୟରେ ଟଙ୍କା ଠକେଇ ହେଉଛି। ନିର୍ମାଣ ଶ୍ରମିକ କାର୍ଡ କରାଇଦେବା, ନିଯୁକ୍ତିଦାତା ପ୍ରମାଣପତ୍ର ଦେବାକୁ କହି ଦଲାଲ୍‌ମାନେ ଶ୍ରମିକଙ୍କ ଠାରୁ ଟଙ୍କା ଲୁଟୁଥିବା ଅଭିଯୋଗ ହେଉଛି। ତେବେ ଆଜି ଶ୍ରମ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ ଅଧୀନ ବିଭିନ୍ନ ନିର୍ମାଣସ୍ଥଳରେ ଏ ସମ୍ପର୍କରେ ଶ୍ରମିକମାନଙ୍କୁ ସଚେତନ କରାଯାଇଛି। ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ, ବୌଦ୍ଧ ସୁଶ୍ରୀ କନ୍ୟା କୁମାରୀ ସାହୁ ବୌଦ୍ଧ ବ୍ଲକ ଅଧୀନରେ ଥିବା ବିଭିନ୍ନ ଅଞ୍ଚଳ ଯଥା ଜଗତି, ଗିରସୀଙ୍ଗା, ମୁର୍ଶୁଣ୍ଡିରେ ନିର୍ମାଣାଧୀନ କାର୍ଯ୍ୟସ୍ଥଳଗୁଡ଼ିକ ପରିଦର୍ଶନ କରିଥିଲେ। ନିର୍ମାଣାଧୀନ କାର୍ଯ୍ୟରେ ଥିବା ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ସେହିପରି ନିୟୋଜିତ ଥିବା ଶ୍ରମିକଙ୍କୁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ ପାଇଁ ନିଯୁକ୍ତିଦାତା ପ୍ରମାଣପତ୍ର ପ୍ରଦାନ କରିଥିଲେ। ନିର୍ମାଣ ଶ୍ରମିକ ପଞ୍ଜିକରଣ ପାଇଁ ୨୦ ଟଙ୍କା ଓ ବାର୍ଷିକ ଦେୟ ପାଇଁ ୫୦ ଟଙ୍କା ନିର୍ମାଣ ଶ୍ରମିକ



ଅନଲାଇନ୍ ପୋର୍ଟାଲ୍/ ଶ୍ରମିକ ସାଥୀ ମୋବାଇଲ ଆପ୍ ମାଧ୍ୟମରେ ଦାଖଲ କରାଯାଏ ବୋଲି ସେ ସଚେତନ କରିଥିଲେ। ଶ୍ରମିକମାନଙ୍କର ନିର୍ମାଣ ଶ୍ରମିକ ପଞ୍ଜିକରଣ, ବାର୍ଷିକ ଦେୟ ଓ ସହାୟତା ପାଇବାପାଇଁ କୌଣସି ସମସ୍ୟା ଥିଲେ ଦଲାଲ୍‌ଙ୍କ ଦ୍ୱାରା ପ୍ରଲୋଭିତ ନ ହୋଇ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଶ୍ରମିକଙ୍କୁ ସଚେତନ କରିଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବୀରମହାରାଜପୁର ଗସ୍ତକୁ ବିରୋଧ

ବୀରମହାରାଜପୁର, ୨୧।୧୨(ସମିସ): ବୀରମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ସ୍ଥଗିତ ରଖିବାକୁ ଜିଲ୍ଲା ଅନୁସୂଚିତ ଜାତି ସୁରକ୍ଷା ସମିତି ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନକଲି ଜାତି ପ୍ରମାଣ ପତ୍ର ହାତେଇଥିବା ଅଭିଯୋଗରେ ନ୍ୟାୟାଳୟ ତରଫରୁ ପ୍ରମାଣିତ ହୋଇସାରିଛି। ଏହାସତ୍ତ୍ୱେ ତାଙ୍କୁ କାହିଁକି ଓଡ଼ିଶା ସରକାର ସମ୍ମାନସ୍ୱଦ କ୍ୟାବିନେଟ ମନ୍ତ୍ରୀ ପଦବୀରେ ରଖିଛନ୍ତି ଏବଂ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ସମିତି ସଙ୍ଗିନ ଅଭିଯୋଗ ଆଣିଛି। ତାଙ୍କ ବୀରମହାରାଜପୁର ଗସ୍ତକୁ ତୀବ୍ର ବିରୋଧ କରାଯିବ ବୋଲି ଜିଲ୍ଲା ଅନୁସୂଚିତ ଜାତି ସୁରକ୍ଷା ସମିତି ତରଫରୁ ଥାନାରେ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି ପାଇଁ ଆସୁଥିବା ପ୍ରତ୍ୟେକ ସୁବିଧା ସୁଯୋଗର ଭରପୁର ଫାଇଦା ଉଠେଇବା ସହିତ ଅନୁସୂଚିତ ବର୍ଗର ସଂରକ୍ଷିତ ସିଟରୁ ବିଧାନ ସଭା ସଦସ୍ୟ ଏବଂ କ୍ୟାବିନେଟ ମନ୍ତ୍ରୀ ପଦବୀ ହାତେଇଛନ୍ତି ବୋଲି ଅନୁସୂଚିତ ଜାତି ସୁରକ୍ଷା ସମିତିର କାର୍ଯ୍ୟକାରୀ ସଭାପତି ପୃଥ୍ୱୀରାଜ ଜଗଦଲା ଅଭିଯୋଗ ଆଣିଛନ୍ତି। ତାଙ୍କୁ ଅବିଳମ୍ବେ ଗିରଫ କରାଯାଉ। ସେ ଆତ୍ମସାତ କରୁଥିବା ସରକାରୀ ଅର୍ଥରାଶିର ଭରଣା କରାଯାଉ। ତାଙ୍କ ବୀରମହାରାଜପୁର ଗସ୍ତକୁ ବାତିଲ କରାଯାଉ ବୋଲି ଜିଲ୍ଲା ଅନୁସୂଚିତ ଜାତି ସୁରକ୍ଷା ସମିତି ତରଫରୁ ବୀରମହାରାଜପୁର ଥାନାରେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ତାଙ୍କ ଦାବିପତ୍ରକୁ ଅଣଦେଖା କଲେ ଆନ୍ଦୋଳନ କରାଯିବ। ଏଥିପାଇଁ ସରକାର, ସରକାରୀ କଳ ଏବଂ ଜିଲ୍ଲା ପ୍ରଶାସନ ହିଁ ଦାୟୀ ରହିବ ବୋଲି ଶ୍ରୀ ଜଗଦଲା ଚେତାବନୀ ଦେଇଛନ୍ତି।

## ମା' ଖମ୍ବେଶ୍ୱରୀ ୧୫ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ

ବୀରମହାରାଜପୁର, ୨୧।୧୨(ସମିସ): ଟେଭାପଦର ଖେଳ ପଡ଼ିଆରେ ୧୫ ତମ ମାଁ ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ତଥା ଟେଭାପଦର କପ୍- ୨୦୨୫ର ତୃତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଖମ୍ବେଶ୍ୱରୀପାଲି ଏବଂ ସାମସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଖମ୍ବେଶ୍ୱରୀପାଲି ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ବିନିମୟରେ ମାତ୍ର ୨୨ ରନ ସଂଗ୍ରହ କରିଥିଲା। ଜବାବରେ ସାମସିଙ୍ଗା ଦଳ ୨ ଉଇକେଟ ବିନିମୟରେ ୨୩ ରନ୍ କରି ବିଜୟୀ ହୋଇଥିଲା। ଦ୍ୱତୀୟ ମ୍ୟାଚ୍ ବଡ ଖମାର ଏବଂ ପୁରୁଣାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡ ଖମାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୩୫ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୁଣାଗଡ଼ ଦଳ ଅଲ୍ ଆଉଟ ହୋଇ ମାତ୍ର ୮୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍ ବଡ଼ ଖମାର ଏବଂ ସାମସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡ ଖମାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ ବିନିମୟରେ ୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ସାମସିଙ୍ଗା ଦଳ ୩ ଉଇକେଟ ବିନିମୟରେ ମାତ୍ର ୮୧ ରନ ସମଗ୍ରହ କରି ପରାଜିତ ହୋଇଥିଲା। ବଡ ଖମାର ଦଳ ପୁଲ ବିରୁ ସେମି ଫାଇନାଲରେ ପ୍ରବେଶ କରିଥିବା ସୂଚନା ମିଳିଛି। ଅମ୍ପାୟାର ଅରୁଣ ମହାକୁଡ଼ ଏବଂ ସୁଧୀର ମହାକୁଡ଼ ପରିଚାଳନା କରିଥିଲେ। ବ୍ୟାସଦେବ ବଡ଼ମାଳି ଏବଂ ରାଜେଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମ୍ବାଦିକ ଝସକେତନ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଡ ଖମାର ଦଳର ପ୍ରତାପ ପାଣ୍ଡେଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରବନ୍ଧନ ସମିତି ବୈଠକ

ବୌଦ୍ଧ, ୨୧।୧୨(ସମିସ): ବୌଦ୍ଧ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ପ୍ରବନ୍ଧନ ସମିତିର ଦ୍ୱିତୀୟ ବୈଠକ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ସମିତିର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ସୁପରିଚାଳନା ପାଇଁ ଆବଶ୍ୟକ ପ୍ରସ୍ତାବଗୁଡିକ ଅଧ୍ୟକ୍ଷଙ୍କ ଦ୍ୱାରା ସମିତି ସମ୍ମୁଖରେ ଆଲୋଚନା ପାଇଁ ଉପସ୍ଥାପିତ ହୋଇଥିଲା। ବୈଠକରେ ବିଦ୍ୟାଳୟ ପ୍ରବନ୍ଧନ ସମିତିର ଅଧ୍ୟକ୍ଷ ବିଭୂତି ଭୂଷଣ ନାୟକ ପ୍ରସ୍ତାବ ଗୁଡିକର ଆସୁସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରି ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସହକାରୀ ଜିଲ୍ଲାପାଳ ସୁଶ୍ରୀ ଚାନ୍ଦିନୀ ମେହେର, ଜିଲ୍ଲା ଶିକ୍ଷା ଅଧିକାରୀ ଡେମଲାଲ ଦୁବେ, ପିମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମଦେଓ ପ୍ରସାଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରତିନିଧି ଡାକ୍ତର ସଂଘମିତ୍ର ପଣ୍ଡା, ପ୍ରକାଶ ଧଳ, ଭୁବନେଶ୍ୱର ମିଶ୍ର, ଅଶ୍ୱନୀ ମହାପାତ୍ର ଓ ଜୟନ୍ତୀ କର୍ଣ୍ଣ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଏସ୍‌ସି, ଏସ୍‌ଟି ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡ଼ା

ବୌଦ୍ଧ, ୨୧।୧୨(ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଅଧୀନ ମେଣ୍ଟିମାଳ ହାଇସ୍କୁଲରେ ଜିଲ୍ଲାର ସମସ୍ତ ଏସସି ଏସଟି ବିଭାଗ ପରିଚାଳିତ ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମେଣ୍ଟିମାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ, ବଡବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ହରେକୃଷ୍ଣପୁର ହାଇସ୍କୁଲର ତପନ ପତି ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ ସରୋଜ ସ୍ୱାଇଁ ଓ ଅନ୍ୟ କ୍ରୀଡା ଶିକ୍ଷକମାନେ କ୍ରୀଡା ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ୧୩ଟି ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ।

## ଆନ୍ତଃ ବିଭାଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଇତିହାସ ବିଭାଗ ଚାମ୍ପିଅନ

ପୁରୁଣାକଟକ, ୨୧।୧୨(ସମିସ): ଭୈରବୀ ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆନ୍ତଃ ବିଭାଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। କ୍ରୀଡା ଶିକ୍ଷକ ମଧୁସୂଦନ ବେହେରାଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପିତ ହୋଇଯାଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୬ ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଇତିହାସ ବିଭାଗ ଦଳ ରାଜନୀତି ବିଜ୍ଞାନ ବିଭାଗ ଦଳକୁ ୭ ୱିକେଟରେ ପରାସ୍ତ କରିଥିଲା। ସେହିପରି ଫାଇନାଲ ମ୍ୟାଚରେ ଇତିହାସ ବିଭାଗ ଭୈରବୀ ଉଚ୍ଚ ମାଧ୍ୟମିକ ଦଳକୁ ୯ ୱିକେଟରେ ପରାସ୍ତ କରିଥଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭୈରବୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରମେଶ ଚନ୍ଦ୍ର ତାରିଣିଆଁ ଯୋଗ ଦେଇଥିଲେ। ରାଜେଶ ଷଡ଼ଙ୍ଗୀ, ସଂସ୍କାର ପଟ୍ଟନାୟକ, ପ୍ରିତମ ସାନ୍ତରା ମ୍ୟାଚ ପରିଚାଳନା କରିଥିଲେ।

## ବୌଦ୍ଧ ଜିଲ୍ଲା କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ବୌଦ୍ଧ, ୨୧।୧୨(ସମିସ): ଜିଲ୍ଲା ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ବୌଦ୍ଧ ଜିଲ୍ଲା କ୍ରୀଡା ସଂଘର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ବରିଷ୍ଠ କ୍ରୀଡ଼ାବିତ ଶ୍ୟାମସୁନ୍ଦର ମହାପାତ୍ର, ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ ଯୁଗ୍ମ ସମ୍ପାଦକ ଲମ୍ବୋଦର ପୁରୋହିତ, ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ ଉପ ସଭାପତି ନିରଞ୍ଜନ ମେହେର ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି କ୍ରୀଡା ଉତ୍ସବରେ ସମଗ୍ର ଜିଲ୍ଲାରୁ ୫୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୭ ଜଣ ଖେଳାଳି କଟକରେ ହେବାକୁ ଥିବା ରାଜ୍ୟ ଆଥଲେଟିକ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ।

## ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

କଣ୍ଟାମାଳ, ୨୧।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ସ୍ୱତୀ ବିଦ୍ୟା ମନ୍ଦିରରେ ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବାନୀ ଶଙ୍କର ରାଉତ ନେତୃତ୍ୱରେ ସମସ୍ତେ ବନ୍ଧପାଳୀଠାରୁ କଳସ ଶୋଭାଯାତ୍ରାରେ ବାହାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚିଥିଲା। ଅତିଥି ଭାବେ ଅଶୋକ ରଞ୍ଜନ ମାଳି, କାର୍ତ୍ତିକ ବେହେରା, ରାମକିଶନ ଅଗ୍ରୱାଲ ଉପସ୍ଥିତ ଥିଲେ।

## ଜିଲ୍ଲା ପାଠାଗାରରେ ଶୋକସଭା

ବୌଦ୍ଧ, ୨୧।୧୨(ସମିସ): ବୌଦ୍ଧ ଜିଲ୍ଲାର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ଲାଇବ୍ରେରିଆନ ଯୁଧିଷ୍ଠିର ପ୍ରଧାନୀ ଶନିବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଜିଲ୍ଲା ପାଠାଗାରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋକସଭାରେ ଜିଲ୍ଲା ପାଠାଗାରର ଗ୍ରନ୍ଥାଗାରିକ ଅକ୍ଷୟ ମହାକୁଡ଼, ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ରେଲୱେ କଲୋନୀ ବିଦ୍ୟାଳୟର ମାସିକ ବୈଠକ

ଡୁଙ୍ଗୁରିପାଲି, ୨୧।୧୨(ସମିସ): ସହଲା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ସହଲା ରେଲୱେକଲୋନୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜୁଲୁ ମିର୍ଦ୍ଧା, ସିଆରସିସି ରଞ୍ଜନ ଦାଶ, ବରିଷ୍ଠ ପ୍ରଧାନଶିକ୍ଷକ ଅଭିରାମ ବାରିକ, ଶିବପ୍ରସାଦ ରଣା, ଡିଇଓ ବିନାୟକ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସାଧୁ ସେଠ, କୈଳାସ ଚନ୍ଦ୍ର ସେଠ, ଚକ୍ରଧର ବାରିକ, ସହଦେବ ସେହେର, ଗୋପାଳ କୁମାର ଦାସ, ରମେଶ ସାଥୁଆ, ଶିକ୍ଷୟିତ୍ରୀ ପ୍ରେମଶିଳା ମେହେର, ଗାୟତ୍ରୀ ଯୁଆଡ଼ି, ଜ୍ୟୋସ୍ନାମୟୀ ମାଝୀ, ଉର୍କୁଳି ଭୋଇ, ସସ୍ମିତା ମେହେର, ସସ୍ମିତା ସାହୁ, ଆରତୀ ପ୍ରଧାନ, ସୁକାନ୍ତୀ ବାଗ ପ୍ରମୁଖ ଯୋଗ ଦେଇଥିଲେ।

## ଚନ୍ଦଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ଡୁଙ୍ଗୁରିପାଲି, ୨୧।୧୨(ସମିସ): ଚନ୍ଦଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରେମରାଜ ସେଠୀ ଓ ସିଆରସିସି ପ୍ରଦୀପ୍ତ କିଶୋର ଦାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନାଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ପର୍ଯ୍ୟବେକ୍ଷକ ହୋସିୟା ଛତ୍ରିୟା ବହୁଶ୍ରେଣୀ ଶିକ୍ଷାଦାନ ଏକ ବାସ୍ତବତା ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ରୀନା ବାଗ ଗଣିତର ବହୁଶ୍ରେଣୀ ପାଠ୍ୟ ଯୋଜନା ଉପସ୍ଥାପନ କରିଥିଲେ।

## ତେତେଲେଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୌଦ୍ଧ, ୨୧।୧୨(ସମିସ): ବୌଦ୍ଧ ବ୍ଲକ ତେତେଲେଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ରାଜକିଶୋର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ବୌଦ୍ଧ ବିଡ଼ିଓ ଯୁଗଳକିଶୋର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ।

## ଚାଷୀଙ୍କୁ ବିହନ ବଣ୍ଟନ

ଶଗଡ଼ା, ୨୧।୧୨(ସମିସ): ବୌଦ୍ଧ ଜିଲ୍ଲା ବଘିଆପଡ଼ା ପାଲଝାରସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂଗଠନ କୁମରକେଲି ସହଯୋଗରେ ତୈଳବୀଜ ଫସଲକୁ ଅଗ୍ରାଧିକାର ଦେଇ ଯୋଗିନ୍ଦ୍ରପୁର ପଞ୍ଚାୟତର ରାବିଡ଼ି, ଡିମିରିମୁଣ୍ଡା, ବାନ୍ଧନଝୁଲି ଓ ଖଟଖଟିଆ ପଞ୍ଚାୟତର କୁମରକେଲି, ବ୍ରାହ୍ମଣୀ ଗ୍ରାମର ଚାଷୀମାନଙ୍କୁ ବିହନ ବଣ୍ଟନ କରାଯାଇଥିଲା। ଚଳିତ ରବି ଋତୁରେ ତୈଳବୀଜ ଜାତୀୟ ଫସଲ ଚାଷ କରି ଖାଇବା ତେଲର ଅଭାବ ସମସ୍ୟା ଦୂର କରିବା ପାଇଁ ଏହି ବଣ୍ଟନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ତୈଳବୀଜ ଫସଲକୁ ଅଗ୍ରାଧିକାର ଦେଇ ୨୦ ଏକର ସୋରିଷ ଚାଷ ଓ ୧୦ ଏକର ଚିନାବାଦାମ ଚାଷ ପାଇଁ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି। ଚାଷୀଙ୍କୁ ବିନା ମୂଲ୍ୟରେ ଯୋଗାଇ ଏହି ବିହନ ଯୋଗାଇ ଦିଆଯାଇଛି। କୃଷି ବିଭାଗ ଦ୍ୱାରା ଧାନ ଚାଷ ଅମଳ ହେଲା ପରେ ଜମିକୁ ପଡ଼ିଆ ନ ରଖିବା ପାଇଁ ଏହି ବିହନ ଯୋଗାଇ ଦିଆଯାଇଛି।

## ୨୯ତମ ସର୍ବ ଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍
# କୋଲକାତାକୁ ହରାଇ ଝାଡ଼ଖଣ୍ଡ ଚାମ୍ପିଅନ

ବୀରମହାରାଜପୁର, ୨୧।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଜେଜେସିସି ଆନୁକୂଲ୍ୟରେ ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟଅତିଥି ଏବଂ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି କଳ୍ପତରୁ ମହାକୁର, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ଏକ ମହିଳା ପ୍ରଦର୍ଶନୀ




ମ୍ୟାଚ କରାଯାଇଥିଲା। ଶ୍ରୀଲତା କ୍ରିକେଟ ଏକାଡେମୀ କୋଲକତା (ୱେଷ୍ଟବେଙ୍ଗଲ) ଓ ବିଦ୍ୟାସାଗର କ୍ରିକେଟ ଏକାଡେମୀ ଝାଡ଼ଖଣ୍ଡ ମଧ୍ୟରେ ହୋଇଥିଲା। ମ୍ୟାଚ ଟି ତିନୋଟି ଫର୍ମାଟରେ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୬୩ ରନ୍ କରିଥିଲା। ଦଳର ଅଞ୍ଜଳି ହେମ୍ବ୍ରମ ୧୮ ଓ ଅଞ୍ଜଳି କୁମାରୀ ୧୪ ରନ କରିଥିଲେ। ବିପକ୍ଷ କୋଲକତାର ପ୍ରୀତି ତିୱାରୀ ୩ ଟି ଉଇକେଟ ନେଇଥିଲେ। ଜବାବରେ କୋଲକତା ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୬୧ ରନ୍ କରିଥିଲା। ଦଳର ଲକ୍ଷ୍ମୀ ପୂର୍ତ୍ତି ୧୯ ଓ ମୋନିକା ସୋରେନ ୧୩ରନ କରିଥିଲେ। ବିପକ୍ଷ ଝାଡଖଣ୍ଡର ଅବନୀ କୁମାରୀ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୨୬ ରନ୍ କରିଥିଲା। ଜବାବରେ କୋଲକତା ୫ ଓଭରରେ ୨ ଉଇକେଟ ହରାଇ ୨୭ ରନ୍ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର -୨ ଓଭର ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ୨ ଓଭରରେ ୧୪ ରନ୍ କରିଥିବା ବେଳେ କୋଲକତା ୧୧ ରନ୍ କରିଥିଲା। ଫଳରେ ଝାଡ଼ଖଣ୍ଡ ଦଳ ୨-୧ ରେ ବିଜୟୀ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସରପଞ୍ଚ ସୂର୍ଯ୍ୟ ନନ୍ଦ, ଡ. ସୁନୀଲ କର, ପୂର୍ବତନ ସମିତିସଭ୍ୟ ଚିତ୍ତ ରଞ୍ଜନ ସାହୁ, କଳ୍ପତରୁ ମହାକୁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଝାଡଖଣ୍ଡର ଅଞ୍ଜଳି ହେମ୍ବ୍ରମଙ୍କୁ ମ୍ୟନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥରାଶି ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଆମ୍ପାୟର ଶ୍ୟାମ ସୁନ୍ଦର ପଣ୍ଡା ଓ ବିଶ୍ୱଜିତ ପୁରୋହିତ ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଏବଂ ମାନସ ନନ୍ଦ, ଆଶିଷ ଦେଓ, ହୃଷୀକେଶ ଚାନ୍ଦ, ପ୍ରାଣବନ୍ଧୁ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ଦିନ ଏସଡିସିଏ ସୋନପୁର ଓ ସ୍ୱାର୍ଟନ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୮୪୩- ଦେବେନ୍ଦ୍ରନାଥ ଟାଗୋର ବ୍ରାହ୍ମ ସମାଜରେ ଯୋଗ ଦେଲେ।
- ୧୮୫୧- ରୁଡ଼କୀରୁ ଚାଲିଲା ଦେଶର ପ୍ରଥମ ମାଲଗାଡ଼ି।
- ୧୮୫୩- ରାମକୃଷ୍ଣ ପରମହଂସଙ୍କ ପତ୍ନୀ ଶାରଦା ଦେବୀଙ୍କ ଜନ୍ମ।
- ୧୯୦୧- ଶାନ୍ତିନିକେତନରେ ଖୋଲିଲା ବ୍ରହ୍ମଚର୍ଯ୍ୟ ଆଶ୍ରମ।
- ୧୯୭୧- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

# ଜାତୀୟ ଗଣିତ ଦିବସ



ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତାକୁ ହୃଦ୍‌ବୋଧ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି। ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଏହା ଜନ୍ମ ଦିବସ। ୨୦୧୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ଶ୍ରୀନିବାସ ରାମାନୁଜନ୍‌ଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରିବା ଅବସରରେ ତାଙ୍କର ଜନ୍ମଦିବସକୁ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ। ସେହିଦିନଠାରୁ ଡିସେମ୍ବର ୨୨କୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଇ ଆସୁଅଛି। ଗଣିତର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ରାମାନୁଜନ୍ ୧୮୮୭ ମସିହା ଆଜିର ଦିନରେ ତାମିଲନାଡୁର କୋଏମ୍ବାଟୁରର ଇରୋଡ୍‌ରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ତାଙ୍କର ଗଣିତ ପ୍ରତି ଦୁର୍ବଳତା ଥିଲା। ଏପରିକି ୧୨ ବର୍ଷରୁ ସେ 'କୋଏମ୍ବାଟୁରର ବିସ୍ମୟ ବାଳକ' ଭାବେ ପରିଚୟ ଲାଭ କରିଥିଲେ। ତାଙ୍କର ଅଧିକାଂଶ ସମୟ ଗଣିତ ପଢ଼ିବା ତଥା କଷିବାରେ ଅତିବାହିତ ହେଉଥିଲା। ଏଥିପାଇଁ ଅନ୍ୟାନ୍ୟ ବିଷୟରେ ସେ କମ୍ ମାର୍କ ରଖୁଥିଲେ। ସେହିପରି ସେ ୧୨ ବର୍ଷ ବୟସରୁ ତ୍ରିକୋଣମିତିରେ ପାରଦର୍ଶିତା ହାସଲ କରିଥିଲେ। ରାମାନୁଜନ୍ ବିଶ୍ୱପ୍ରସିଦ୍ଧ ବ୍ରିଟିଶ୍ ଗଣିତଜ୍ଞ ହାର୍ଡିଙ୍କ ସହ ପତ୍ରାଳାପ କରି ତାଙ୍କ ପ୍ରତିଭାର ପରିଚୟ ଦେବା ସହ ତାଙ୍କ ଅନୁଗ୍ରହରୁ ମାଡ୍ରାସ ଏବଂ ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି ପାଇ ଅଧ୍ୟୟନର ସୁବିଧା ହାସଲ କରିପାରିଲେ। ରାମାନୁଜନ୍ ଇଂଲଣ୍ଡରେ ପାଞ୍ଚ ବର୍ଷ ରହିଥିଲେ। ସେହି ସମୟ ଭିତରେ ସେ ପ୍ରକାଶ କରିଥିଲେ ଅତି ଉଚ୍ଚମାନର ଗବେଷଣା ଆଧାରିତ ୨୧ଟି ମୌଳିକ ଗଣିତ ପ୍ରବନ୍ଧ। ଗାଣିତିକ ବିଶ୍ଳେଷଣ, ସଂଖ୍ୟାତତ୍ତ୍ୱ, ଅନନ୍ତକ୍ରମ ଇନ୍‌ଫାଇନାଇଟ୍ ସିରିଜ୍, ଆବୃତ୍ତ ଭଗ୍ନାଂଶ ବା କଣ୍ଟିନ୍ୟୁଡ୍ ଫ୍ରାକସନ ଇତ୍ୟାଦି କ୍ଷେତ୍ରରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ମାତ୍ର ସଂଖ୍ୟାତତ୍ତ୍ୱ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ। ଗଣିତ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୩୦ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଫେଲୋ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୬ ଏପ୍ରିଲ, ୧୯୨୦ରେ ମାତ୍ର ୩୨ ବର୍ଷ ବୟସରେ, ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଗଣିତ ଦିବସ ଅବସରରେ ଦେଶର ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନରେ ଗଣିତ ସହ ଜଡ଼ିତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ଏଥିସହ ମହାନ ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ଏବଂ ଗଣିତ ପ୍ରତି ତାଙ୍କ ଅବଦାନ ବାବଦରେ ଆଲୋକପାତ କରାଯାଏ।

# 'ବାରାଣସୀ' ଦେଖିବାକୁ ଆଗ୍ରହୀ 'ଅବତାର' ନିର୍ଦ୍ଦେଶକ


'ବାହୁବଳି', 'ଆର୍‌ଆର୍‌ଆର୍' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ ତାଙ୍କ ଫିଲ୍ମ 'ବାରାଣସୀ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। 'ଆର୍‌ଆର୍‌ଆର୍' ଫିଲ୍ମର 'ନାଟୁ ନାଟୁ' ଗୀତକୁ ଓସ୍କାର ମିଳିବା ପରେ ରାଜମୌଳି ଏବେ ବିଶ୍ୱସ୍ତରର ଜଣେ ଫିଲ୍ମ ନିର୍ମାତା ପାଲଟି ଯାଇଛନ୍ତି। ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱୀରାଜ ସୁକୁମାରନଙ୍କ ଅଭିନୀତ ଏହି ଫିଲ୍ମକୁ ନେଇ 'ଅବତାର: ଫାୟାର ଆଣ୍ଡ ଆଶ୍' ନିର୍ଦ୍ଦେଶକ ଜେମସ୍ କ୍ୟାମରୁନ୍ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମର ପ୍ରଥମ ଝଲକ ରାମୋଜି ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପାଖାପାଖି ୫୦ ହଜାର ଲୋକ ଯୋଗ ଦେଇଥିଲେ। ଏବେ କ୍ୟାମରୁନ୍ ଏହି ଫିଲ୍ମକୁ ପରଦା ଉପରେ ଦେଖିବା ପାଇଁ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ଏପରିକି ଏହି ଫିଲ୍ମର ସୁଟିଂ ସେଟ୍‌କୁ ମଧ୍ୟ ସେ ଆସିବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। 'ଅବତାର ୩' ରିଲିଜ୍ ପୂର୍ବରୁ କ୍ୟାମରୁନ୍ ରାଜମୌଳିଙ୍କୁ ଭିଡିଓ କଲ୍ କରି ଭାରତ ଆସି 'ବାରାଣସୀ' ସେଟ୍‌କୁ ଦେଖିବା ପାଇଁ ଇଚ୍ଛା କରୁଥିବା କଥା କହିଥିଲେ। ରାଜମୌଳି ଏହା ଶୁଣି ଖୁସି ହେବା ସହ ସେ ଆସିଲେ ପୂରା ସିନେ ଇଣ୍ଡଷ୍ଟ୍ରୀ ତାଙ୍କର ସ୍ୱାଗତ କରିବ ବୋଲି କହିଥିଲେ। ଯେତେବେଳେ ସେ କୌଣସି ରୋମାଞ୍ଚକର ସିନ୍ ସୁଟ୍ କରିବେ ସେତେବେଳେ ତାଙ୍କୁ ଡାକିବା ପାଇଁ କ୍ୟାମରୁନ୍ ରାଜମୌଳିଙ୍କୁ କହିଥିଲେ।





## ଆଜି ଆସିଥିଲେ

# ପଲ୍ଲୀକବି ନନ୍ଦକିଶୋର



ଉତ୍କଳର ମାଟି, ପାଣି, ପବନକୁ ମନୋରମ ଛନ୍ଦରେ ଛନ୍ଦାୟିତ କରି କାବ୍ୟକବିତାର ରୂପ ଦେବାରେ ବେଶ୍ ଧୂରୀଣ ଥିଲେ ପଲ୍ଲୀକବି ନନ୍ଦକିଶୋର ବଳ। ତାଙ୍କ କବିତାରେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭଲପାଇବା ଏବଂ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ ମୁଖର ହୋଇଛି। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ସ୍ୱପ୍ନ ଥିଲା। ସେ ନିଜ ରଚନାରେ ପଲ୍ଲୀ ଜୀବନର ନିଖୁଣ ଚିତ୍ରକୁ ଏଭଳି ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ପାଠକ ମନରେ ପଲ୍ଲୀର ଛବିକୁ ଜୀବନ୍ତ କରିଦେଉଥିଲା। ଓଡ଼ିଶାର ଗାଁ ଗଣ୍ଡାର ପ୍ରାକୃତିକ ପରିବେଶ ଉପରେ ତାଙ୍କର ଅଧିକାଂଶ କବିତା ପର୍ଯ୍ୟବସିତ। ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଁରେ ୧୮୭୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ ଥିଲା। ତାଙ୍କ ବାଲ୍ୟଜୀବନ କୁସୁପୁରରେ ହିଁ କଟିଥିଲା। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୂର" ଉପାଧି ପ୍ରଦାନ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବାଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ପଲ୍ଲୀଚିତ୍ର', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ପଲ୍ଲୀକବିଙ୍କ କବିତାର ପ୍ରତିଟି ପୃଷ୍ଠାରେ ପଲ୍ଲୀ ଜୀବନଧାରା ଜୀବନ୍ତ ଭାବେ ପରିସ୍ଫୁଟ ହୋଇଥିଲା। ଓଡ଼ିଆ ସାହିତ୍ୟକୁ ତାଙ୍କ ବହୁବିଧ ସୃଷ୍ଟି ସମ୍ଭାର ପାଇଁ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ।

# ଗ୍ରହ ସହ ଅଙ୍ଗୁଳିର ସମ୍ବନ୍ଧ

**ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତର ପାଞ୍ଚ ଅଙ୍ଗୁଳିର ସମ୍ବନ୍ଧ କୌଣସି ନା କୌଣସି ଗ୍ରହ ସହ ସମ୍ବନ୍ଧ ରଖନ୍ତି। ଏହାର ଶୁଭାଶୁଭ ପ୍ରଭାବ ମଧ୍ୟ ଜୀବନରେ ପଡ଼ିଥାଏ।**



**ବୁଢ଼ା ଅଙ୍ଗୁଳି:** ବୁଢ଼ା ଅଙ୍ଗୁଳିର ସମ୍ବନ୍ଧ ଶୁକ୍ର ଗ୍ରହ ସହ ଥାଏ। ଶୁକ୍ର ଗ୍ରହ ପ୍ରେମ, ସୌନ୍ଦର୍ଯ୍ୟ, ଧନ, ଐଶ୍ୱର୍ଯ୍ୟର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଭୌତିକ ସୁଖ ପ୍ରାପ୍ତ ହୁଏ। ଉତ୍ତମ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ତର୍କ ଶକ୍ତି ଥାଏ।

**ତର୍ଜନୀ ଅଙ୍ଗୁଳି:** ତର୍ଜନୀ ଅଙ୍ଗୁଳିର ସମ୍ବନ୍ଧ ଗୁରୁ ଗ୍ରହ ସହିତ ରହିଛି। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଲୋକେ ଧର୍ମ-କର୍ମରେ ସାମିଲ ହୁଅନ୍ତି। ଏଭଳି ଲୋକ ବହୁତ ବୁଦ୍ଧିମାନ ହୋଇଥାନ୍ତି।

**ମଧ୍ୟମା ଅଙ୍ଗୁଳି:** ମଧ୍ୟମା ଅଙ୍ଗୁଳି ଉପରେ ଶନି ଗ୍ରହର ପ୍ରଭାବ ଥାଏ। ଶୁଭ ଗୁଣ ସହିତ ଏହି ଅଙ୍ଗୁଳି ଜଡ଼ିତ ଥିଲେ ବ୍ୟକ୍ତି ସଂଗୀତପ୍ରେମୀ ହୋଇଥାନ୍ତି। ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତି ଥାଏ। ଏଭଳି ଲୋକେ ପ୍ରାଣୀପ୍ରେମୀ ବି ହୋଇଥାନ୍ତି।

**ଅନାମିକା ଅଙ୍ଗୁଳି:** ଅନାମିକା ଅଙ୍ଗୁଳି ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଥାଏ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ, ବ୍ୟକ୍ତି ସମାଜରେ ସମ୍ମାନ ପ୍ରାପ୍ତ କରନ୍ତି। ଏଭଳି ଲୋକେ ବହୁତ ମହତ୍ତ୍ୱାକାଂକ୍ଷୀ ହୋଇଥାନ୍ତି ଏବଂ ଅଧିକ ଧନ ଉପାର୍ଜନ କରନ୍ତି।

**କନିଷ୍ଠା ଅଙ୍ଗୁଳି:** ଏହି ଅଙ୍ଗୁଳିର ସମ୍ବନ୍ଧ ବୁଧ ଗ୍ରହ ସହିତ ଅଛି। ବୁଧ ଗ୍ରହ ବୁଦ୍ଧି, ବାଣୀ ଓ ପଢ଼ାର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ପଢ଼ାଲେଖାରେ ମନୋନିବେଶ କରନ୍ତି। ଏଭଳି ଲୋକ ପ୍ରଫେସର, ସାହିତ୍ୟକାର ହୋଇଥାନ୍ତି। ବୁଦ୍ଧି ସହିତ ଜଡ଼ିତ କାମରେ ସଫଳତା ଲାଭ କରନ୍ତି।

## ସ୍ୱସ୍ତି

# ରୋଷେଇ ଜିନିଷ ବାରମ୍ବାର ପଡୁଥିଲେ...

**ରୋଷେଇ ଘରେ ଥିବା ଜିନିଷ ବାରମ୍ବାର ପଡ଼ିବା ବାସ୍ତୁ ଦୋଷ ଏବଂ ଗ୍ରହର ଦୁର୍ବଳ ସ୍ଥିତିର ସଙ୍କେତ ପ୍ରଦାନ କରିଥାଏ। ବାରମ୍ବାର ଏଭଳି ହେବାକୁ ଅଶୁଭ ବୋଲି କୁହାଯାଏ। ଏହାଦ୍ୱାରା ପରିବାରର ସମୃଦ୍ଧି ପ୍ରଭାବିତ ହୁଏ।**

- ବାରମ୍ବାର ରୋଷେଇ ଘରେ ଲୁଣ ପଡ଼ିବା ଗ୍ରହର ସ୍ଥିତି ଦୁର୍ବଳକୁ ଇଙ୍ଗିତ କରେ। ଏହାର ପ୍ରଭାବ, ଧନ, ସୌଭାଗ୍ୟ, ପାରିବାରିକ ଶାନ୍ତି ଉପରେ ପଡ଼େ।
- ସେହିପରି ବାରମ୍ବାର ସୋରିଷ ତେଲ ପଡ଼ିବା ଶନି ଗ୍ରହ ସହିତ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ। ଏହାର ପ୍ରଭାବ ମାନସମ୍ମାନ ଏବଂ ଧନ ଉପରେ ପଡ଼େ।
- କ୍ଷୀର ଚନ୍ଦ୍ରର ପ୍ରତୀକ। ବାରମ୍ବାର କ୍ଷୀର ପଡ଼ିବା ଚନ୍ଦ୍ର ଦୁର୍ବଳ ସ୍ଥିତିରେ ଥିବା ସୂଚାଏ। ଏହାର ପ୍ରଭାବ ପରିବାରର ସୁଖ-ଶାନ୍ତି ଓ ସମୃଦ୍ଧି ଉପରେ ପଡ଼ିଥାଏ।
- ରୁଟି, ଅନ୍ନ ଆଦି ଅନ୍ୟାନ୍ୟ ରନ୍ଧା ଖାଦ୍ୟ ବାରମ୍ବାର ତଳେ ପଡ଼ିବାକୁ ଗୁରୁତର ବାସ୍ତୁ ଦୋଷ ବୋଲି କୁହାଯାଏ। ଏହା ଦରିଦ୍ରତା ଏବଂ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଅପମାନକୁ ଦର୍ଶାଏ।



# ମନ୍ଦିରରୁ ଫେରି ଗୋଡ଼ ଧୋଇବା ଗାଧୋଇବା ମନା

**ମନ୍ଦିର କେବଳ ପୂଜା କରିବାର ସ୍ଥାନ ନୁହେଁ, ବରଂ ଏହା ଶାନ୍ତି ଓ ସକାରାତ୍ମକ ଶକ୍ତି ପ୍ରଦାନ କରେ। ସୁଖ ତଥା ଶାନ୍ତି ଜୀବନ ଲାଗି ଲୋକେ ମନ୍ଦିରରେ ପ୍ରାର୍ଥନା କରନ୍ତି। ହେଲେ ମନ୍ଦିରରୁ ଫେରି ତୁରନ୍ତ ପାଦ ଧୋଇବା କିମ୍ବା ଗାଧୋଇବା ଭଲ ନୁହେଁ।**



ସାଧାରଣତଃ ମନ୍ଦିରରୁ ଫେରିବା ପରେ ଲୋକେ ଗୋଡ଼ ହାତ ଧୁଅନ୍ତି। ଏହା ଏକ ସାଧାରଣ ଅଭ୍ୟାସ। ତେବେ ଧାର୍ମିକ ଦୃଷ୍ଟିକୋଣରୁ ଏହା ଠିକ୍ ନୁହେଁ। ତେଣୁ ମନ୍ଦିରରୁ ତୁରନ୍ତ ଫେରିବା ପରେ ଗାଧୋଇବା ତଥା ଗୋଡ଼ ଧୋଇବା ଭଲ ନୁହେଁ। ଏହା ଦ୍ୱାରା ମନ୍ଦିରରୁ ମିଳିଥିବା ପବିତ୍ରତା ଏବଂ ସକାରାତ୍ମକ ଶକ୍ତି ହ୍ରାସ ପାଏ। କିଛି ସମୟ ସେହି ଶକ୍ତି ନିଜ ଭିତରେ ରଖିବା ପାଇଁ ଏଭଳି ନ କରିବାକୁ କୁହାଯାଇଛି। ମନ୍ଦିରରେ ପୂଜାପାଠର ପ୍ରଭାବ ସିଧା ଶରୀର ଓ ମନ ଉପରେ ପଡ଼ିଥାଏ। ମନ୍ଦିରରୁ ଯେଉଁ ଶକ୍ତି ମିଳେ, ତାହା କିଛି ସମୟ ପାଇଁ ଆମ ଆଖପାଖରେ ରହେ। ମନକୁ ଶାନ୍ତି ପ୍ରଦାନ କରେ। ତେବେ ମନ୍ଦିରରୁ ଫେରିବା ପରେ କିଛି ସମୟ ବସି ଠାକୁରଙ୍କ ଧ୍ୟାନ କରିବା ଉଚିତ। ଏହାଦ୍ୱାରା ମନ ଶାନ୍ତ ହୁଏ ଏବଂ ଦିନଟି ଭଲ ଭାବେ ବିତିଥାଏ। ଶାସ୍ତ୍ରରେ କୁହାଯାଇଛି ମନ୍ଦିରକୁ ଯିବା ପୂର୍ବରୁ ହାତ ଗୋଡ଼ ଧୋଇବା ଉଚିତ। ହେଲେ ସେଠାରୁ ଫେରିବା ପରେ ଏଭଳି କରିବା ଅନୁଚିତ। ଅନ୍ୟପକ୍ଷରେ ମନ୍ଦିରରୁ ଫେରି ତୁରନ୍ତ ପାଣିର ବ୍ୟବହାର ନ କରିବା ଭଲ।

# ଦକ୍ଷିଣ ଦିଗରେ ଲଗାନ୍ତୁ ହନୁମାନଙ୍କ ଫଟୋ



ହନୁମାନଙ୍କୁ ସଙ୍କଟମୋଚନ କୁହାଯାଏ। ତେବେ ବାସ୍ତୁ ଅନୁସାରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସମସ୍ତ ପ୍ରକାର ସଙ୍କଟ ଓ ବାଧା ଦୂର ହୁଏ। ଏହାଦ୍ୱାରା ସବୁ ପ୍ରକାର ନକାରାତ୍ମକ ଶକ୍ତି ମଧ୍ୟ ଘରୁ ଦୂର ହୋଇଥାଏ। ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ, ହନୁମାନଙ୍କ ଫଟୋ ଦକ୍ଷିଣ ଦିଗରେ ଲଗାଇବା ଉଚିତ। ଏହି ଦିଗରେ ହନୁମାନଙ୍କ ପ୍ରଭାବ ଅଧିକ ଥାଏ। ତେଣୁ ଏହି ଦିଗକୁ ଶୁଭ ବୋଲି ବିବେଚନା କରାଯାଏ। ଦକ୍ଷିଣ ଦିଗରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ। ତା'ସହ ବାସ୍ତୁ ଦୋଷ ଦୂର ହୁଏ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହେ। ସେହିପରି ମଙ୍ଗଳ ଦୋଷ ଦୂର ହୋଇ ଶୁଭ ପରିଣାମ ମିଳିଥାଏ। କେବଳ ସେତିକି ନୁହେଁ, ହନୁମାନଙ୍କ ଆଶୀର୍ବାଦ ଓ କୃପା ପ୍ରାପ୍ତି ହୁଏ। ଏହାବାଦ୍ ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହୁଏ। ଅନ୍ୟପକ୍ଷରେ ହନୁମାନଙ୍କ ଫଟୋ ଶୋଇବା ଘର ଏବଂ ରୋଷେଇ ଘରେ ଲଗାଇବା ଅନୁଚିତ।

**୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସମୀର ଶ୍ରେଷ୍ଠ ଖେଳାଳି**

## ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ

**ଦୁବାଇ,୨୧।୧୨(ଏଜେନ୍ସି):** ଓପନର ମିଥୁନ ମାନହାସଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ସମୀର ୧୧୩ ବଲ୍‌ରେ ୧୭୨ ରନ୍ କରିବା ଫଳରେ ପାକିସ୍ତାନ ଏହି ଫାଇନାଲକୁ ୧୯୧ ରନ୍‌ରେ ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୭ ରନ୍ କରିଥିଲା। ମିନ୍‌ହାସ ସର୍ବାଧିକ ୧୭୨ ରନ୍ କରିଥିଲେ। ଜବାବରେ ଭାରତ ୨୬.୨ ଓଭରରେ ମାତ୍ର ୧୯୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୧୦ ବ୍ୟାଟର ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ରନ୍ କରିଥିଲେ। ତାରକା ଖେଳାଳିଙ୍କ ମଧ୍ୟରେ ଓପନର ବୈଭବ ସୂର୍ଯ୍ୟବଂଶୀ ୧୦ବଲ୍‌ରେ ୨୬, ଅଧିନାୟକ ଆୟୁଷ ମାହାତ୍ରେ ୨, ଆରନ ଜର୍ଜ ୧୬, ବିହାନ ମାଲହୋତ୍ରା ୭ ବେଦାନ୍ତ ତ୍ରିବେଦୀ ୯ ଓ ଅଭିଜ୍ଞାନ କୁଣ୍ଡୁ ୧୩ ରନ୍ କରିଥିଲେ। ମାହାତ୍ରେଙ୍କ ସହ ଉଚ୍ଚବାଚ କରିଥିବା ଅଲି ରାଜା ସର୍ବାଧିକ ୪ଟି, ମହମ୍ମଦ୍ ସାୟମ, ଅବଦୁଲ ଶୁଭମ ୨ଟି ୱିକେଟ ନେଇଥିଲେ।

## ୧ ମିଲିୟନ ଜିତିବାରେ ୟଙ୍ଗ୍ ପ୍ରଥମ ସଟଲର୍

**ହାଙ୍ଗଝୋଉ, ୨୧।୧୨ (ଏଜେନ୍ସି):** ଦକ୍ଷିଣ କୋରିଆର ଆନ୍ ସି-ୟଙ୍ଗ ଚାଇନାରେ ଅନୁଷ୍ଠିତ ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ୟଙ୍ଗ୍ ୨୧-୧୩, ୧୮-୨୧, ୨୧-୧୦ ଗେମରେ ଘରୋଇ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ହରାଇଥିଲେ। ଏଥିସହ ବିଶ୍ୱର ଏକ ନମ୍ବର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ୟଙ୍ଗ୍‌ଙ୍କ ସିଜନର ଏହା ୧୧ତମ ଟାଇଟଲ୍ ଥିଲା। ସେହିଭଳି ୨୦୨୫ରେ ୟଙ୍ଗ ଜିତିଥିବା ୧୧ଟି ଟାଇଟଲ୍‌ରେ ମୋଟ୍ ୧ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୫ ଲକ୍ଷ) ପୁରସ୍କାର ରାଶି ଜିତିସାରିଛନ୍ତି। ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଗୋଟିଏ ସିଜନରେ ୧ ମିଲିୟନ ପୁରସ୍କାର ଜିତିବାରେ ୟଙ୍ଗ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି।

**ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ**

# ପ୍ରଥମ ଟି-୨୦ରେ ଭାରତର ବିଜୟ

ବିଶାଖାପାଟଣା,୨୧।୧୨(ଏଜେନ୍ସି)

ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ନିୟନ୍ତ୍ରିତ ପ୍ରଦର୍ଶନ ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମହିଳା ଟି-୨୦ ମୁକାବିଲାରେ ଭାରତ ୮ ୱିକେଟରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏହିଠାରେ ଆସନ୍ତା ୨୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୨୧ ରନ୍ କରିଥିଲା। ଜବାବରେ ଜେମିମାଙ୍କ ଅପରାଜିତ ୬୯ ରନ୍ ସହାୟତାରେ ଭାରତ ୧୪.୪ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ଓପନର ସ୍ମୃତି ମନ୍ଧାନା (୪୦୦୭) ପ୍ରଥମ ଭାରତୀୟ ଓ ସମସ୍ତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସ (୪୭୧୬) ପରେ ବିଶ୍ୱରେ ଦ୍ୱିତୀୟ ଖେଳାଳିଭାବେ ୪,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ଭାରତ ଆଗରେ ଭ୍ରମଣକାରୀ ଶ୍ରୀଲଙ୍କା ୧୨୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୩ ରନ୍‌ରେ ଶେଫାଳି ବର୍ମା (୯) ଓ ୯ମ ଓଭରରେ ସ୍ମୃତି ମନ୍ଧାନା (୨୫)ଙ୍କ ୱିକେଟ ହରାଇଥିଲା।



ଏହା ପରେ ଜେମିମାଙ୍କ ସହ ମିଶି ହରମନପ୍ରୀତ୍ କୌର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ଜେମିମା ଦ୍ୱିତୀୟ ୱିକେଟ ଭାଗୀଦାରିରେ ମନ୍ଧାନାଙ୍କ ସହ ୪୧ବଲ୍‌ରୁ ୫୪ ଓ ତୃତୀୟ ୱିକେଟରେ ହରମନପ୍ରୀତ୍‌ଙ୍କ ସହ ୩୯ ବଲ୍‌ରୁ ୫୫ ରନ୍ ଉଠାଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ଜେମିମା ୪୪ବଲ୍ ଖେଳି ୧୦ ଚୌକା ସହ ୬୯ ଓ ହରମନପ୍ରୀତ୍ ୧୬ ବଲ୍‌ରୁ ୧୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏଠାରେ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ଟସ୍ ଜିତିବା ପରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ଭାରତୀୟ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଆଗରେ ଶ୍ରୀଲଙ୍କାର କୌଣସି ବ୍ୟାଟର ହାତଖୋଲା ସଟ୍ ଖେଳିବାକୁ ସମର୍ଥ ହୋଇ ନ ଥିଲେ। କେବଳ ଓପନର ଭିଷ୍ମି ଗୁଣରତ୍ନେ ଦୃଢ଼ତାର ସହ ବ୍ୟାଟିଂ କରି ୪୩ବଲ୍‌ରୁ ସର୍ବାଧିକ ୩୯ ରନ୍ କରିଥିଲେ। ସେ ଦ୍ୱିତୀୟ ୱିକେଟ ଭାଗୀଦାରିରେ ହାସିନୀ ପରେରାଙ୍କ ସହ ୩୮ ବଲ୍‌ରୁ ୩୧ ଓ ତୃତୀୟ ୱିକେଟରେ ହର୍ଷିତା ମାଦଭୀଙ୍କ ସହ ୩୬ ବଲ୍‌ରୁ ୩୮ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ।

**୪୦୦୦ ରନ୍ ପୂରଣରେ ମନ୍ଧାନା ପ୍ରଥମ ଭାରତୀୟ**

ଭାରତ ପକ୍ଷରୁ ଦୁଇ ସ୍ପିନର ଦୀପ୍ତି ଶର୍ମା ଓ ଡେବ୍ୟୁଟାଣ୍ଟ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା କଞ୍ଜୁସ ବୋଲିଂ କରିଥିଲେ। ଦୀପ୍ତି ତାଙ୍କ ୪ ଓଭର ସ୍ପେଲ୍‌ରେ ୨୦ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲାବେଳେ ବୈଷ୍ଣବୀ ୧୬ରନ୍ ଦେଇଥିଲେ ମଧ୍ୟ କୌଣସି ୱିକେଟ ପାଇ ନ ଥିଲେ। ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ଓ ଶ୍ରୀ ଚରଣିଙ୍କୁ ଆଉ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଭାରତୀୟ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ୩ଜଣ ବ୍ୟାଟର ଭିଷ୍ମି, ନିଳାକ୍ଷୀ ଡି ସିଲ୍‌ଭା (୮) ଓ କାଭିସା ଦିଲହାରୀ (୬) ରନ୍‌ଆଉଟ ହୋଇଥିଲେ।

**ଆସେସ୍ ସିରିଜ; ଇଂଲଣ୍ଡର ହ୍ୟାଟ୍ରିକ୍ ପରାଜୟ**

# ଅଷ୍ଟ୍ରେଲିଆ ୩-୦ରେ ଆଗୁଆ

**ଆଡିଲେଡ୍, ୨୧।୧୨ (ଏଜେନ୍ସି):** ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଚଳିତ ଆସେସ୍ ସିରିଜର ତୃତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ୮୨ ରନରେ ବିଜୟୀ ହୋଇଛି। ୪୩୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଇଂଲଣ୍ଡ ରବିବାର ଅନ୍ତିମ ତଥା ୫ମ ଦିବସରେ ୩୫୨ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଓପନର୍ ଜ୍ୟାକ୍ କ୍ରାଲୀ ଓ ଜେମି ସ୍ମିଥ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପ୍ରଥମ ପାଳିରେ ଶତକ ଓ ଦ୍ୱିତୀୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ଆଲେକ୍ସ କାରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଦଳ ଏଥିସହ ୩-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ୪ର୍ଥ ମୁକାବିଲା



ଡିସେମ୍ବର ୨୬ରୁ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହେବ। ୪୩୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ବେନ୍ ଷ୍ଟୋକ୍ସଙ୍କ ଇଂଲଣ୍ଡ ଦଳ ଶନିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ୍‌ରେ ୨୦୭ ରନ କରିଥିଲା। ରବିବାର ଏହି ଅସମାପ୍ତ ସ୍କୋରରୁ ଦ୍ୱିତୀୟ ପାଳି ଆରମ୍ଭ କରି ଇଂଲଣ୍ଡ ନିମ୍ନକ୍ରମରେ ଲଢ଼େଇ କରିଥିଲେ ମଧ୍ୟ ହାର ମାନିଥିଲା। ନିମ୍ନକ୍ରମରେ ୱିକେଟକିପର ସ୍ମିଥ ୬୦, ୱିଲ୍ ଜ୍ୟାକ୍ସ ୪୭ ଓ ବ୍ରାଇଡନ କ୍ରାସ ଅପରାଜିତ ୩୯ ରନ କରିଥିଲେ କିଛିଟା ଲଢ଼େଇ କରିଥିଲେ। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

**ଘରୋଇ ମାଟିରେ ଅପରାଜେୟ**

ଏଠାରେ ୩-୦ରେ ଆଗୁଆ ସିରିଜ ବିଜୟ ହେବା ସହ ଅଷ୍ଟ୍ରେଲିଆ ଦଳ ଏହାର ଅପରାଜେୟଧାରାକୁ ୧୨ ବର୍ଷ ହେବ ବଜାୟ ରଖିବାରେ ସଫଳ ହୋଇଛି। ଘରୋଇ ପରିବେଶରେ ଖେଳିଥିବା ଶେଷ ୪ଟି ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ଯଥାକ୍ରମେ ୫-୦ (୨୦୧୩-୧୪), ୪-୦ (୨୦୧୭-୧୮), ୪-୦ (୨୦୨୧-୨୨) ଏବଂ ୩-୦ରେ ଅଗ୍ରଣୀ (ଚଳିତ ସିରିଜ)ରେ ଟ୍ରଫି ବଜାୟ ରଖିଛି।

**କାରୀଙ୍କ କୀର୍ତ୍ତିମାନ**

ଅଷ୍ଟ୍ରେଲିଆ ୱିକେଟକିପର ଆଲେକ୍ସ କାରୀ ଏହି ୩ୟ ଟେଷ୍ଟରେ ଉଭୟ ପାଳିରେ ଯଥାକ୍ରମେ ୧୦୬ ଓ ୭୨ ରନ କରିଥିଲେ। ସେହିଭଳି ୱିକେଟ୍ ପଛରେ ସେ ୭ଟି ଡିସ୍‌ମିସାଲ ମଧ୍ୟ କରି ମ୍ୟାଚର ଶ୍ରେଷ୍ଠ ପୁରସ୍କାର ହାତେଇ ନେଇଥିଲେ। ଆସେସ ସିରିଜର କୌଣସି ଏକ ଟେଷ୍ଟରେ ଜଣେ ୱିକେଟ୍‌କିପର ମ୍ୟାଚର ଶ୍ରେଷ୍ଠ ଖେଳାଳି ହେବାରେ ଏହା ୩ୟ ଘଟଣା। ଏଥିପୂର୍ବରୁ ୧୯୯୭ରେ ଇଆନ ହେଲୀ ଓ ୨୦୦୧ରେ ଆଦାମ ଗିଲକ୍ରିଷ୍ଟ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଟାର୍ଗେଟ୍ ୪୬୨; ୱେଷ୍ଟଇଣ୍ଡିଜ ୪୩/୦

**ମାଉଣ୍ଟ ମାଉଙ୍ଗନୁଇ, ୨୧।୧୨ (ଏଜେନ୍ସି):** ଘରୋଇ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଅନ୍ତିମ ତଥା ୩ୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୪୬୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୧୬ ଓଭରରେ କୌଣସି ୱିକେଟ୍ ନ ହରାଇ ୪୩ ରନ ସଂଗ୍ରହ କରିଛି। ସୋମବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ। ୱେଷ୍ଟଇଣ୍ଡିଜକୁ ବିଜୟ ଲାଗି ୯୦ ଓଭରରେ ୪୧୯ ରନର ଏକ କଷ୍ଟସାଧ୍ୟ ଲକ୍ଷ୍ୟ ରହିଛି। ସିରିଜରେ ୧-୦ରେ ପଛୁଆ ରହିଥିବା ୱେଷ୍ଟଇଣ୍ଡିଜ ଯଦି ଏଠାରେ ବିଜୟୀ ହୁଏ ତେବେ ଡ୍ର ରହିବ। ପୂର୍ବରୁ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଡ୍ର ରହିଥିବାବେଳେ ନ୍ୟୁଜିଲାଣ୍ଡ ୨ୟ ଟେଷ୍ଟକୁ ୯ ୱିକେଟ୍‌ରେ ବିଜୟୀ ହୋଇଥିଲା।

**ଇତିହାସରେ ୧୦ମ ଖେଳାଳି**

ନ୍ୟୁଜିଲାଣ୍ଡର ଓପନର୍ ଡେଭନ କନ୍‌ୱେ ଦମ୍‌ଦାର ବ୍ୟାଟିଂ କରି ନିଜ ନାମକୁ ରେକର୍ଡ ବୁକ୍‌ରେ ଲିପିବଦ୍ଧ କରିଛନ୍ତି। ପ୍ରଥମ ପାଳିରେ ୨୨୭ ରନ କରିଥିବା କନୱେ ଦ୍ୱିତୀୟ ପାଳିରେ ମଧ୍ୟ ଶତକ ମାରିଛନ୍ତି। ଫଳରେ ଟେଷ୍ଟ ଇତିହାସର ୧୦ମ ଖେଳାଳି ଭାବେ କନୱେ ଗୋଟିଏ ମ୍ୟାଚରେ ଦ୍ୱିଶତକ ଓ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଟମ୍ ଲଥାମ ମଧ୍ୟ ଏହି ମ୍ୟାଚର ଉଭୟ ପାଳି (୧୩୭ ଓ ୧୦୧ ରନ)ରେ ଶତକ ହାସଲ କରିଛନ୍ତି। ଉଭୟ ପାଳିରେ ଶତକ ହାସଲ କରିବାରେ ଲାଥମ ୬ଷ୍ଠ ନ୍ୟୁଜିଲାଣ୍ଡ ଖେଳାଳି ହୋଇଛନ୍ତି।

## ଗଣ୍ଡରପୁର କପ୍ ଜିତିଲା ମା’ ମଙ୍ଗଳା

**ଭୁବନେଶ୍ୱର, ୨୧।୧୨ (ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଉତ୍ତର ଭୁବନେଶ୍ୱରର ଗଣ୍ଡପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ରବିବାର ୩ଟି ବିଭାଗରେ ଫାଇନାଲ ଖେଳାଯାଇଥିଲା। ସହରାଞ୍ଚଳ ବିଭାଗର ଫାଇନାଲରେ ଢେଙ୍କାନାଳର ମା’ ମଙ୍ଗଳା ଦଳ ୨-୦ ଗୋଲରେ ଜଗା ୟୁନାଇଟେଡ୍ (ଭୁବନେଶ୍ୱର)କୁ ପରାସ୍ତ କରି ଟ୍ରଫି ଜିତିଥିଲା। ଚାମ୍ପିଅନ ଦଳ ମା ମଙ୍ଗଳାକୁ ଟ୍ରଫି ସହ ୭୫ ହଜାର ଟଙ୍କା ଓ ରନର୍ସଅପ୍ ଜଗା ୟୁନାଇଟେଡକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଗ୍ରାମାଞ୍ଚଳ-ଏ ବିଭାଗରେ ମା ମଙ୍ଗଳା (ଗୋଠପୁର) ଟ୍ରାଇବ୍ରେକରରେ ୫-୪ ଗୋଲରେ ପ୍ରତାପ କ୍ଲବ (ପ୍ରତାପନଗରୀ)କୁ ହରାଇ ଚାମ୍ପିଅନ ହେବା ସହ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲା। ରନର୍ସଅପ୍ ପ୍ରତାପ କ୍ଲବ ୭୫ ହଜାର ଟଙ୍କା ହାସଲ କରିଥିଲା। ଅପରପକ୍ଷରେ ଗ୍ରାମାଞ୍ଚଳ-ବି ବିଭାଗରେ କୃଷକ ବନ୍ଧୁ କ୍ଲବ ଟାଇଟଲ୍ ହାସଲ କରିଛି। ଫାଇନାଲରେ କୃଷକ ବନ୍ଧୁ ଦଳ ୧-୦ ଗୋଲରେ ବାରଙ୍ଗ ବାୟାର ଦଳକୁ ପରାସ୍ତ କରିଥିଲା। ଏହି ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ଦିଆଯାଇଥିଲା।




ସେହିଭଳି ସହରାଞ୍ଚଳ ବିଭାଗ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଦିଲ୍ଲୀପ ଦେହୁରୀ ଏବଂ ଗ୍ରାମାଞ୍ଚଳ-ଏ ବିଭାଗର ଅଜିତ ରାଉତ ପୁରସ୍କାର ବାବଦକୁ ‘ପଲସର୍’ ଗାଡ଼ି ପାଇଥିଲେ। ଗ୍ରାମାଞ୍ଚଳ-ବି ବିଭାଗର ଶ୍ରେଷ୍ଠ ଖେଳାଳି ରାଜାଙ୍କୁ ଏକ ଇଲେକ୍ଟ୍ରି ବାଇକ ଦିଆଯାଇଥିଲା।

ଫାଇନାଲରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲକ ପ୍ରସାଦ ମହାପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଦୂତୀ ଚାନ୍ଦ, ପ୍ରତାପ ଚନ୍ଦ୍ର ରାଉତ, ଅନୁପ ଖୁଣ୍ଟିଆ ଓ ପିଙ୍କି ସ୍ୱାଇଁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

## ମେସିଙ୍କ ଲାଗି ୧୦୦ କୋଟି

**କୋଲକାତା,୨୧।୧୨(ଏଜେନ୍ସି):** କିଂବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ଭାରତ ଗସ୍ତ ଲାଗି ୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରୁ ମେସି ୮୯ କୋଟି ଟଙ୍କା ନେଇଛନ୍ତି ଓ ଭାରତ ସରକାର ଟିକସ ଆକାରରେ ୧୧ କୋଟି ଟଙ୍କା କାଟି ରଖିଛନ୍ତି। ଏହି ଅର୍ଥର ୩୦ ପ୍ରତିଶତ ପ୍ରାୟୋଜକ, ୩୦ ପ୍ରତିଶତ ଟିକଟରୁ ମିଳିଥିଲା ବୋଲି ତଦନ୍ତକାରୀ ସଂସ୍ଥାକୁ ମୁଖ୍ୟ ଆୟୋଜକ ଶତଦ୍ରୁ ଦତ୍ତ ଜଣାଇଛନ୍ତି। ଦତ୍ତଙ୍କ ଆକାଉଣ୍ଟରୁ ୨୦ କୋଟି ଟଙ୍କା ମେସିଙ୍କୁ ଦିଆଯାଇଛି। ଏହି ଅର୍ଥ କେଉଁଠୁ ଆସିଲା ତାହାର ତଦନ୍ତ କରାଯାଉଛି।

## ନୀଳାବ୍‌ଜାଙ୍କୁ ଦ୍ୱିତୀୟ ପଦକ


**ଭୁବନେଶ୍ୱର,୨୧।୧୨(ସମିସ):** ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ସନ୍ତରଣରେ କିଟ୍ ଡିମ୍‌ଡ ୟୁନିଭର୍ସିଟିକୁ ଗୋଟିଏ ପଦକ ମିଳିଥିଲାବେଳେ ଭଲିବଲ୍‌ର ଉଭୟ ପୁରୁଷ ଓ ମହିଳା ଦଳ ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି ୫୦ ମିଟର ବଟରଫ୍ଲାଏରେ ନୀଳାବ୍‌ଜା ଘୋଷ କାଂସ୍ୟ ଜିତିବା ପରେ ଆଜି ରବିବାର ଅନୁଷ୍ଠିତ ୫୦ ମିଟର ଫ୍ରିଷ୍ଟାଇଲରେ ତୃତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ କାଂସ୍ୟ ପଦକ ଜିତିଛନ୍ତି। ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟାଙ୍କା ପ୍ରଧାନ ୬ଷ୍ଠ ଓ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌କୁ ଚତୁର୍ଥ ସ୍ଥାନ ମିଳିଛି।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଓପନ୍ ଶିଶୁ ଚେସ୍**

## ଆଦୀଶା, ଦିବ୍ୟା, ଆଦିତ୍ୟ, ପ୍ରାଂଶୁ ଚାମ୍ପିଅନ









**ଭୁବନେଶ୍ୱର,୨୧।୧୨(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଓ ପ୍ରୟାସ ଚେସ୍ ଏକାଡେମୀର ମିଳିତ ସହଯୋଗରେ ଚତୁର୍ଥ ଅରାତି ବିଜୟ ମହାନ୍ତି ଓପନ ଶିଶୁ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୪ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୮ ବର୍ଷରୁ କମ୍ ବିଭାଗରେ ପୋଖରୀପୁଟ ଡିଏଭି ସ୍କୁଲ୍‌ର ଆଦୀଶା କାନୁନଗୋ ଚାମ୍ପିଅନ, ଲୟଲା ସ୍କୁଲ୍‌ର ଦେବାଂଶୀ ସାହୁ ରନର୍ସଅପ୍, ୧୦ ବର୍ଷରୁ କମ୍ ବିଭାଗରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦିବ୍ୟା ଦୃଷ୍ଟି ଶତପଥୀ ଚାମ୍ପିଅନ, ସେଣ୍ଟ ଆର୍ଣ୍ଣୋଲ୍ଡ ସ୍କୁଲ୍‌ର ଅନୀଶା ଆଚାର୍ଯ୍ୟ ରନର୍ସ ଅପ୍, ୧୨ ବର୍ଷରୁ କମ୍ ବିଭାଗରେ କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟ ଜେନା ଚାମ୍ପିଅନ୍ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ରନର୍ସ ଅପ୍, ୧୪ ବର୍ଷରୁ କମ୍ ବିଭାଗରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୂର୍ଯ୍ୟାଂଶ ସାହୁ ରନର୍ସ ଅପ୍ ହୋଇଥିଲେ।

ଖେଳ ଶେଷରେ ଆସ୍ୱାୟାର ହସ୍ପିଟାଲର ସିନିଅର ଅଙ୍କୋଲୋଜିଷ୍ଟ ଡାକ୍ତର ଅମିତାଭ ଜେନା ମୁଖ୍ୟ ଅତିଥି, ସିନିଅର ପାଇଥାଲୋଜିଷ୍ଟ ଡାକ୍ତର ରଶ୍ମି ପଟ୍ଟନାୟକ ଓ ଓଡ଼ିଶା ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ପ୍ରୟାସ ଚେସ୍ ଏକାଡେମୀର ନିର୍ଦ୍ଦେଶକ ସୃଜନ ପ୍ରଣୟୀ ରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

**ସଦାଶିବ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଉଦ୍‌ଯାପିତ**

# ସାଇ ଇଲେଭେନ୍ ଚାମ୍ପିଅନ, ତମାଣ୍ଡୋ ରନର୍ସଅପ୍

ଭୁବନେଶ୍ୱର,୨୧।୧୨(ସମିସ)

ଭୁବନେଶ୍ୱରର ସାଇ ଇଲେଭେନ୍ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାପୁର ବ୍ଲକ୍ ଅନ୍ତର୍ଗତ ନାଳିସାଗର ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲ ଖେଳରେ ସାଇ ଇଲେଭେନ୍ ୧୧୫ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫତେଗଡ୍ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାଇ ଇଲେଭେନ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୫୩ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୪.୩ ଓଭରରେ ୧୩୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ବ୍ୟାଟର




ଆଦିତ୍ୟ ରାଉତ ୬୦ବଲ୍‌ରେ ୧୪ ଚୌକା ଓ ୯ ଛକା ସହ ୧୧୫ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେ ମଧ୍ୟ କ୍ରମାଗତ ଶତକ ହାସଲ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଥିଲେ। ଦଳର ଫାଷ୍ଟ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ।

ଖେଳ ଶେଷରେ ମଧ୍ୟପ୍ରଦେଶ ରାଜ୍ୟସଭା ସାଂସଦ ତଥା ଉଜ୍ଜୟିନୀ ପୀଠାଧୀଶ ବାଲଯୋଗୀ ଉମେଶନାଥ ମହାରାଜ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ପ୍ରଦୀପ ସାହୁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଶିଷ୍ଟ କ୍ରିକେଟ କୋଚ୍ କିଶୋର ମାଣିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ତମାଣ୍ଡୋ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳାଇ ଧାରାବିବରଣୀ ପ୍ରଦାନ କରିଥିଲେ।

**ମୁକ୍ତେଶ୍ୱର କପ୍**

## ଗ୍ରୀନ୍ସ ଏକାଡେମୀ, ଆଇଆଇସି ବିଜୟୀ

**ଭୁବନେଶ୍ୱର, ୨୧।୧୨ (ସମିସ):** ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁକ୍ତେଶ୍ୱର କପ୍‌ରେ ରବିବାର ଦୁଇଟି କ୍ୱାଲିଫାୟର ମ୍ୟାଚ୍ ଖେଳାଯାଇଛି। ଏଥିରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଆଇଆଇସି ଦଳ ୧୫ ରନରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘକୁ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ମୁକାବିଲାରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୮ ୱିକେଟ୍‌ରେ ବିଶ୍ୱଭାରତୀ କ୍ରିକେଟ୍ କ୍ଲବକୁ ପରାସ୍ତ କରିଛି । ଆଇଆଇସିର ରାଜବୀର ସାମନ୍ତରାୟ (୩ ୱିକେଟ୍) ଓ ଓମ୍ ସାହୁ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ। .

‘ନନ୍ଦିଘୋଷ ଟିଭି’
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୂନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS